



ଅକ୍ଷୟଙ୍କ 'ଜଙ୍ଗ୍‌ଲୀ' ଲୁକ୍

▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-321 ◆WEDNESDAY ◆20 MAY 2026 ◆PAGE-12 ◆₹ 7.00

BHUBANESWAR

◆ବର୍ଷ-୪୩ ◆ସଂଖ୍ୟା-୩୨୧ ◆ବୁଧବାର ◆୨୦ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଆଜି ପ୍ରକାଶ ପାଇବ +୨ ପରୀକ୍ଷା ଫଳ



■ ଭୁବନେଶ୍ୱର, ୧୯।୫ (ସମିସ): ଆସନ୍ତାକାଲି ଅର୍ଥାତ୍ ବୁଧବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶ ପାଇବ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ଏକାବେଳେ ପ୍ରକାଶ ପାଇବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରେ ପରୀକ୍ଷାଫଳ ପୁସ୍ତିକାକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉନ୍ମୋଚନ କରିବେ। ଅପରାହ୍ଣ ୩ଟାରେ ୱେବସାଇଟ୍‌ରେ ରେଜଲ୍ଟ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ https://results.odisha.gov.in ଓ https://results.digilocker.gov.in ୱେବସାଇଟ୍‌ରେ ନିଜ ରୋଲ ନମ୍ବର ଓ ଜନ୍ମ ତାରିଖ ଦେଇ ପରୀକ୍ଷାଫଳ ଦେଖିପାରିବେ। ଏହାସହ ସାମସ୍ ଇ-କଲେଜ ସ୍ପେସ୍‌ରେ ମଧ୍ୟ ପରୀକ୍ଷାଫଳ ଉପଲବ୍ଧ ହେବ। ପ୍ରାୟ ୪ଲକ୍ଷ ପରୀକ୍ଷାର୍ଥୀ ରେଜଲ୍ଟ ପ୍ରକାଶକୁ ନେଇ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

**ମଧ୍ୟାହ୍ନ ସାଢ଼େ ୧୨ରେ ରେଜଲ୍ଟ ପୁସ୍ତିକା ଉନ୍ମୋଚନ**

**ଅପରାହ୍ଣ ୩ରେ ୱେବସାଇଟ୍‌ରେ ହେବ ଉପଲବ୍ଧ**

## ଆଜି ସାରା ରାଜ୍ୟରେ ଔଷଧ ଦୋକାନ ବନ୍ଦ




■ ଭୁବନେଶ୍ୱର, ୧୯।୫ (ସମିସ): ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ଆସନ୍ତାକାଲି ଓଡ଼ିଶା ସମେତ ସାରା ଭାରତରେ ଔଷଧ ଦୋକାନ ବନ୍ଦ ରହିବ। କେବଳ ଓଡ଼ିଶାର ଥିବା ୩୦୦୦୦ରୁ ଅଧିକ ଔଷଧ ଦୋକାନ ବନ୍ଦ ରହିବା ନେଇ ପୂର୍ବରୁ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ(ୟୁସିଡିଏ) ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରରିପେକ୍ଷୀରେ ରୋଗୀ ଓ ସାଧାରଣ ଜନତା ଯେପରି ଜରୁରୀକାଳୀନ ଜୀବନରକ୍ଷାକାରୀ ଔଷଧ ପାଇବାରେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ, ସେଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

ଡ୍ରଗ୍ସ କଣ୍ଟ୍ରୋଲରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ରାଜ୍ୟର ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଥିବା 'ନିରାମୟ କେନ୍ଦ୍ର' ଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିବେ ଏବଂ ରୋଗୀଙ୍କୁ ମାଗଣା ଔଷଧ ବିତରଣ କରିବେ। ଏହାସହିତ ସମସ୍ତ ହସ୍ପିଟାଲ୍ ପରିସରରେ ଥିବା ଔଷଧ ଦୋକାନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଏବଂ ୨୪ ଘଣ୍ଟିଆ ଖୋଲା ରହୁଥିବା ଇନ୍-ହାଉସ୍ ଫାର୍ମାସୀ ଗୁଡ଼ିକୁ ବାଧ୍ୟତାମୂଳକ ଭାବେ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ବଜାରରେ କୃତ୍ରିମ ଅଭାବ କିମ୍ବା କଳାବଜାରୀ ରୋକିବା ପାଇଁ ସମସ୍ତ ଡ୍ରଗ୍ସ ▶ପୃଷ୍ଠା-୭

## ପେଟ୍ରୋଲ, ଡିଜେଲ ଦର ପୁଣି ବଢ଼ିଲା

■ ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଗତ ଶୁକ୍ରବାର ଦେଶବ୍ୟାପୀ ତେଲ ଦରରେ ୩ ଟଙ୍କା ବୃଦ୍ଧି ହେବାର ଠିକ୍ ୫ ଦିନ ପରେ, ସୋମବାର ତେଲ କମ୍ପାନୀଗୁଡ଼ିକ ପୁଣିଥରେ ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ାଇଛନ୍ତି। ଚଳିତ ସପ୍ତାହରେ ଦ୍ୱିତୀୟ ଥର ପାଇଁ ତେଲ ଦର ଲିଟର ପିଛା ପ୍ରାୟ ୯୦ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।



**୫ ଦିନରେ ଦ୍ୱିତୀୟ ଥର**

ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୭ ପଇସା ବଢ଼ି ୯୮.୬୪ ଟଙ୍କା ଏବଂ ଡିଜେଲ ୯୧ ପଇସା ବଢ଼ି ୯୧.୫୮ ଟଙ୍କା ହୋଇଛି। କୋଲକାତାରେ ପେଟ୍ରୋଲ ଦର ସବୁଠାରୁ ଅଧିକ ୯୬ ପଇସା ବୃଦ୍ଧି ପାଇ ୧୦୯.୭୦ ଟଙ୍କା ଏବଂ ଡିଜେଲ ୯୪ ପଇସା ବଢ଼ି ୯୬.୦୭ ଟଙ୍କା ହୋଇଛି। ସେହିପରି ଚେନ୍ନାଇରେ ପେଟ୍ରୋଲ ୮୨ ପଇସା ବୃଦ୍ଧି ସହ ୧୦୪.୪୯ ଟଙ୍କା ଏବଂ ଡିଜେଲ ୮୬ ପଇସା ବୃଦ୍ଧି ପାଇ ୯୬.୧୧ ଟଙ୍କା ହୋଇଛି। ଏହା ସହିତ ଦିଲ୍ଲୀରେ ସିଏନଜି ଦର ମଧ୍ୟ କିଲୋଗ୍ରାମ ପିଛା ୨ ଟଙ୍କା ବୃଦ୍ଧି ପାଇ ୮୭ ଟଙ୍କାରେ ପହଞ୍ଚିଛି। ସେହିଭଳି ଭୁବନେଶ୍ୱରରେ ପେଟ୍ରୋଲ ଦାମ ଲିଟର ପିଛା ୧୦୫ ଟଙ୍କା ୨୬ ପଇସାକୁ ବୃଦ୍ଧି ପାଇଛି।

### ଘରୁ ଯୁବକଙ୍କୁ ଟେକିନେଲେ ୨୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ

## ଗାଁ ଦାଣ୍ଡରେ ଖଣ୍ଡଖଣ୍ଡ କରିଦେଲେ

■ ତିଗିରିଆ/ବଡ଼ମ୍ବା, ୧୯।୫ (ସମିସ): ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ଗାଁ ଦାଣ୍ଡରେ ହାଣି ଖଣ୍ଡଖଣ୍ଡ କରିଦେଲେ। ପରେ ପ୍ରମାଣ ଲୁଚାଇବା ପାଇଁ ଖଣ୍ଡବିଖଣ୍ଡିତ ମୃତଦେହକୁ ବସ୍ତାରେ ପୂରାଇ ଜଙ୍ଗଲ ଭିତରେ ଜାଳିଦେଲେ। ଖାଲି ସେତିକି ନୁହେଁ, ଅଧାପୋଡ଼ା ମୃତଦେହର ଅବଶିଷ୍ଟାଂଶ ଏବଂ ହାଡ଼ ଓ ପାଉଁଶକୁ ସେହି ଜଙ୍ଗଲ ମଧ୍ୟରେ ମାଟି ତଳେ ପୋତିଦେଲେ। କଟକ ଜିଲ୍ଲା ଅଧୀନ ବଡ଼ମ୍ବା ବ୍ଲକ୍ ମାଣିଆବନ୍ଧ ଥାନା ଅଧୀନ ତାଳମୁଣ୍ଡଳି ଗ୍ରାମରେ ଏପରି ଏକ ନୃଶଂସ ହତ୍ୟାକାଣ୍ଡ ଘଟିଛି। ଗତ ୧୦ ତାରିଖରେ ଏହି ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ



**ବସ୍ତାରେ ଶବ ପୂରାଇ ଜଙ୍ଗଲରେ ପୋଡ଼ିଥିଲେ**

**୧୦ ଦିନ ପରେ ଜଙ୍ଗଲରୁ ହାଡ଼ ଓ ପାଉଁଶ ଜବତ**

**୨୫ ଅଭିଯୁକ୍ତ ଗିରଫ; ତାଳମୁଣ୍ଡଳି ପୁରୁଷଶୂନ୍ୟ**

ପୁଲିସ୍ ଆଜି ୨୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଜି କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିନିତ ଅଗ୍ରୱାଲ ତିଗିରିଆ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

ମୃତକ ହେଲେ, ତାଳମୁଣ୍ଡଳି ଗ୍ରାମ ହରିଜନସାହିର ଶ୍ୱେତ ବେହେରାଙ୍କ ପୁଅ ଟିକନ ବେହେରା (୩୦)। ସୂଚନାନୁସାରେ, ଟିକନ ଗାଁରେ ଗୁଣିଗାରେଡ଼ି କରୁଥିବା ନେଇ ଗ୍ରାମର କିଛି ଗୋଷ୍ଠୀ ସନ୍ଦେହ କରିଥିଲେ। ଏହି ଆକ୍ରୋଶ ରଖି ଗତ ୧୦ ତାରିଖରେ ଗ୍ରାମର ପ୍ରକାଶ ଦେଉରୀ, ଜୟୀ ଦେଉରୀ, ହଡ଼ା ବେହେରା ଓ ଆକାଶଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସ୍ପଷ୍ଟ ଦିବାଲୋକରେ ଟିକନଙ୍କୁ ତାଙ୍କ ଘରୁ ବାହାରକୁ ଡାକି ଆଣିଥିଲେ। କିଛି ବୁଝିବା ପୂର୍ବରୁ ସମସ୍ତେ ମିଳିମିଶି ଘର ସମ୍ମୁଖରେ ହିଁ ବିଭିନ୍ନ ▶ପୃଷ୍ଠା-୭

### ଅରାଜକତାକୁ ନେଇ ନବୀନଙ୍କ କ୍ଷୋଭ

## ରାଜ୍ୟରେ ବିଜେପି ଶାସନ ନୁହେଁ; ଗୁଣ୍ଡାରାଜ ଚାଲିଛି

■ ଭୁବନେଶ୍ୱର, ୧୯।୫ (ସମିସ): ବ୍ରହ୍ମପୁର ସହରରେ ଦିନକତଳେ ଜଣେ ଯୁବକ ଓ ଯୁବତୀଙ୍କୁ ରାସ୍ତା ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶାରେ ବିଜେପି ଶାସନ ନୁହେଁ; ବରଂ ଗୁଣ୍ଡାରାଜ୍ ଚାଲିଛି ବୋଲି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କ୍ଷୋଭ ପ୍ରକାଶ କରିଛନ୍ତି ନବୀନ।

ନବୀନ କହିଛନ୍ତି ଯେ ବ୍ରହ୍ମପୁରର ବିଚ୍ ରାସ୍ତାରେ ଜଣେ ଯୁବକ ଏବଂ ମହିଳାଙ୍କୁ ସର୍ବସମ୍ମୁଖରେ ଅତି ନିର୍ମମ ଭାବେ ପିଟି ପିଟି ମରଣାନ୍ତକ ଆକ୍ରମଣ କରାଯିବାର ଦୃଶ୍ୟ ଅତ୍ୟନ୍ତ ଅମାନୁଷିକ। ସାରା ଓଡ଼ିଶାବାସୀଙ୍କୁ ଏହା ଆତଙ୍କିତ ଓ ବିଚଳିତ କରିଛି। ଲାଗୁଛି ବିଜେପି ସରକାର ଓଡ଼ିଶାକୁ ଅପରାଧୀଙ୍କ ହାତକୁ ଟେକି ଦେଇଛି। ଭୟଶୂନ୍ୟ ହୋଇ ଅପରାଧୀମାନେ ଅତ୍ୟନ୍ତ ନୃଶଂସ କାଣ୍ଡ ଘଟାଉଛନ୍ତି। ରାଜ୍ୟରେ ଅରାଜକତାର ଏପରି ଭୟଙ୍କର ଚିତ୍ର ଅତ୍ୟନ୍ତ ସ୍ପର୍ଶକାତର। ପୁଲିସ ପ୍ରଶାସନ ଓ ▶ପୃଷ୍ଠା-୭



**ସରକାର ରାଜ୍ୟକୁ ଅପରାଧୀଙ୍କ ହାତକୁ ଟେକି ଦେବା ପରି ଲାଗୁଛି**

### ଭୁବନେଶ୍ୱରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ

## ଜୁନ୍ ୧ରୁ 'କ୍ଷେତ ବଞ୍ଚାଅ' ଅଭିଯାନ



**ନକଲି ସାର ଓ ବିହନ ବିକିଲେ କଠୋର କାର୍ଯ୍ୟାନୁଷ୍ଠାନ:କେନ୍ଦ୍ରମନ୍ତ୍ରୀ**

**ସମ୍ମିଳନୀର ନିଷ୍କର୍ଷ ପୂର୍ବ ଭାରତକୁ ଆତ୍ମନିର୍ଭରଶୀଳ କରିବ: ମୁଖ୍ୟମନ୍ତ୍ରୀ**

■ ଭୁବନେଶ୍ୱର, ୧୯।୫ (ସମିସ): ଦେଶରେ ନୂତନ କୀଟନାଶକ ଅଧିନିୟମ ଅଣାଯିବ। 'ଇନସେକ୍ଟିସାଇଡ୍ ଆକ୍ଟ-୧୯୬୮'କୁ ସଂଶୋଧନ କରି କଠୋର ଦଣ୍ଡ ବିଧାନ ବ୍ୟବସ୍ଥା କରାଯିବ। ଚାଷ ପାଇଁ ମାଟିର ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେଇ ନକଲି ବା ନିମ୍ନମାନର ସାର ଓ କୀଟନାଶକ ବିକ୍ରି କରୁଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବ ଭାରତର କୃଷି ବିକାଶ ପାଇଁ ଭୁବନେଶ୍ୱରରେ ଅନୁଷ୍ଠିତ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ।

ଶ୍ରୀ ଚୌହାନ କହିଛନ୍ତି ଯେ କୃଷି କ୍ଷେତ୍ରର ଉନ୍ନତି ପାଇଁ ୫ଟି ମୁଖ୍ୟ ଲକ୍ଷ୍ୟ ଉପରେ ସରକାର କାମ କରୁଛନ୍ତି। ଖାଦ୍ୟ ସୁରକ୍ଷା ସହିତ ପୋଷଣ ସୁରକ୍ଷା, ଚାଷୀଙ୍କ ଆୟ ବୃଦ୍ଧି, ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ ଚାଷୀଙ୍କୁ ଉତ୍ପାଦର ସଠିକ ମୂଲ୍ୟ ପ୍ରଦାନ କରିବାକୁ ଗୁରୁତ୍ୱାରୋପ କରାଯାଉଛି। ରାଜ୍ୟ-ରାଜ୍ୟ ଓ ଜିଲ୍ଲା-ଜିଲ୍ଲା ମଧ୍ୟରେ ଥିବା ଉତ୍ପାଦନ ଗତିର ଅସମାନତାକୁ ଦୂର କରିବା ପାଇଁ ଉନ୍ନତ ବିହନ ଏବଂ ଆଧୁନିକ କୃଷି ପ୍ରଣାଳୀ ଉପଯୋଗ ଉପରେ ଜୋର ଦିଆଯିବ। ପ୍ରତି ରାଜ୍ୟର ମାଟି ଓ ଜଳବାୟୁ ଅନୁସାରେ ସ୍ୱତନ୍ତ୍ର "କୃଷି ରୋଡମ୍ୟାପ୍' ପ୍ରସ୍ତୁତ କରାଯିବ। ଓଡ଼ିଶାରେ ଆମ୍ବ ଓ ଚିନାବାଦାମ ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ନମ୍ବର-୧ ହେବା ପାଇଁ ଅପାର ▶ପୃଷ୍ଠା-୭

## ଅସମ୍ଭାଳ ତାତି, ଅସହ୍ୟ ଗୁଳୁଗୁଳି



**୪୫ ଛୁଇଁବ ତାପମାତ୍ରା**

■ ଭୁବନେଶ୍ୱର, ୧୯।୫ (ସମିସ): ରାଜ୍ୟରେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ସୋମବାର ତୁଳନାରେ ମଙ୍ଗଳବାର ତାତିର ପ୍ରଭାବ ଆହୁରି ବଢ଼ିଥିବା ବେଳେ ଗୁଳୁଗୁଳି ମଧ୍ୟ ପୂର୍ବବତ୍ ଜାରି ରହିଛି। ଆଜି ରାଜ୍ୟର ୧୭ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରେକର୍ଡ ହୋଇଛି। ୪୪.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ତତଲା ସହର ପାଲଟିଛି। ସେହିପରି ସମ୍ବଲପୁରରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅନୁଗୁଳରେ ୪୩.୬, ତାଳଚେର ଓ ବୌଦ୍ଧରେ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ ହୋଇଛି। ତାତି ସାଙ୍ଗକୁ ବାୟୁମଣ୍ଡଳରେ ଆର୍ଦ୍ରତା ଉପକୂଳବର୍ତ୍ତୀ ଜିଲ୍ଲାରେ ନାହିଁ ନ ଥିବା ଗୁଳୁଗୁଳି ଜାରି ରହିଛି।


ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି, ଉତ୍ତର-ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ବା ଗରମ ପବନ ଓ ମେଘ ମୁକ୍ତ ଆକାଶ ପାଇଁ ତାପମାତ୍ରା ବଢୁଛି। ଗୁରୁଚାପ ଓ ବାୟୁ ଚଳାଚଳକୁ ନେଇ କାଳବୈଶାଖୀ ▶ପୃଷ୍ଠା-୭

## ଧମକ ପରେ ଅଟକିଲେ ଟ୍ରମ୍ପ

### 'ଆରବ ରାଷ୍ଟ୍ରଙ୍କ ଅନୁରୋଧ ଯୋଗୁଁ ଇରାନ ଆକ୍ରମଣ ସ୍ଥଗିତ'



■ ୱାଶିଂଟନ/ତେହରାନ, ୧୯।୫ (ଏଜେନ୍ସି): ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରିବାକୁ ଧମକ ଦେଇଥିଲେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ମଙ୍ଗଳବାର ଆକ୍ରମଣ କରିବାକୁ ସେ ଯୋଜନା କରିଥିଲେ। ମାତ୍ର ଆରବ ଦେଶର ପ୍ରମୁଖ ନେତାମାନଙ୍କ ଅନୁରୋଧ ଏବଂ ଚାଲିଥିବା ଶାନ୍ତି ଆଲୋଚନାକୁ ସୁଯୋଗ ଦେବା ପାଇଁ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିଥିବା ସୂଚନା ଦେଇଛନ୍ତି ଟ୍ରମ୍ପ। ଏହି ଆଲୋଚନା ବିଫଳ ହେଲେ ଇରାନ ବିରୋଧରେ ଏକ ବଡ଼ ଧରଣର ଆକ୍ରମଣ କରାଯିବ ବୋଲି ଟ୍ରମ୍ପ ପୁନର୍ବାର ଚେତାବନୀ ଦେଇଛନ୍ତି। ଯୁଦ୍ଧବିରତି ଚାଲିଥିବା ବେଳେ ଇରାନ ଉପରେ ଆକ୍ରମଣ ଯୋଜନାକୁ ଦ୍ୱିତୀୟ ଥର ଲାଗି ସ୍ଥଗିତ ରଖିବାକୁ ଘୋଷଣା କରିଛନ୍ତି। ପ୍ରଥମେ ମଧ୍ୟସ୍ଥି ପାକିସ୍ତାନ୍‌ର ଅନୁରୋଧ ରକ୍ଷା କରି ଗତମାସ ଆକ୍ରମଣ ଯୋଜନା ସ୍ଥଗିତ ରଖିଥିବା କହିଥିଲେ ଟ୍ରମ୍ପ। ଟ୍ରମ୍ପଙ୍କ ଏଭଳି ଘୋଷଣାକୁ ନେଇ ଭିନ୍ନ ଆଲୋଚନା ହେଉଛି। ଇରାନ ଉପରେ ଆଉ ଆକ୍ରମଣ ନକରିବା ଲାଗି ଟ୍ରମ୍ପ ଏଭଳି ପାକିସ୍ତାନ ଓ ଆରବ ରାଷ୍ଟ୍ରର ବାହାନା ଖୋଜୁଛନ୍ତି ବୋଲି କୁହାଯାଉଛି। ଟ୍ରମ୍ପ ସାମାଜିକ ଗଣମାଧ୍ୟମ ▶ପୃଷ୍ଠା-୭



**ଗଣମାଧ୍ୟମର କଣ୍ଠରୋଧ**

## ସତ କହିଲେ ମହାପାପ !

### ନୟାଗଡ଼ରେ 'ସକାଳ' ପୋଡ଼ି; ସାମ୍ବାଦିକଙ୍କ ନାମରେ ମିଛ ମାମଲା

■ ଭୁବନେଶ୍ୱର, ୧୯।୫ (ସମିସ): ସତ ସହଜରେ ଅନେକଙ୍କୁ ହଜମ ହୁଏ ନାହିଁ। ସତକୁ ମହାପାପ ଓ ସତ କହୁଥିବା ଲୋକଙ୍କୁ ମହାପାପୀ ବୋଲି ମଣନ୍ତି। ଗଣତନ୍ତ୍ରରେ ଗଣମାଧ୍ୟମକୁ ସାଧାରଣ ଜନତାଙ୍କ ସ୍ୱର କୁହାଯାଉଥିଲେ ହେଁ ନିର୍ଭିକ ସ୍ୱରକୁ ଚାପି ଦେବାକୁ ରାଜନୈତିକ ଷଡ଼ଯନ୍ତ୍ର ହେଉଛି। ସତ୍ୟ ଲୋକଲୋଚନକୁ ଆଣୁଥିବା ଗଣମାଧ୍ୟମ ପ୍ରତିନିଧି ଷଡ଼ଯନ୍ତ୍ରର ଶିକାର ହେଉଛନ୍ତି। ନୟାଗଡ଼ ଜିଲ୍ଲାରେ ଘଟିଛି ଅନୁରୂପ ଘଟଣା। ବିଭିନ୍ନ ଅଭିଯୋଗରେ ଗିରଫ ଦୁଇ ବ୍ୟକ୍ତିଙ୍କ ସମର୍ଥନରେ ତାଙ୍କର ପୃଷ୍ଠପୋଷକ କୁହାଯାଉଥିବା କିଛି ରାଜନୈତିକ ବ୍ୟକ୍ତିବିଶେଷ ନୟାଗଡ଼ରେ



**ଖବରକାଗଜ ପୋଡ଼ି ଘଟଣାକୁ ବିଭିନ୍ନ ମହଲରେ ବିରୋଧ**

**ତୀବ୍ର ନିନ୍ଦାକଲେ ସାଂସଦ ମାନସ ମଙ୍ଗରାଜ**

'ସକାଳ' ସମ୍ବାଦପତ୍ର ପୋଡ଼ିଛନ୍ତି ଓ ଜିଲ୍ଲା ପ୍ରତିନିଧି ଅନୀଲ ପଣ୍ଡାଙ୍କ ନାମରେ ମିଛ ମାମଲା ରୁଜୁ କରିଛନ୍ତି। ନୟାଗଡ଼ରେ ଗତ କିଛିଦିନ ହେଲା ଚାଲିଥିବା ଘଟଣାକ୍ରମ ଓ ଅନ୍ୟାନ୍ୟ ପ୍ରସଙ୍ଗରେ 'ସକାଳ'ରେ ନିୟମିତ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକ ନୟାଗଡ଼ ଜିଲ୍ଲା ପ୍ରତିନିଧିଙ୍କୁ ନିଶାଣ କରିଥିଲେ। ସାମାଜିକ ଗଣମାଧ୍ୟମରେ ତାଙ୍କ ପରିବାର ବିରୋଧରେ ▶ପୃଷ୍ଠା-୭


## ଥାନାରେ ପୁଲିସକୁ ଆକ୍ରମଣ



■ ଭୁବନେଶ୍ୱର, ୧୯।୫ (ସମିସ): ସାଇବର ମାଫିଆଙ୍କ ସପକ୍ଷରେ ଥାନା ଘେରଉ ବେଳେ ବିଜେପି ନେତା ପୁଲିସକୁ ମାଡ଼ ମାରିବାକୁ ଉଦ୍ୟମ କରିଥିବା ଏକ ଭିଡିଓ ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭାଇରାଲ ଭିଡିଓରେ ପୁଲିସ ଏସ୍‌ଆଇ ପ୍ରମୋଦ କୁମାର ଭୋଇଙ୍କ ଉପରକୁ ମୁଥ ମାରିବାକୁ ବିଜେପି ନେତା ଉଦ୍ୟମ କରିବା ଦେଖାଯାଇଛି। ବିଜେପି ନେତା ଓ କର୍ମୀ ▶ପୃଷ୍ଠା-୭

## ବ୍ରିକ୍ସ ସମ୍ମିଳନୀ: ସେପ୍ଟେମ୍ବରରେ ଭାରତ ଆସିବେ ପୁଟିନ

ନୂଆଦିଲ୍ଲୀ, ୧୯ ।୫(ଏଜେନ୍ସି): ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆସନ୍ତା ସେପ୍ଟେମ୍ବର ମାସରେ ଭାରତ ଗସ୍ତରେ ଆସିବେ । ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଆଗାମୀ ବ୍ରିକ୍ସ (ବ୍ରାଜିଲ, ରୁଷ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକା) ସମ୍ମିଳନୀରେ ସେ ଯୋଗଦେବେ ବୋଲି ସୂଚନା ମିଳିଛି । ଦକ୍ଷିଣ ଆଫ୍ରିକାରେ ଥିବା ରୁଷ ଦୂତାବାସ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି । ରୁଷ ଦୂତାବାସ ନିଜର ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ପ୍ରକାଶ କରିଛି ଯେ, ଆସନ୍ତା ସେପ୍ଟେମ୍ବର ୧୨ ଏବଂ ୧୩ ତାରିଖରେ ନୂଆଦିଲ୍ଲୀରେ ଏହି ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ । ରୁଷର ପ୍ରମୁଖ ସରକାରୀ ସହଯୋଗୀ ୟୁରି ଉଶାକୋଭ ମଧ୍ୟ ନିଶ୍ଚିତ କରିଛନ୍ତି ଯେ ରାଷ୍ଟ୍ରପତି ପୁଟିନ ଭାରତର ରାଜଧାନୀରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିବେ । ବର୍ତ୍ତମାନର ବିଶ୍ୱ ରାଜନୀତି ଏବଂ ବିଭିନ୍ନ ଆଞ୍ଚଳିକ ଉତ୍ତେଜନା ମଧ୍ୟରେ ପୁଟିନଙ୍କ ଏହି ଭାରତ ଗସ୍ତକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି ଏବଂ ଆର୍ଥିକ ଭାଗିଦାରୀକୁ ସୁଦୃଢ଼ କରିବା ପାଇଁ ଏହି ବୈଠକରେ ଆଲୋଚନା ହେବ । ତେବେ ପୁଟିନଙ୍କ ଏହି ଗସ୍ତ ସମୟରେ ଅନ୍ୟ ଦେଶର ନେତାମାନଙ୍କ ସହ ହେବାକୁ ଥିବା ଦ୍ୱିପାକ୍ଷିକ ଆଲୋଚନା ଏବଂ ତାଙ୍କର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ସମ୍ପର୍କରେ ଅଧିକ ସୂଚନା ମିଳିବା ବାକି ଅଛି ।



## ହାଇକୋର୍ଟ ବିଚାରପତିଙ୍କ ଅବମାନନା ମାମଲା, କେଜ୍ରିୱାଲଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୧୯ ।୫(ଏଜେନ୍ସି): ଦିଲ୍ଲୀ ଅବକାରୀ ନୀତି (ମଦ ଦୁର୍ନୀତି) ମାମଲାରେ ବିଚାରପତିଙ୍କ ବିରୁଦ୍ଧରେ ସୋସିଆଲ ମିଡିଆରେ ଅଭିଯାନ ଚଲାଇବା ଅଭିଯୋଗରେ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଦିନ ଆମ ଆଦମୀ ପାର୍ଟି ନେତା ଅରବିନ୍ଦ କେଜ୍ରିୱାଲ, ମନୀଷ ସିସୋଦିଆ, ସଞ୍ଜୟ ସିଂହ ଏବଂ ଅନ୍ୟମାନଙ୍କୁ କ୍ରିମିନାଲ କୋର୍ଟ ଅବମାନନା ନୋଟିସ୍ ଜାରି କରିଛନ୍ତି । ଜଷ୍ଟିସ ନବୀନ ଚାୱଲା ଏବଂ ଜଷ୍ଟିସ ରବୀନ୍ଦ୍ର ଦୁଦେଜାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆପ୍ ନେତାମାନଙ୍କୁ ଆଗାମୀ ୪ ସପ୍ତାହ ମଧ୍ୟରେ ନିଜର ପକ୍ଷ ରଖି ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ ବିଚାରପତି ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କ ଆଚରଣ ଉପରେ ପ୍ରଶ୍ନ ଉଠାଇ କେଜ୍ରିୱାଲ ଏବଂ ଅନ୍ୟ ନେତାମାନେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଏହାକୁ ଅପମାନଜନକ ଏବଂ କୋର୍ଟଙ୍କ ସମ୍ମାନ ହାନି ବୋଲି ଦର୍ଶାଇ ଜଷ୍ଟିସ ଶର୍ମା ନିଜେ ଏହି ଅବମାନନା ପ୍ରକ୍ରିୟା ଆରମ୍ଭ କରିଥିଲେ । ମଦ ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ କେଜ୍ରିୱାଲ ଓ ଅନ୍ୟ ୨୨ ଜଣଙ୍କୁ ଦୋଷମୁକ୍ତ କରିଥିଲେ, ଯାହା ବିରୁଦ୍ଧରେ ସିବିଆଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଆପ୍ ନେତାମାନେ ଜଷ୍ଟିସ ଶର୍ମାଙ୍କ ଉପରେ ପକ୍ଷପାତିତାର ଅଭିଯୋଗ ଆଣିବା ସହ ତାଙ୍କ କୋର୍ଟରେ ହାଜର ନହେବାକୁ ଜିଦ୍ ଧରିଥିଲେ । ବର୍ତ୍ତମାନ ଜଷ୍ଟିସ ଶର୍ମା ସିବିଆଇ ମାମଲାକୁ ଅନ୍ୟ ଏକ ବେଞ୍ଚକୁ ସ୍ଥାନାନ୍ତର କରିଛନ୍ତି ।

## ପଞ୍ଜାବୀ ଗାୟିକା ଇନ୍ଦର କୌରଙ୍କ ମୃତଦେହ କେନାଲରୁ ଉଦ୍ଧାର

ଲୁଧିଆନା, ୧୯ ।୫(ଏଜେନ୍ସି): ଲୁଧିଆନାର ମୁଣ୍ଡିଆଁ କଲାଁ ଅଞ୍ଚଳର ଜଣାଶୁଣା ୨୯ ବର୍ଷୀୟା ପଞ୍ଜାବୀ ଗାୟିକା ଯଶିନ୍ଦର କୌର (ଇନ୍ଦର କୌର) ବନ୍ଧୁକ ମୁନରେ ଅପହରଣ ହେବାର ୫ ଦିନ ପରେ, ମଙ୍ଗଳବାର ଦିନ କୁବା ଗ୍ରାମ ନିକଟସ୍ଥ ନିଲୋଁ କେନାଲରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି ।



କେନାଲଠାରୁ ପ୍ରାୟ ୧ କିଲୋମିଟର ଦୂରରେ ପୋଲିସ ଗାୟିକାଙ୍କ ଫୋର୍ଡ ଫିଗୋ କାର୍ ଉଦ୍ଧାର କରିଛି, ଯେଉଁଥିରେ ରକ୍ତ ଦାଗ ମିଳିଛି । ପ୍ରାଥମିକ ତଦନ୍ତ ଅନୁଯାୟୀ, କାର୍ ଭିତରେ ତାଙ୍କୁ ହତ୍ୟା କରାଯିବା ପରେ ଶବକୁ କେନାଲରେ ଫିଙ୍ଗି ଦିଆଯାଇଛି । ପୋଲିସ ସୂଚନା ଅନୁଯାୟୀ, ମୋଗାର ସୁଖବିନ୍ଦର ସିଂ (ସୁଖା) ନାମକ ଜଣେ ଯୁବକଙ୍କ ସହ ଇନ୍ଦର କୌରଙ୍କ ପୂର୍ବରୁ ସମ୍ପର୍କ ଥିଲା, କିନ୍ତୁ ପରେ ସେମାନେ ଅଲଗା ହୋଇଯାଇଥିଲେ । ଇନ୍ଦର ବିବାହ କରିବାକୁ ମନା କରିବାରୁ ଗତ ମେ ୧୩ ତାରିଖରେ ସୁଖା ଓ ତାର ସହଯୋଗୀମାନେ ତାଙ୍କୁ ବନ୍ଧୁକ ମୁନରେ ଅପହରଣ କରିଥିଲେ । ବର୍ତ୍ତମାନ କାନାଡ଼ାରେ ରହୁଥିବା ମୁଖ୍ୟ ଅଭିଯୁକ୍ତ ସୁଖା, ଗତ ଏପ୍ରିଲ ୨୯ ରେ ନେପାଳ ଦେଇ ଗୁପ୍ତରେ ଭାରତ ଆସିଥିଲା ଏବଂ ଅପହରଣ ଦିନ (ମେ ୧୩) ହିଁ ସେହି ବାଟ ଦେଇ ପୁଣି କାନାଡ଼ା ପଳାଇଛି । ଜମାଲପୁର ଥାନା ପୋଲିସ ଏହି ମାମଲାରେ ସୁଖାର ବାପା ପ୍ରୀତମ ସିଂ ଏବଂ ତାର ସାଙ୍ଗ କରମଜିତ ସିଂଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି ।

## ବି.ସି. ଖଣ୍ଡୁରୀଙ୍କ ପରଲୋକ

ଡେରାଡୁନ୍, ୧୯ ।୫(ଏଜେନ୍ସି): ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ମେଜର ଜେନେରାଲ (ଅବସରପ୍ରାପ୍ତ) ଭୁବନ ଚନ୍ଦ୍ର ଖଣ୍ଡୁରୀଙ୍କର ମଙ୍ଗଳବାର ଦିନ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ ଏବଂ ଦେହରାଦୁନ୍‌ର ମ୍ୟାକ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଭାରତୀୟ ସେନାରେ ଜଣେ ଦକ୍ଷ ଅଫିସର ଭାବେ ଦେଶ ସେବା କରିବା ପରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ସେ ଦୁଇ ଥର ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ ।

# ଲଢ଼େଇ ପୂର୍ବରୁ ମଇଦାନ ଛାଡ଼ିଲେ 'ପୁଷ୍ପା'

ୱକୋଲକାତା, ୧୯ ।୫(ଏଜେନ୍ସି): ପଶ୍ଚିମବଙ୍ଗର ଫାଲ୍‌ତା ବିଧାନସଭା ଆସନର ଉପ-ନିର୍ବାଚନ ଭୋଟ୍ ଗ୍ରହଣର ମାତ୍ର ଦୁଇ ଦିନ ପୂର୍ବରୁ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜାହାଙ୍ଗୀର ଖାନ ନିର୍ବାଚନ ମଇଦାନରୁ ଓହରି ଯାଇଛନ୍ତି । ଅଭିଷେକ ବାନାର୍ଜୀଙ୍କ ଅତ୍ୟନ୍ତ ନିକଟତର ବୋଲାଉଥିବା ଜାହାଙ୍ଗୀର ଆଉ କୌଣସି ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ଜାହାଙ୍ଗୀର କହିଛନ୍ତି ଯେ ସେ ଫାଲ୍‌ତାରେ ଶାନ୍ତି ଏବଂ ବିକାଶ ଚାହାନ୍ତି । ରାଜ୍ୟର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଫାଲ୍‌ତାର ବିକାଶ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଦେଉଥିବାରୁ ସେ ନିଜକୁ ଏହି ନିର୍ବାଚନରୁ ଦୂରେଇ ରଖୁଛନ୍ତି ।



**ଚାପ ନା ପ୍ୟାକେଜ ?**
**ଫାଲତାରେ ବିଜେପି ଗୁଣ୍ଡାରାଜ ଚଲାଇଛି: ଟିଏମ୍‌ସି**

ନିର୍ବାଚନ ପୂର୍ବରୁ ଆଇପିଏସ ଅଫିସର ଅଜୟପାଲ ଶର୍ମାଙ୍କୁ ଚ୍ୟାଲେଞ୍ଜ କରି ଜାହାଙ୍ଗୀର କହିଥିଲେ, 'ସେ ଯଦି ସିଙ୍ଘମ, ତେବେ ମୁଁ ପୁଷ୍ପା' । କିନ୍ତୁ ଏବେ ସେ ଓହରିଯିବା ପରେ ଟିଏମସି ନେତା କୁନାଲ ଘୋଷ କଟାକ୍ଷ କରି କହିଛନ୍ତି, 'ଜାହାଙ୍ଗୀର ଯଦି ପୁଷ୍ପା ଥିଲେ, ତେବେ ଝୁକିଗଲେ କାହିଁକି?' ନିର୍ବାଚନୀ ବେଆଇନ କାର୍ଯ୍ୟକଳାପ ପାଇଁ ପୂର୍ବରୁ ଏହି ଆସନର ଭୋଟ୍ ବାତିଲ ହୋଇଥିଲା । ଏହି ଉପ-ନିର୍ବାଚନ ପ୍ରଚାର ସମୟରେ ଟିଏମ୍‌ସିର କୌଣସି ବଡ଼ ନେତାଙ୍କୁ ଦେଖିବାକୁ ମିଳିନଥିଲା । ବିଜେପି ନେତା ଦିଲୀପ ଘୋଷଙ୍କ କହିବା ଅନୁଯାୟୀ, ପୂର୍ବରୁ ଟିଏମ୍‌ସି ଗୁଣ୍ଡାଗର୍ଦ୍ଦି ବଳରେ ଭୋଟ୍ ଜିତୁଥିଲା । ଏବେ ପୋଲିସର ସମର୍ଥନ ନଥିବାରୁ ଏବଂ ଗୁଣ୍ଡାମାନେ ପଳାଇଥିବାରୁ ସେମାନଙ୍କ ପାଇଁ ପ୍ରଚାର କରିବାକୁ କେହି ନାହାନ୍ତି ।

ଅନ୍ୟପକ୍ଷରେ ମମତାଙ୍କ ଟିଏମ୍‌ସି ଅଭିଯୋଗ କରିଛି ଯେ ବିଜେପି ପ୍ରଶାସନ ଚାପରେ ଜହାଙ୍ଗୀର ଏଭଳି ନିଷ୍ପତ୍ତି ନେଇଛନ୍ତି । ନିର୍ବାଚନରୁ ଓହରିଯିବା ଲାଗି ନିଷ୍ପତ୍ତି ତାଙ୍କର ନିଜସ୍ୱ ଓ ବ୍ୟକ୍ତିଗତ । ଏଥିରେ ଟିଏମ୍‌ସିର କୌଣସି ହାତ ନାହିଁ । ଦଳ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଏହାର କର୍ମୀଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ପ୍ରାର୍ଥୀଙ୍କୁ ପ୍ରଚାର କରିବାକୁ ଦିଆଯାଉ ନାହିଁ । ଫାଲତା ନିର୍ବାଚନମଣ୍ଡଳୀରେ ଟିଏମସି ଅଫିସକୁ ବିଜେପି କର୍ମୀମାନେ ଜୋରଜବରଦସ୍ତ ବନ୍ଦ କରୁଛନ୍ତି । ଅଫିସରେ ଭଙ୍ଗାରୁଜା କରାଯାଉଛି । ବିନା କାରଣରେ ଦଳୀୟ କର୍ମୀଙ୍କୁ ଗିରଫ କରାଯାଉଛି । ଏ ସମ୍ପର୍କରେ ନିର୍ବାଚନ କମିସନରେ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଶୁଣିବାକୁ ପ୍ରସ୍ତୁତ ନୁହନ୍ତି । ଜହାଙ୍ଗୀର ନିର୍ବାଚନରୁ ଓହରିଯାଇଥିଲେ ମଧ୍ୟ ବିଜେପି ବିରୋଧରେ ଟିଏମ୍‌ସିର ସଂଘର୍ଷ ଉଭୟ ପଶ୍ଚିମବଙ୍ଗ ଏବଂ ଦିଲ୍ଲୀରେ ଜାରି ରହିବ ବୋଲି ବିବୃତିରେ କୁହାଯାଇଛି । ସୂଚନାଯୋଗ୍ୟ ଯେ ଜହାଙ୍ଗୀର ହେଉଛନ୍ତି ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କର ଘନିଷ୍ଠ ସହଯୋଗୀ । ଫାଲତାରେ ବିଜେପି ଯେତେ ଜୋର ଲଗାଇଲେ ମଧ୍ୟ ଜିତିପାରିବ ନାହିଁ ବୋଲି ଅଭିଶେକ ଅମିତ ଶାହଙ୍କୁ ଚାଲେଞ୍ଜ କରିଥିଲେ ।



## ଅଭିଷେକଙ୍କ ଅଡୁଆ ବଢ଼ିଲା

କୋଲକାତା, ୧୯ ।୫(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କ ଅଡୁଆ ବଢ଼ିବାରେ ଲାଗିଛି । ବେଆଇନ ନିର୍ମାଣ ଅଭିଯୋଗରେ କୋଲକାତା ମ୍ୟୁନିସିପାଲ କର୍ପୋରେସନ (କେଏମ୍‌ସି) ପକ୍ଷରୁ ଅଭିଷେକ ବାନାର୍ଜୀ, ତାଙ୍କ ପିତାମାତା ଏବଂ ତାଙ୍କ କମ୍ପାନୀ 'ଲିପ୍ସ ଆଣ୍ଡ ବାଉଣ୍ଡସ୍' ସହ ଜଡ଼ିତ ୧୭ଟି ଆବାସିକ ଓ ସାଂଗଠନିକ ପ୍ରତିଷ୍ଠାନକୁ ନୋଟିସ ଜାରି କରାଯାଇଛି । କୋଲକାତା ମ୍ୟୁନିସିପାଲ କର୍ପୋରେସନ ଆକ୍ଟ, ୧୯୮୦ ର ଧାରା ୪୦୦(୧) ଅନୁଯାୟୀ ଏହି ନୋଟିସ ପଠାଯାଇଛି । କର୍ପୋରେସନ ପକ୍ଷରୁ ବିଲ୍ଡିଂ ପ୍ଲାନ୍ ଅନୁମୋଦନର ଦସ୍ତାବେଜ୍ ଏବଂ ଅତିରିକ୍ତ ନିର୍ମାଣ ପାଇଁ ଅନୁମତି ନିଆଯାଇଛି କି ନାହିଁ, ସେ ସମ୍ପର୍କରେ ସ୍ପଷ୍ଟୀକରଣ ମଗାଯାଇଛି । ବିଲ୍ଡିଂଗୁଡ଼ିକରେ ଲଗାଯାଇଥିବା ଲିଫ୍ଟ ଏବଂ ଏସ୍କାଲେଟର ଭଳି ବ୍ୟବସ୍ଥାର ସଠିକ୍ ଅନୁମତି ପତ୍ର ଦାଖଲ କରିବାକୁ ମଧ୍ୟ କୁହାଯାଇଛି । ଆଗାମୀ ୭ ଦିନ ମଧ୍ୟରେ ସମସ୍ତ ବେଆଇନ ନିର୍ମାଣକୁ ନିଜେ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି, ନଚେତ୍ କାହିଁକି ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେ ନେଇ କାରଣ ଦର୍ଶାଅ ନୋଟିସର ଜବାବ ରଖିବାକୁ କୁହାଯାଇଛି । ଏହି ବେଆଇନ ନିର୍ମାଣ ଯାଞ୍ଚ ପରିସରଭୁକ୍ତ ସ୍ଥାନଗୁଡ଼ିକ ମଧ୍ୟରେ ହରିଶ ମୁଖାର୍ଜୀ ରୋଡ୍, କାଳୀଘାଟ ରୋଡ୍, ପ୍ରେମେନ୍ଦ୍ର ମିତ୍ର ସରଣୀ, ପଣ୍ଡିତିଆ ରୋଡ୍ ଏବଂ ଉସ୍ତାଦ ଆମୀର ଖାନ ସରଣୀ ଭଳି କୋଲକାତାର ଅନେକ ହାଇ-ପ୍ରୋଫାଇଲ୍ ଅଞ୍ଚଳ ସାମିଲ ରହିଛି ।




ଦିଲ୍ଲୀରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

## ହିଂସ୍ର ଓ ଜଳାତଙ୍କ ଆକ୍ରାନ୍ତ କୁକୁରଙ୍କୁ ମାରିବା ପାଇଁ ସୁପ୍ରିମକୋର୍ଟ ଦେଲେ ଅନୁମତି

ନୂଆଦିଲ୍ଲୀ, ୧୯ ।୫(ଏଜେନ୍ସି): ସାଧାରଣ ଜନତା ବିଶେଷ କରି ଶିଶୁ ଏବଂ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ସର୍ବୋଚ୍ଚ ଅଦାଲତ ପ୍ରଶାସନକୁ ଅତି ହିଂସ୍ର, ଜଳାତଙ୍କ ଏବଂ ଆରୋଗ୍ୟ ହୋଇପାରୁନଥିବା ଅସୁସ୍ଥ ବୁଲା କୁକୁରଙ୍କୁ 'ଇଉଥାନେସିଆ' ବା ଦୟାମୃତ୍ୟୁ ଦେବା ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ସାଧାରଣ ସ୍ଥାନମାନଙ୍କରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧିକୁ 'ଉଦ୍‌ବେଗଜନକ' ବୋଲି ଅଭିହିତ କରିଛନ୍ତି । ପଶୁ ଜନ୍ମ ନିୟନ୍ତ୍ରଣ ବା ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) ନିୟମ ଏବଂ ଅନ୍ୟାନ୍ୟ ସାମ୍ବିଧାନିକ ପ୍ରୋଟୋକଲ୍ ଅନୁଯାୟୀ ପ୍ରଶାସନ ଆଇନଗତ ଭାବେ ଏହି ପଦକ୍ଷେପ ନେଇପାରିବେ । କିଛି ଏନଜିଓ ଏବଂ ପଶୁ ପ୍ରେମୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଛନ୍ତି । ପୂର୍ବ ନିର୍ଦ୍ଦେଶ ଅନୁଯାୟୀ, ବୁଲା କୁକୁରଙ୍କୁ ଡାକ୍ତରଖାନା, ପାର୍କ ଓ ରେଳ ଷ୍ଟେସନ ଭଳି ସାଧାରଣ ସ୍ଥାନରୁ ହଟାଇ ଆଶ୍ରୟସ୍ଥଳୀକୁ ନିଆଯିବ ଏବଂ ବନ୍ଧ୍ୟାକରଣ ପରେ ସେମାନଙ୍କୁ ପୁଣି ସେହି ସ୍ଥାନରେ ଛଡ଼ାଯାଇପାରିବ ନାହିଁ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ନିର୍ଦ୍ଧାରିତ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସାଧାରଣ ସ୍ଥାନରେ ବୁଲା କୁକୁରମାନଙ୍କୁ ଖାଦ୍ୟ ଦେବା ଉପରେ ମଧ୍ୟ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି । କୋର୍ଟ ଏହି ନିୟମଗୁଡ଼ିକୁ ସଠିକ୍ ଭାବେ ପାଳନ କରି ନ ଥିବାରୁ ରାଜ୍ୟ ସରକାରମାନଙ୍କୁ ସମାଲୋଚନା କରିଛନ୍ତି ।



## ଖୁବ୍‌ଶୀଘ୍ର ଭାଙ୍ଗିବ ବିଜୟଙ୍କ ସରକାର: ଷ୍ଟାଲିନ୍

ଚେନ୍ନଇ, ୧୯ ।୫(ଏଜେନ୍ସି): ବିଜୟଙ୍କ ନେତୃତ୍ୱାଧୀନ ନୂତନ ସରକାର ଯେକୌଣସି ସମୟରେ ଭାଙ୍ଗିଯାଇପାରେ ବୋଲି ଡିଏମକେ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ ଭବିଷ୍ୟବାଣୀ କରିଛନ୍ତି । ଏହାସହ ସେ ଦଳୀୟ ସଂଗଠନ ଓ ଜିଲ୍ଲା ସମ୍ପାଦକମାନଙ୍କୁ ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଜୟଙ୍କ ଦଳ ଟିଭିକେ ପାଖରେ ବର୍ତ୍ତମାନ ୧୦୭ଟି ଆସନ ରହିଛି ଏବଂ କଂଗ୍ରେସର ୫ ଜଣ ବିଧାୟକଙ୍କ ସମେତ ବାହ୍ୟ ସମର୍ଥନ ଦେଉଥିବା ଅନ୍ୟ ସହଯୋଗୀଙ୍କ ବଳରେ ସେ ସରକାର ଗଢ଼ିଛନ୍ତି । ଏହାଛଡ଼ା ଗତ ସପ୍ତାହରେ ହୋଇଥିବା ଆସ୍ଥା ଭୋଟ୍‌ରେ ଏଆଇଏଡିଏମ୍‌କେ' ର ୨୫ ଜଣ ବିଦ୍ରୋହୀ ବିଧାୟକ ମଧ୍ୟ ବିଜୟଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ । ଯଦି କୋର୍ଟ କିମ୍ବା ବାଚସ୍ପତି ଏଆଇଏଡିଏମ୍‌କେ'ର ବିଦ୍ରୋହୀ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରନ୍ତି କିମ୍ବା ବାହାରୁ ସମର୍ଥନ ଦେଉଥିବା ବାମପନ୍ଥୀ ଓ ଅନ୍ୟ ସହଯୋଗୀ ଦଳ ସମର୍ଥନ ପ୍ରତ୍ୟାହାର କରନ୍ତି, ତେବେ ବିଜୟ ସରକାର ସଂଖ୍ୟାଗରିଷ୍ଠତା ହରାଇବ । ଷ୍ଟାଲିନଙ୍କ କହିବା ଅନୁଯାୟୀ, ରାଜ୍ୟରେ ସୃଷ୍ଟି ହେବାକୁ ଥିବା ରାଜନୈତିକ ଅସ୍ଥିରତା ଯୋଗୁଁ ୨୦୨୯ ଲୋକସଭା ନିର୍ବାଚନ ସହିତ ହିଁ ତାମିଲନାଡୁରେ ପୁଣିଥରେ ବିଧାନସଭା ନିର୍ବାଚନ ହୋଇପାରେ । ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଡିଏମକେର ଶୋଚନୀୟ ପରାଜୟ ହୋଇଛି ଏବଂ ଷ୍ଟାଲିନ ନିଜେ ମଧ୍ୟ ନିଜ ଆସନ ହରାଇଛନ୍ତି । ଦଳର ଏହି ବିଫଳତା ପାଇଁ ସେ ନିଜକୁ ଦାୟୀ କରିବା ସହ କହିଛନ୍ତି, 'ଏହି ପରାଜୟ ସାମୟିକ, ତାମିଲନାଡୁରେ ଡିଏମକେ'ର ସୂର୍ଯ୍ୟ କେବେ ଅସ୍ତ ହେବ ନାହିଁ ।।

**ସମର୍ଥନ ପ୍ରତ୍ୟାହାର ପାଇଁ ସିପିଏମ୍‌ର ଧମକ**

ଇତିମଧ୍ୟରେ ସିପିଏମ୍ ଧମକ ଦେଇଛି ଯେ ମୁଖ୍ୟମନ୍ତ୍ରୀ ବିଜୟ ଯଦି ତାଙ୍କ ମନ୍ତ୍ରିମଣ୍ଡଳରେ ଆନ୍ନାଡିଏମକେର ଗୋଷ୍ଠୀକୁ ସାମିଲ କରିବେ, ତାହାହେଲେ ତାହାହେଲେ ଦଳ ସରକାର ଠାରୁ ସମର୍ଥନ ପ୍ରତ୍ୟାହାର କରିନେବ । ଲୋକେ ଆନ୍ନାଡିଏମକେ ବିରୋଧରେ ଭୋଟ୍ ଦେଇଥିବାରୁ ଏହାକୁ ମନ୍ତ୍ରିମଣ୍ଡଳରେ ସାମିଲ କଲେ ଏହା ଜନାଦେଶ ପ୍ରତି ଅସମ୍ମାନ ହେବ ।

## ଯୁଦ୍ଧର ନୂଆ ମୋର୍ଚ୍ଚା ଖୋଲିବାକୁ ଇରାନର ଧମକ

ତେହରାନ, ୧୯ ।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଦିନ ହେବାକୁ ଥିବା ସାମରିକ ଆକ୍ରମଣ ଯୋଜନାକୁ ସାମୟିକ ଭାବେ ସ୍ଥଗିତ ରଖିବା ବିଷୟ ପ୍ରକାଶ କରିବା ପରେ ପଶ୍ଚିମ ଏସିଆରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଟ୍ରମ୍ପଙ୍କ ଏହି ବଡ଼ ଖୁଲାସା ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରି ଇରାନ ସେନା ଚେତାବନୀ ଦେଇଛି ଯେ, ଯଦି ୱାଶିଂଟନ ପୁଣିଥରେ ଆକ୍ରମଣ କରିବାକୁ ଚେଷ୍ଟା କରେ, ତେବେ ଆମେରିକା ବିରୁଦ୍ଧରେ 'ଯୁଦ୍ଧର ନୂଆ ମୋର୍ଚ୍ଚା' ଖୋଲାଯିବ । ସୋମବାର ଦିନ ଟ୍ରମ୍ପ ପ୍ରକାଶ କରିଥିଲେ ଯେ ସେ ଇରାନ ଉପରେ ଏକ 'ବଡ଼ ଧରଣର ଆକ୍ରମଣ' ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରି ସାରିଥିଲେ । କିନ୍ତୁ ୟୁଏଇ ଏବଂ ସାଉଦି ଆରବ ଭଳି ଗଲ୍ଫ ସହଯୋଗୀ ଦେଶଗୁଡ଼ିକର ଅନୁରୋଧ କ୍ରମେ ସେ ଏହାକୁ ୨ ରୁ ୩ ଦିନ ପାଇଁ ସ୍ଥଗିତ ରଖିଛନ୍ତି । ଶାନ୍ତି ଚୁକ୍ତି ଏବଂ ପରମାଣୁ ବୁଝାମଣା ନିକଟତର ହେଉଥିବା ଗଲ୍ଫ ନେତାମାନେ ଆଶା ପ୍ରକାଶ କରିଛନ୍ତି । ଏହି ଆଲୋଚନା ଓ ବିବାଦ ମଧ୍ୟରେ କୁଏତ ଅନ୍ତର୍ଜାତୀୟ ବିମାନବନ୍ଦରର ତୈଳ ଭଣ୍ଡାର ଉପରେ ଏକ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ ହୋଇଛି, ଯାହା ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି । ଗଲ୍ଫ ଦେଶଗୁଡ଼ିକର ମଧ୍ୟସ୍ଥତା ସତ୍ତ୍ୱେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ଏବଂ ପରମାଣୁ ଚୁକ୍ତି ପ୍ରକ୍ରିୟା ବର୍ତ୍ତମାନ ସୁଦ୍ଧା ଅଧାରେ ଅଟକି ରହିଛି । ଟ୍ରମ୍ପ କହିଛନ୍ତି ଯେ ସେ କିଛି ସମୟ ପାଇଁ ଆକ୍ରମଣକୁ ସ୍ଥଗିତ ରଖିଛନ୍ତି ଏବଂ ଆଶା କରୁଛନ୍ତି ଯେ ଏହା ସବୁଦିନ ପାଇଁ ଟଳିଯାଉ । କିନ୍ତୁ ଯଦି ଆଲୋଚନା ବିଫଳ ହୁଏ, ତେବେ ଆମେରିକା ସେନା ଏକ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ।

## ଖାଲିଦଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୯ ।୫(ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ଜେଲ୍‌ରେ ଥିବା ସାମାଜିକ କର୍ମୀ ଉମର ଖାଲିଦଙ୍କ ମଧ୍ୟବର୍ତ୍ତୀକାଳୀନ ଜାମିନ ଆବେଦନକୁ ମଙ୍ଗଳବାର ଦିନ ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି । ଅସୁସ୍ଥ ମା'ଙ୍କ ସେବା କରିବା ପାଇଁ ସେ ଦର୍ଶାଇଥିବା କାରଣ 'ଯୁକ୍ତିଯୁକ୍ତ ବା ଗ୍ରହଣଯୋଗ୍ୟ ନୁହେଁ' ବୋଲି ଅଦାଲତ କହିଛନ୍ତି । ଆଡିସନାଲ ସେସନ୍ସ ଜଜ୍ ସମୀର ବାଜପେଇ ଉମର ଖାଲିଦଙ୍କ ଆବେଦନ ଉପରେ ଶୁଣାଣି କରୁଥିଲେ । ଖାଲିଦ ନିଜ ମାମୁଁଙ୍କ ମୃତ୍ୟୁର ୪୦ତମ ଦିନର ରୀତିନୀତି'ରେ ଯୋଗ ଦେବା ଏବଂ ଅପରେସନ ହେବାକୁ ଥିବା ନିଜ ଅସୁସ୍ଥ ମା'ଙ୍କ ଦେଖାଶୁଣା କରିବା ପାଇଁ ୧୫ ଦିନର ମଧ୍ୟବର୍ତ୍ତୀକାଳୀନ ଜାମିନ ମାଗିଥିଲେ । ଏହି ଆଦେଶର ଠିକ୍ ଗୋଟିଏ ଦିନ ପୂର୍ବରୁ ସୁପ୍ରିମକୋର୍ଟ ଉମର ଖାଲିଦ ଓ ସର୍ଜିଲ ଇମାମଙ୍କ ଜାମିନ ଖାରଜ ସମ୍ପର୍କିତ ନିମ୍ନ ଅଦାଲତର ରାୟ ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ସର୍ବୋଚ୍ଚ ଅଦାଲତ କହିଥିଲେ ଯେ ୟୁଏପିଏ ଏବଂ ପିଏମଏଲଏ ମାମଲାରେ ମଧ୍ୟ ଯଦି ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ଜେଲ୍‌ରେ ରହିଥାନ୍ତି ଏବଂ ଟ୍ରାଏଲ୍‌ରେ ବିଳମ୍ବ ହୁଏ, ତେବେ ତାଙ୍କୁ ଜାମିନ ମିଳିବା ଉଚିତ । ୨୦୨୦ ମସିହାରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଚାଲିଥିବା ଆନ୍ଦୋଳନ ସମୟରେ ଉତ୍ତର-ପୂର୍ବ ଦିଲ୍ଲୀରେ ଭୟାବହ ଦଙ୍ଗା ସୃଷ୍ଟି ହୋଇଥିଲା । ଏହି ହିଂସାକାଣ୍ଡରେ ୫୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ । ଏହି ଦଙ୍ଗାର ମୁଖ୍ୟ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ଉମର ଖାଲିଦଙ୍କ ବିରୁଦ୍ଧରେ କଠୋର ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ଏବଂ ଆଇପିସି'ର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି ।

## ଦ୍ୱିତୀୟ ପ୍ରେମିକ ସହ ମିଶି ପ୍ରଥମ ପ୍ରେମିକକୁ ମାରିଲେ ବିବାହିତା ମହିଳା

ସୁରେନ୍ଦ୍ରନଗର, ୧୯ ।୫(ଏଜେନ୍ସି): ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରେ ଘଟିଥିବା ଏକ ରହସ୍ୟଜନକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ଅହମଦାବାଦ କ୍ରାଇମବ୍ରାଞ୍ଚ । ପ୍ରଥମେ ଦୁର୍ଘଟଣାଜନିତ ମୃତ୍ୟୁ କୁହାଯାଉଥିବା ଏହି ଘଟଣା ପଛରେ ଏକ ପ୍ରେମ ଜନିତ ହତ୍ୟାକାଣ୍ଡର କାହାଣୀ ଲୁଚି ରହିଥିଲା । ପୁଲିସ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ମହିଳା ଜାଗୃତି ଗୋସ୍ୱାମୀ ଏବଂ ତାଙ୍କ ପ୍ରେମିକ କାନ୍ତିଲାଲଙ୍କୁ ଗିରଫ କରିଛି । ଘଟଣା ମୁତାବକ, ଜାଗୃତି ନିଜର ପ୍ରଥମ ସ୍ୱାମୀ ଓ ପିଲାମାନଙ୍କୁ ଛାଡ଼ି ସ୍ୱାମୀଙ୍କ ବଡ଼ ଭାଇ ଶାନ୍ତିଗିରିଙ୍କ ସହ ପଳାଇ ଆସି ବିବାହ କରିଥିଲେ । ତେବେ ଶାନ୍ତିଗିରି ଟ୍ରକ ଡ୍ରାଇଭର ଥିବାରୁ ପ୍ରାୟତଃ ବାହାରେ ରହୁଥିଲେ । ଏହି ସମୟରେ ଜାଗୃତିଙ୍କର ପଡୋଶୀ କାନ୍ତିଲାଲଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଶାନ୍ତିଗିରିଙ୍କୁ ରାସ୍ତାରୁ ହଟାଇବା ପାଇଁ ଦୁହେଁ ପ୍ରଥମେ ଜଣେ ସୁପାରି କିଲରକୁ ୨୫, ୦୦୦ ଟଙ୍କା ଦେଇଥିଲେ, ହେଲେ ସେ ଭୟରେ ହତ୍ୟା ନକରି ମିଛ କହି ଟଙ୍କା ନେଇ ପଳାଇଥିଲା । ସୁପାରି କିଲର ବିଫଳ ହେବା ପରେ ଜାଗୃତି ଓ କାନ୍ତିଲାଲ ନିଜେ ଶାନ୍ତିଗିରିଙ୍କୁ ତକିଆରେ ମୁହଁ ଚାପି ଏବଂ ବେକ ଚିପି ହତ୍ୟା କରିଥିଲେ । ଏହାପରେ ଜାଗୃତି ନିଜର ଅନ୍ୟ ଜଣେ ପ୍ରେମିକ ଦୀପକର ସାହାଯ୍ୟ ନେଇ ଶବକୁ ଗାଡ଼ିରେ ବୋହି ଏକ କେନାଲରେ ଫିଙ୍ଗି ଦେଇଥିଲେ, ଯେମିତି ଏହା ଏକ ଦୁର୍ଘଟଣା ଭଳି ମନେହେବ । ଦୀର୍ଘ ମାସର ତଦନ୍ତ ପରେ କ୍ରାଇମବ୍ରାଞ୍ଚ ଏହି ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରି ଅଭିଯୁକ୍ତମାନଙ୍କୁ ଜେଲ୍ ପଠାଇଛି ।



## ଜାମିନରେ ଆସିବା ପରେ ଦୁଷ୍କର୍ମ ଅଭିଯୁକ୍ତକୁ ଭବ୍ୟ ସ୍ୱାଗତ

ଗାଜିଆବାଦ୍, ୧୯ ।୫(ଏଜେନ୍ସି): ଉତ୍ତର ପ୍ରଦେଶର ଗାଜିଆବାଦ ଜେଲ୍‌ରୁ ଜାମିନରେ ମୁକୁଳିବା ପରେ ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ବୀର ଭଳି ଭବ୍ୟ ସ୍ୱାଗତ କରାଯିବା ଘଟଣା ସାରା ଦେଶରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ଅଭିଯୁକ୍ତ ସୁଶୀଲ ପ୍ରଜାପତି ଜେଲ୍‌ରୁ ବାହାରିବା ପରେ ତାଙ୍କ ସମର୍ଥକମାନେ ତାଙ୍କୁ ଗେଣ୍ଡୁଫୁଲ ମାଳ ପିନ୍ଧାଇ, କାନ୍ଧରେ ବୋହି ଏକ ବିଜୟ ଶୋଭାଯାତ୍ରା ବା 'ରୋଡ୍ ଶୋ' କରିଥିଲେ, ଯାହାର ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ସୂଚନାଯୋଗ୍ୟ ଯେ, ହିନ୍ଦୁ ଯୁବ ବାହିନୀର ପୂର୍ବତନ ସଦସ୍ୟ ସୁଶୀଲ ପ୍ରଜାପତିଙ୍କ ଉପରେ ଜଣେ ଆଇନ ଛାତ୍ରୀଙ୍କୁ ଓକିଲଙ୍କ ସହ ଚିହ୍ନଟ କରାଇବା ବାହାନାରେ ଏକ ଫ୍ଲାଟ୍‌କୁ ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ରହିଛି । ପ୍ରାୟ ୯ ମାସ ଜେଲ୍‌ରେ ରହିବା ପରେ ଗତ ମେ ୧୭ ତାରିଖରେ ସେ ଜାମିନରେ ମୁକ୍ତ ହୋଇଥିଲେ । ଭାଇରାଲ ଭିଡିଓରେ ସମର୍ଥକମାନେ ବିଜୟ ସୂଚକ ସଙ୍କେତ ଦେଖାଉଥିବା ଏବଂ ଗାଡ଼ିର ପଟୁଆର କରୁଥିବା ଦେଖିବାକୁ ମିଳିଛି । ଏହି ଘଟଣାକୁ ନେଇ ସାଧାରଣରେ ଆକ୍ରୋଶ ପ୍ରକାଶ ପାଇବା ପରେ ସ୍ଥାନୀୟ ପୁଲିସ ଭାଇରାଲ ଭିଡିଓର ତଦନ୍ତ ଆରମ୍ଭ କରିଛି ।



## ୟୁପିରେ ୯ ବର୍ଷରେ ୧୭୦୦୦ ଏନକାଉଣ୍ଟର, ୨୮୯ ନିହତ

ଲକ୍ଷ୍ନୌ, ୧୯ ।୫(ଏଜେନ୍ସି): ଉତ୍ତର ପ୍ରଦେଶରେ ଗତ ୯ ବର୍ଷ ମଧ୍ୟରେ ମୋଟ ୧୭, ୦୪୩ଟି ଏନକାଉଣ୍ଟର କରାଯାଇଛି, ଯେଉଁଥିରେ ୨୮୯ ଜଣ ଅପରାଧୀ ନିହତ ହୋଇଛନ୍ତି । ଏହି କାର୍ଯ୍ୟାନୁଷ୍ଠାନ ସମୟରେ ୩୪, ୨୫୩ ଜଣ ଅପରାଧୀଙ୍କୁ ଗିରଫ କରାଯାଇଥିବା ବେଳେ ଗୁଳି ବିନିମୟରେ ୧୧, ୮୩୪ ଜଣ ଅଭିଯୁକ୍ତ ଆହତ ହୋଇଛନ୍ତି । ସାରା ରାଜ୍ୟରେ ମିରଟ ଜୋନ୍‌ରେ ସର୍ବାଧିକ ୪୮୧୩ଟି ଏନକାଉଣ୍ଟର ହୋଇଛି, ଯେଉଁଠାରେ ସବୁଠାରୁ ଅଧିକ ୯୭ ଜଣ ଅପରାଧୀ ପୁଲିସ୍ ଗୁଳିରେ ପ୍ରାଣ ହରାଇଛନ୍ତି । ଦ୍ୱିତୀୟ ସ୍ଥାନରେ ବାରାଣସୀ ଜୋନ୍ (୨୯ ନିହତ) ଏବଂ ତୃତୀୟରେ ଆଗ୍ରା ଜୋନ୍ (୨୪ ନିହତ) ରହିଛି । ବିଭିନ୍ନ ପୁଲିସ୍ କମିସନରେଟ୍ ମଧ୍ୟରୁ ଗାଜିଆବାଦରେ ସର୍ବାଧିକ ୧୮ ଜଣ ଅପରାଧୀଙ୍କୁ ଏନକାଉଣ୍ଟର କରାଯାଇଛି । ଅପରାଧୀଙ୍କ ସହ ଲଢେଇ କରି ଉତ୍ତର ପ୍ରଦେଶ ପୁଲିସ୍‌ର ୧୮ ଜଣ ଯବାନ ଶହୀଦ ହୋଇଛନ୍ତି ଏବଂ ୧, ୮୫୨ ଜଣ ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି । ୟୁପି ସରକାର ଏବଂ ପୁଲିସ୍ ପ୍ରଶାସନ ପକ୍ଷରୁ ଅପରାଧୀଙ୍କ ବିରୁଦ୍ଧରେ ଗ୍ୟାଙ୍ଗଷ୍ଟର ଆକ୍ଟ, ଜାତୀୟ ସୁରକ୍ଷା ଆଇନ ଏବଂ ବେଆଇନ ସମ୍ପତ୍ତି ବ୍ୟାଜ୍ୟାପ୍ତି ଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

**ପୁଣି କଅଁଳିଲା ଆଶା**

## ଭୁବନେଶ୍ୱରରେ ହେବ ଇଏସ୍ଆଇ ମେଡ଼ିକାଲ କଲେଜ

**୨୦୦୯ରେ ୟୁପିଏ ସରକାର ଦେଇଥିଲା ମଞ୍ଜୁରୀ | ନବୀନ ସରକାର ଅନ୍ଧାରୁଆରେ ଯୋଗାଇଥିଲେ ୨୫ ଏକର ଜମି**

ଭୁବନେଶ୍ୱର,୧୯।୫(ସମିସ): ରାଜଧାନୀରେ ମେଡ଼ିକାଲ କଲେଜ ସ୍ଥାପନ ନିମନ୍ତେ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଏବଂ ଇଏସ୍ଆଇସି ମଧ୍ୟରେ ସାନି ବୁଝାମଣାପତ୍ର ସ୍ୱାକ୍ଷର ହେବା ପରେ ପୁଣି କଅଁଳିଛି ଆଶା । ପ୍ରାୟ ଦୁଇ ଦଶନ୍ଧି ଧରି ଓଡ଼ିଶାବାସୀଙ୍କ ଏହି ଦାବି ପୂରଣ ହେବା ସମ୍ଭାବନା ଜାଗ୍ରତ ହୋଇଛି । ଏହି ବୃହତ ପ୍ରକଳ୍ପର ସ୍ଥାୟୀ ଭିତ୍ତିଭୂମି ଅନ୍ଧାରୁଆଠାରେ ନିର୍ମାଣ ହେବାକୁ ଥିବାବେଳେ, ମେଡିକାଲ କଲେଜର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ବର୍ତ୍ତମାନ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ଇଏସଆଇ ହସ୍ପିଟାଲକୁ ବ୍ୟବହାର କରାଯିବ । ଏଥିପାଇଁ ଶ୍ରମ ବିଭାଗ ପକ୍ଷରୁ ଉକ୍ତ ହସ୍ପିଟାଲକୁ ଆନୁଷ୍ଠାନିକ ଭାବେ କର୍ମଚାରୀ ରାଜ୍ୟ ବୀମା ନିଗମଙ୍କୁ ହସ୍ତାନ୍ତର କରାଯାଇଥିବା କୁହାଯାଇଛି ।

୨୦୦୮-୦୯ ମସିହାରେ ତତ୍କାଳୀନ ୟୁପିଏ ସରକାର ଓଡ଼ିଶାରେ ଇଏସ୍ଆଇ ମେଡ଼ିକାଲ କଲେଜ ସ୍ଥାପନ ନିମନ୍ତେ ପ୍ରସ୍ତାବକୁ ଅନୁମୋଦନ ଦେଇଥିଲା । ସେହି ସମୟରେ ଅନୁମୋଦିତ ପ୍ରାୟ ୮ଟି ମେଡ଼ିକାଲ କଲେଜ ମଧ୍ୟରୁ କେତେକ କାର୍ଯ୍ୟକ୍ଷମ ହୋଇ ସାରିଛି । ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଏହ ମେଡ଼ିକାଲ କଲେଜ ସ୍ଥାପନ ନିମନ୍ତେ ଅନ୍ଧାରୁଆରେ ୨୫ ଏକର ଜମି ଯୋଗାଇ ଦେଇଥିଲେ । ଏପରିକି ଏହି ଜମିରେ ପାଚେରୀ ନିର୍ମାଣ ମଧ୍ୟ କରାଯାଇଥିଲା । ପ୍ରସ୍ତାବିତ ମେଡ଼ିକାଲ କଲେଜରେ




୧୦୦ ଏମ୍‌ବିବିଏସ୍ ସିଟ୍ ରହିବ ଓ ଏଥିପାଇଁ ୭୦୦ କୋଟି ଟଙ୍କା ଇଏସ୍ଆଇସି ବହନ କରିବ ବୋଲି ମଧ୍ୟ କୁହାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ଏହି ପ୍ରସ୍ତାବରୁ ଓହରି ଯାଇଥିଲେ । ୨୦୧୫ରେ ତତ୍କାଳୀନ କେନ୍ଦ୍ର ଶ୍ରମମନ୍ତ୍ରୀ ବନ୍ଦାରୁ ଦତ୍ତାତ୍ରେୟ ସିଧାସଳଖ ଓଡ଼ିଶାରେ ଇଏସ୍ଆଇ ମେଡ଼ିକାଲ କଲେଜ ପ୍ରସ୍ତାବ ନାହିଁ ବୋଲି କହିଥିଲେ । ଭୁବନେଶ୍ୱରରେ ୩.୫ ଲକ୍ଷ ଇଏସ୍ଆଇ ସଦସ୍ୟ ରହିଥିବାରୁ ମେଡ଼ିକାଲ କଲେଜ ସ୍ଥାପନ ଯୋଗ୍ୟତା ରଖୁନାହିଁବୋଲି କହିଥିଲେ । ପରବର୍ତ୍ତୀ ସମୟରେ ୨୦୧୯ରେ ସଂସଦରେ ମଧ୍ୟ କେନ୍ଦ୍ର ଶ୍ରମମନ୍ତ୍ରୀ ଓଡ଼ିଶାରେ ଇଏସ୍ଆଇ ମେଡ଼ିକାଲ କଲେଜ ସ୍ଥାପନ ସମ୍ଭାବନା ନାହିଁ ବୋଲି ସିଧାସିଧା ମନା କରି ଦେଇଥିଲେ । ଯାହାକୁ ନେଇ ତତ୍କାଳୀନ ବିଜେଡି ସରକାର ଅସନ୍ତୋଷ ପ୍ରକଟ କରି ପ୍ରସ୍ତାବର ପୁନର୍ବିଚାର ପାଇଁ ଅନୁରୋଧ କରିଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଓ ଶ୍ରମ ମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ତେବେ ଦୀର୍ଘ ୧୭ ବର୍ଷ ପରେ ପୁଣି ଓଡ଼ିଶାରେ ଇଏସ୍ଆଇ ମେଡ଼ିକାଲ କଲେଜ ସ୍ଥାପନ ନିମନ୍ତେ ବୁଝାମଣାପତ୍ର ରାଜ୍ୟର ଇଏସ୍ଆଇସି ସଦସ୍ୟମାନଙ୍କୁ ଆଶ୍ୱସ୍ତ କରିଛି ।

**■ ୨୦୧୫ରେ ମେଡ଼ିକାଲ କଲେଜ ସ୍ଥାପନ ପ୍ରସ୍ତାବରୁ ଓହରି ଯାଇଥିଲା କେନ୍ଦ୍ର**
**■ ଶ୍ରମ ଓ କର୍ମଚାରୀ ବୀମା ବିଭାଗ - ଇଏସ୍ଆଇସି ମଧ୍ୟରେ ସାନି ବୁଝାମଣାପତ୍ର**

ଭୁବନେଶ୍ୱର ସ୍ଥିତ ଖାରବେଳ ଭବନର ପଞ୍ଚମ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଅତିରିକ୍ତ ଶାସନ ସଚିବ ରାଜେଶ କୁମାର ଅଗ୍ରୱାଲ, ଇଏସ୍ଆଇ ସ୍କିମର ନିର୍ଦ୍ଦେଶିକା ମଧୁମିତା ନାୟକ, ଯୁଗ୍ମ ନିର୍ଦ୍ଦେଶକ ଡ. ସୂର୍ଯ୍ୟନାରାୟଣ ପାଢ଼ୀ ଏବଂ ଚନ୍ଦ୍ରଶେଖରପୁର ଇଏସ୍ଆଇ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡ. ଅମୀୟକୁମାର ସାମଲ ପ୍ରମୁଖ ଏମଓୟୁ ସ୍ୱାକ୍ଷର କରିଥିଲା ବେଳେ ଇଏସ୍ଆଇସି ପକ୍ଷରୁ ଇଷ୍ଟ ଜୋନର ମେଡିକାଲ କମିଶନର ଡ. ରଚିତା ବିଶ୍ୱାସ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତ, ରାଜ୍ୟ ମେଡିକାଲ ଅଫିସର ଡ. ଆଭା ତିର୍କୀ ଏବଂ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ସନ୍ଦୀପ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ ।

## କୁଖ୍ୟାତ ବଣ୍ଟିକୁ ଏନ୍‌କାଉଣ୍ଟର୍

ସମ୍ବଲପୁର, ୧୯।୫ (ସମିସ): ୧୭ରୁ ଊର୍ଦ୍ଧ୍ୱ ସଂଗିନ୍ ମାମଲାରେ ଜଡ଼ିତ ଦୁର୍ଦ୍ଦାନ୍ତ ବିଭୂତି ଭୂଷଣ ସୁନା ଓରଫ୍ ବଣ୍ଟି ଓରଫ୍ ରାଧେ (୩୪)କୁ ଅଇଁଠାପାଲି ପୁଲିସ ଏନ୍‌କାଉଣ୍ଟର୍ କରି ଧରିଛି । ତା' ବାମ ଗୋଡ଼ରେ ଗୁଳି ବାଜିଛି । ଚିକିତ୍ସା ଲାଗି ତାକୁ ଭିମସାର୍‌ରେ ଭର୍ତ୍ତି କରାଯାଇଛି । ସମ୍ବଲପୁର ଏସପି ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି ।



ବଣ୍ଟି ଜଣେ କୁଖ୍ୟାତ ଅପରାଧୀ । ଗତ ୧୫ ତାରିଖରେ ବେଆଇନ ବନ୍ଧୁକ କାରବାରରେ ଅଇଁଠାପାଲି ପୁଲିସ ୫ଜଣକୁ ଗିରଫ କରିଥିଲା । ଏହି ଘଟଣାରେ ବଣ୍ଟିର ମଧ୍ୟ ସମ୍ପୃକ୍ତି ଥିବାରୁ ପୁଲିସ୍ ତାକୁ ଧରିବାକୁ ଛାନଭିନ୍ ଚଳାଇଥିଲା । ପୂର୍ବରୁ ଅନେକ ବନ୍ଧୁକ କାରବାର, ରାହାଜାନୀ ଏବଂ ଡକାୟତି ମାମଲାରେ ସଂପୃକ୍ତ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ବଣ୍ଟି ବୌଦ୍ଧ-ସୋନପୁର ରୁଟ୍ ଦେଇ ଚାଲିଥିବା ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ନେଟୱର୍କରେ ସକ୍ରିୟ ଥିଲା । ସେ ଗଞ୍ଜେଇ ମାଫିଆମାନଙ୍କ ସହ ସିଧାସଳଖ ସମ୍ପର୍କରେ ରହି ମାରଣାସ୍ତ୍ର ବଦଳରେ ଗଞ୍ଜେଇ ଯୋଗାଉଥିଲା । ମୁଖ୍ୟ ରାସ୍ତା ଏବଂ ପୁଲିସ ଚେକିଂରୁ ବଞ୍ଚିବା ପାଇଁ ସେ ଜଙ୍ଗଲିଆ ରାସ୍ତା ଏବଂ ଗ୍ରାମାଞ୍ଚଳର ଗୁପ୍ତ ରାସ୍ତା ବ୍ୟବହାର କରୁଥିଲା । ବଣ୍ଟି ଚାରମାଳ ଥାନା ଅନ୍ତର୍ଗତ ଜଙ୍ଗଲ ରାସ୍ତା ଦେଇ ସୋନପୁରରୁ ସମ୍ବଲପୁର ଆଡ଼କୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ଆଜି ପୁଲିସ ଖବର ପାଇଥିଲା । ଏହି ସୂଚନା ଆଧାରରେ ପୁଲିସ ଟିମ୍ ମୋଚିବାହାଲ ଜଙ୍ଗଲ ରାସ୍ତା ନିକଟରେ ଜଗି ରହିଥିଲେ । ସନ୍ଧ୍ୟା ପ୍ରାୟ ୫ଟା ୪୦ରେ ପୁଲିସ୍ ବଣ୍ଟିର ଗାଡ଼ିକୁ ଅଟକାଇବାକୁ ସଙ୍କେତ ଦେଇଥିଲା । ମାତ୍ର ସେ ପୁଲିସକୁ ଚକମା ଦେଇ ଦ୍ରୁତ ଗତିରେ ଫେରାର ହେବାକୁ ଚେଷ୍ଟା କରିବା ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ପରେ ସେ ଗାଡ଼ିରୁ ବାହାରି ପୁଲିସ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଥିଲା । ଆତ୍ମରକ୍ଷା ପାଇଁ ପୁଲିସ ବଣ୍ଟି ଉପରକୁ ଗୁଳି ଚାଳନା କରିଥିଲା । ବଣ୍ଟିର ବାମଗୋଡ଼ରେ ଗୁଳି ବାଜିଥିଲା । ତାକୁ ତୁରନ୍ତ ଚାରମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରବର୍ତ୍ତୀ ଚିକିତ୍ସା ପାଇଁ ବୁର୍ଲା ଭିମସାର୍‌କୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଏକ କାର, ଗଞ୍ଜେଇ, ବନ୍ଧୁକ ଇତ୍ୟାଦି ଜବତ କରିଛି । ବଣ୍ଟି ନାମରେ ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାରେ ୧୭ଟି ମାମଲା ରହିଛି ।

## ଲାଞ୍ଚ ନେଉଥିବା ବେଳେ ମାଡ଼ି ବସିଲା ଭିଜିଲାନ୍ସ

**ମିର୍ଗିନେଣ୍ଡି ଗ୍ରାମ ପଞ୍ଚାୟତ ପିଇଓ ଗିରଫ**

ବାରିପଦା/କରଞ୍ଜିଆ,୧୯।୫(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ ମିର୍ଗିନେଣ୍ଡି ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ପର୍ଶୁରାମ ନାଏକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ସେ ପଞ୍ଚାୟତ ଅଫିସ୍‌ର ଜଣେ ଠିକା କର୍ମଚାରୀଙ୍କଠାରୁ ତାଙ୍କ ନିୟମିତ ଓ ବକେୟା ପ୍ରାପ୍ୟ ଅନୁମୋଦନ ପାଇଁ ୧୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି । ଠିକା କର୍ମଚାରୀଜଣଙ୍କ ମାର୍ଚ୍ଚ ୨୦୨୩ରୁ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ପ୍ରାପ୍ୟ ପାଇନଥିଲେ । ବିଡିଓଙ୍କ ଆଦେଶ ସତ୍ତ୍ୱେ ପିଇଓ ଶ୍ରୀ ନାଏକ ପ୍ରାପ୍ୟ ଅନୁମୋଦନ କରୁନଥିଲେ । ବାରମ୍ବାର ଅନୁରୋଧ କରିବା ପରେ ମଧ୍ୟ ସେ ଶୁଣିନଥିଲେ । ଅନ୍ୟ ଉପାୟ ନପାଇ କର୍ମଚାରୀଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲେ । ପୂର୍ବ ଯୋଜନା ମୁତାବକ, ପିଇଓ ଆଜି ତାଙ୍କ ଅଫିସ୍ ଭିତରେ ଲାଞ୍ଚ ନେଉଥିବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ । ଏନେଇ ବାଲେଶ୍ୱର ଭିଜିଲାନ୍ସ ନମ୍ବର ୭/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।



## ହାତୀ ଆକ୍ରମଣରେ ଯୁବକ ମୃତ

ଛେଣ୍ଡିପଦା,୧୯।୫(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକଜଣଙ୍କ ହେଲେ, ଟାଙ୍ଗିରି ଗାଁର ବିନୋଦ ବେହେରା । ବିନୋଦ ପାଟକମୁଣ୍ଡା ନିକଟସ୍ଥ ଜଙ୍ଗଲ ପାଖରେ ଆମ୍ବ ଗୋଟାଉଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ । ହାତୀଟି ତାଙ୍କୁ ପାଦରେ ଦଳି ଦେଇଥିଲା । ଚାଷ କାମ ପାଇ ବିନୋଦ ଦେବଗଡ଼ ଜିଲ୍ଲା ରତନପୁର ଗାଁକୁ ଗତକାଲି ଯାଇଥିଲେ । ଆଜି ତାଙ୍କର ପାଟକମୁଣ୍ଡା ଗାଁ ଝରଣକଟା ନିକଟସ୍ଥ ଯଦୁ ଆମ୍ବତୋଟାରେ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ବନ ବିଭାଗ କର୍ମଚାରୀ ପହଞ୍ଚି ଘଟଣାର ଛାନଭିନ୍ ଚଳାଇଛନ୍ତି ।

**ରାସ୍ତାରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ**

## ସହରରେ ଅଜଣା ଭୟ, ଚାପା ଉତ୍ତେଜନା

ବ୍ରହ୍ମପୁର,୧୯।୫(ସମିସ): ବ୍ରହ୍ମପୁର ସହରରେ ଦୀର୍ଘ ବର୍ଷ ଧରି ବନ୍ଦ ଥିବା 'ଗ୍ୟାଙ୍ଗୱାର୍' ଏବେ ପୁଲିସର କୋହଳ ମନୋଭାବ ଓ ଖାମଖିଆଲି ନୀତି ଯୋଗୁଁ ପୁଣିଥରେ ଆରମ୍ଭ ହେଲାଣି । ରବିବାର ରାତିରେ ଜନଗହଳିପୂର୍ଣ୍ଣ ରାସ୍ତାରେ ତଥା ସର୍ବସମ୍ମୁଖରେ ଉମେଶ ରଥଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା କୁହାଯାଉଥିବା ବେଳେ ପୁଲିସର ତଦନ୍ତ ମଧ୍ୟ ସେହି ଦିଗରେ ଚାଲିଛି । ଏହା 'ମୋଗଲି' ଓରଫ୍ ସନ୍ଦୀପ ସାହୁ ଏବଂ ଉମେଶ ରଥ ଗ୍ୟାଙ୍ଗ ମଧ୍ୟରେ ଦୀର୍ଘ ଦିନ ଧରି ଲାଗି ରହିଥିବା ତିକ୍ତତାର ପ୍ରତିଫଳନ ବୋଲି ସହରରେ ଚର୍ଚ୍ଚା ହେଉଛି । ଘଟଣା ଦିନ ଯଦିଓ ସନ୍ଦୀପ ସାହୁ ଓରଫ୍ ମୋଗଲି ନଥିବା ଜଣାପଡ଼ିଛି; ତେବେ ଆକ୍ରମଣକାରୀ ତାଙ୍କ ଗ୍ୟାଙ୍ଗ୍‌ର ବୋଲି ଚିହ୍ନଟ କରାଯାଇଛି । ଘଟଣା ପରେ ଗୁରୁତର ଉମେଶଙ୍କୁ ପ୍ରଥମେ ବ୍ରହ୍ମପୁର ଓ ପରେ ବିଶାଖପାଟଣା ସ୍ଥାନାନ୍ତର କରାଯାଇଛି ।

ଉମେଶଙ୍କ ମା'ଙ୍କ ବୟାନ ଆଧାରରେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି । ଆକ୍ରମଣ ଘଟଣାରେ ସମ୍ପୃକ୍ତ ଉଭୟ ଅଭିଯୁକ୍ତ ମୁକେଶ ଓ ଆଶିଷ ଘଟଣା ପରଠାରୁ ଫେରାର୍ ହୋଇଯାଇଥିବା ବେଳେ ସେମାନଙ୍କୁ ଧରିବାକୁ ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକାଧିକ ଟିମ ଗଠନ କରାଯାଇଛି । ଜିଲ୍ଲା ବାହାରକୁ ଫେରାର୍ ହୋଇଯାଇଥିବା ସ୍ପଷ୍ଟ ହେବା ପରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପୁଲିସ ସହିତ ଯୋଗସୂତ୍ର ରକ୍ଷା କରି ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଜାରି ରହିଛି ।



ଉମେଶଙ୍କ ମା'ଙ୍କ ବୟାନ ଆଧାରରେ ରାଜ ମାଲହୋତ୍ରା ନାମକ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ବେଳେ ତାଲିକାରେ ଆହୁରି ଅନେକ ଥିବା ଜଣାପଡ଼ିଛି । ନିକଟ ଅତୀତରେ ମୋଗଲି ନିଜର ସହଯୋଗୀଙ୍କ ସହ ଉମେଶଙ୍କ ଗଜପତିନଗରସ୍ଥିତ ଘରକୁ ଆସି ଧମକ ଦେଇଥିବା ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ସମୟରେ ଉମେଶ ମଧ୍ୟ ସୁବାରାଓ ଛକ ସ୍ଥିତ ସନ୍ଦୀପ ସାହୁଙ୍କ ଘର ନିକଟକୁ ଯାଇ ପାଲଟା ଧମକଚମକ ଦେବା ଓ କିଛି ଯୁବକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ଉମେଶ ନିକଟରେ ଜେଲରୁ ଫେରିଥିବା ବେଳେ ତାଙ୍କୁ ଆକ୍ରମଣ କରିଥିବା ଉଭୟ ଅଭିଯୁକ୍ତ ମଧ୍ୟ ପୂର୍ବରୁ ଜେଲରୁ ଫେରିଛନ୍ତି । ଉଭୟ ଗୋଷ୍ଠୀର ସଦସ୍ୟଙ୍କ ବିରୋଧରେ ସହରର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି ।

**■ ପୁଲିସ ସ୍କାନରରେ ମୁକେଶ ଓ ଆଶିଷ ସମେତ ୪ ଅଭିଯୁକ୍ତ**
**■ ଜଣେ ଅଟକ; ଅଭିଯୁକ୍ତଙ୍କୁ ଧରିବାକୁ ଏକାଧିକ ଟିମ୍**
**■ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ: ଏସ୍‌ପି**

ଗିରିରୋଡ୍ ଘଟଣା ପରେ ସମ୍ପୃକ୍ତ ଅଞ୍ଚଳକୁ ନେଇ ପୂର୍ବରୁ ରହି ଆସିଥିବା ଥାନାର ସୀମା ବିବାଦ ପୁଣି ନଜରକୁ ଆସିଛି । ଗିରିରୋଡ୍‌ର ବାମପାର୍ଶ୍ୱ ଅଞ୍ଚଳ ଗୋଷାଣିନୂଆଗାଁ ଥାନା ଇଲାକାରେ ଯାଉଥିବା ବେଳେ ରାସ୍ତାର ଡାହାଣ ପାର୍ଶ୍ୱ ଅଞ୍ଚଳ ବୈଦ୍ୟନାଥପୁର ଥାନା ଅଧୀନରୁ ଆସୁଛି । ସେହିଭଳି ବିଚ୍ ରାସ୍ତା ଉପରେ ହୋଇଥିବା ଆକ୍ରମଣ ଘଟଣାସ୍ଥଳ କେଉଁ ଥାନା ଅଧୀନରେ ଆସିବ, ତାକୁ ନେଇ ଉଠିଛି ପ୍ରଶ୍ନ । ଏଭଳି ସ୍ଥଳେ ପୂର୍ବରୁ ମୋଗଲି ଓରଫ୍ ସନ୍ଦୀପଙ୍କ ଘର ନିକଟରେ ଉମେଶ ରଥ ଓ ସହଯୋଗୀଙ୍କ ଦ୍ୱାରା ହୋଇଥିବା ଏକ ଘଟଣାର ତଦନ୍ତ ଟାଉନ ଥାନା କରୁଥିବାରୁ ଏହି ମାମଲାର ତଦନ୍ତ ଭାର ମଧ୍ୟ ଟାଉନ ଥାନାକୁ ଦିଆଯାଇଥିବା ଜଣାପଡ଼ିଛି ।

ସେପଟେ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ । ଅପରାଧ ଦମନ ଦିଗରେ ପୁଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି । ଏହି ମାମଲାରେ ମୁକେଶ ସାହୁ ଓ ଆଶିଷ ସାହୁ ଦୁଇ ଭାଇଙ୍କ ସମେତ ୪ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି । ଫେରାର୍ ମୁକେଶ ନାମରେ ଡକାୟତି, ହତ୍ୟା ଉଦ୍ୟମ, ଆର୍ମସ ଆକ୍ଟ ଭଳି ଗୋଷାଣୀ ନୂଆଗାଁ ଥାନାରେ ୭ଟି, ଗୋପାଳପୁର ଓ ବୈଦ୍ୟନାଥପୁର ଥାନାରେ ମଧ୍ୟ ଏକାଧିକ ମାମଲା ରହିଛି । ଏନକାଉଣ୍ଟର୍‌ର କିଛି ଘଣ୍ଟା ନ ବିତୁଣୁ ଅପରାଧୀମାନେ ବିଚ୍ ରାସ୍ତାରେ ଖେଳାଇଛନ୍ତି ଆତଙ୍କରାଜ ଆଉ ପୁଲିସକୁ ଦେଇଛନ୍ତି ଖୋଲା ଚାଲେଞ୍ଜ । ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଆକ୍ରମଣ ସମୟର ଭିଡିଓରୁ ପୁଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛି । ସେପଟେ ଆକ୍ରମଣର ଶିକାର ଉମେଶଙ୍କ ନାମରେ ମଧ୍ୟ ରହିଛି ୧୫ଟି ଅପରାଧିକ ମାମଲା ।

**ବିବାହ ପ୍ରଲୋଭନ ଦେଖାଇ ଆଦିବାସୀ ନାବାଳିକାକୁ ପ୍ରତାରଣା**

## ପୀଡ଼ିତା ଓ ପରିବାର ଉପରେ ପୁଲିସର ଦମନନୀତି

ବାରିପଦା, ୧୯।୫ (ସମିସ): ପୀଡ଼ିତା ଓ ପରିବାର ଉପରେ ପୁଲିସର ଦମନ ନୀତି ପାଇଁ ପୁଣିଥରେ ମୟୂରଭଞ୍ଜ ଜିଲ୍ଲା ଚର୍ଚ୍ଚାକୁ ଆସିଛି । ବିବାହର ପ୍ରଲୋଭନ ଦେଖାଇ ଜଣେ ଆଦିବାସୀ ନାବାଳିକାକୁ ପ୍ରତାରଣା ଘଟଣାରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ବଦଳରେ ପୀଡ଼ିତା ଓ ତା' ପରିବାରଲୋକଙ୍କୁ ଗାଳିଗୁଲଜ କରିବା, ପୀଡ଼ିତାଙ୍କ ବାପାଙ୍କଠାରୁ ସାଦା କାଗଜରେ ଟିପ ଚିହ୍ନ ନେବା ଏବଂ ପୀଡ଼ିତାକୁ ଏତଲା ବଦଳାଇବାକୁ ବାଧ୍ୟ କରିବା ଭଳି ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି ।

**■ ଏତଲା ବଦଳାଇବାକୁ ମହିଳା ସବ୍-ଇନ୍ସପେକ୍ଟର୍‌ଙ୍କ ଚାପ**
**■ ପୀଡ଼ିତାଙ୍କ ବାପାଙ୍କଠାରୁ ନେଇଗଲେ ସାଦା କାଗଜରେ ଟିପ**
**■ ମାମଲା ଚାପିବାକୁ ଉଦ୍ୟମ ଅଭିଯୋଗ**

ଅଭିଯୋଗ ଅନୁଯାୟୀ, ବାରିପଦା ସଦର ଥାନାର ମୁଣ୍ଡୁରୀ ଅଞ୍ଚଳର ଜୟସିଂ ମୁର୍ମୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାକୁ ନିଜ ଘରକୁ ନେଇଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ ପ୍ରତାରଣା ଦେଇଥିଲେ । ସେଠାରେ ୩ଦିନ ରଖିବା ପରେ ଜୟସିଂ ଫେରାର୍ ହୋଇଯାଇଥିଲା । ଏପଟେ, ଯୁବକଙ୍କ ପରିବାରଲୋକେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ । ଠିକ୍ ଭାବେ ଖାଇବାକୁ ନ ଦେବା ସହ କାମ କରାଉଥିଲେ । ଏ ସଂପର୍କରେ ନାବାଳିକା ଓ ତାଙ୍କ ବାପା ଶୁଳିଆପଦା ପୁଲିସ୍ ପାଖରେ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ, ଥାନାର ଜଣେ ମହିଳା ସବଇନ୍ସପେକ୍ଟର୍ ରୂପଶ୍ରୀ ସ୍ୱାଇଁ ନାବାଳିକାଙ୍କୁ ଧମକଚମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ନାବାଳିକା ଓ ତାଙ୍କ ବାପାଙ୍କ ପାଖରୁ ଏତଲା ରଖିବା ବଦଳରେ ଅଭିଯୋଗ ବଦଳାଇବାକୁ ବାଧ୍ୟ କରିଥିଲେ । ଏପରିକି, ଏକ ସାଦା କାଗଜରେ ଜୋରଜବରଦସ୍ତ ନାବାଳିକାଙ୍କ ବାପାଙ୍କ ପାଖରୁ ଟିପ ଚିହ୍ନ ନେଇଥିଲେ । ଏହାସହ ନାବାଳିକାଙ୍କୁ ଡରାଇ 'ତୁ ତୋ ସାଙ୍ଗଘରେ ଥିଲୁ ବୋଲି' ଏତଲାରେ ଲେଖିବାକୁ ବାଧ୍ୟ କରାଇଥିଲେ । ଏପରି କରି ସେ ଘଟଣାକୁ ଚାପିବାକୁ ଉଦ୍ୟମ କରୁଛନ୍ତି ବୋଲି ନାବାଳିକାର ପରିବାରଲୋକ ଅଭିଯୋଗ କରିଛନ୍ତି । ନାବାଳିକାଙ୍କ ପରିବାର ଏବେ ଅସହାୟ ଅବସ୍ଥାରେ ଅଛନ୍ତି । ସେମାନେ ଅଭିଯୁକ୍ତ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉଚିତ ନ୍ୟାୟ ଦାବି କରିଛନ୍ତି । ତେବେ ଏନେଇ ସବ୍-ଇନ୍ସପେକ୍ଟର୍ ରୂପଶ୍ରୀ ସ୍ୱାଇଁଙ୍କ ମତାମତ ମିଳିପାରିନି । ଅପରପକ୍ଷରେ ନାବାଳିକା ବାପାଙ୍କ ଅଭିଯୋଗକ୍ରମେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି ବାରିପଦା ଏସଡିପିଓ ପ୍ରଭାତ ବିଶ୍ୱାଳ କହିଛନ୍ତି ।



**ବାଲିଅନ୍ତା ଭିଡ଼ ହତ୍ୟା ମାମଲା**

## ରଣପୁର ଜଙ୍ଗଲରୁ ଆଉ ୨ ଗିରଫ

ଭୁବନେଶ୍ୱର,୧୯।୫(ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ କ୍ରାଇମ୍‌ବ୍ରାଞ୍ଚ ପଞ୍ଚାନନ ଓରଫ କାଳିଆ ବଡ଼ଜେନା ଏବଂ ରଣଜିତ ରଣାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏମାନଙ୍କୁ ନୟାଗଡ଼ ଜିଲ୍ଲା ରଣପୁର ଜଙ୍ଗଲରୁ ଗିରଫ କରାଯାଇଛି । ଆଜି ୨ ଜଣଙ୍କ ଗିରଫ ପରେ ଗିରଫଦାରୀ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ପୂର୍ବରୁ କମିଶନରେଟ୍ ପୁଲିସ ୧୧ଜଣଙ୍କୁ ଗିରଫ କରିଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ୪ଜଣଙ୍କୁ ଗିରଫ କରିଛି । ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି । ଆଗାମୀ ଦିନରେ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ପ୍ରକ୍ରିୟା ଉପରେ ସୌମ୍ୟଙ୍କ ପରିବାର ଲୋକେ ଏବଂ ତାଙ୍କ ସମ୍ପର୍କୀୟ ପ୍ରଶ୍ନ ଉଠାଇଛନ୍ତି । କ୍ରାଇମ୍‌ବ୍ରାଞ୍ଚ ଅଧୀନରେ ତଦନ୍ତ ହେଲେ ସୌମ୍ୟଙ୍କୁ ନ୍ୟାୟ ମିଳିବନି । ଏଣୁ ସେମାନେ ବାରମ୍ବାର ସିବିଆଇ ତଦନ୍ତ ଦାବି କରୁଥିଲେ ମଧ୍ୟ ସେ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସେମାନେ କହିଛନ୍ତି ।

**■ ଏକାମ୍ର ନିର୍ବାଚନୀ ମାମଲା**

## ଦସ୍ତାବିଜ୍ ଦାଖଲ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୯।୫(ସମିସ): ଏକାମ୍ର ବିଧାନସଭା ନିର୍ବାଚନୀ ମାମଲାରେ ନିର୍ବାଚନ ସଂପର୍କିତ ଦସ୍ତାବିଜ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଦାଖଲ କରିବାକୁ ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଦା ଲଫାପାରେ ଜିଲ୍ଲାପାଳ ଦସ୍ତାବିଜ ହାଇକୋର୍ଟ ରେଜିଷ୍ଟ୍ରି ନିକଟରେ ଦାଖଲ କରିବେ । ଅଶୋକ ଚନ୍ଦ୍ର ପଣ୍ଡାଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ନିର୍ବାଚନୀ ମକଦ୍ଦମାର ଉପଯୁକ୍ତ ବିଚାର ଓ ରାୟ ପ୍ରକାଶ ପାଇଁ ନିର୍ଦ୍ଦିଷ୍ଟ ଦସ୍ତାବିଜ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରୁ ତଲବ କରାଯାଉ ବୋଲି ଦର୍ଶାଇ ଅନ୍ତରୀଣ ଆବେଦନ ଦାୟର କରାଯାଇଥିଲା । ମୂଳ ନିର୍ବାଚନୀ ମକଦ୍ଦମାର ଜୁଲାଇ ୧କୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି ।

ମାମଲାର ବିବରଣୀରୁ ପ୍ରକାଶ ଯେ ଏକାମ୍ର ଆସନରୁ ବିଜେପି ପ୍ରାର୍ଥୀ ଶ୍ରୀ ସିଂହଙ୍କ ବିଧାୟକ ଭାବେ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ୨୦୨୪ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ୨୦୨୪ ସେପ୍ଟେମ୍ବର ୧୨ରେ ଶ୍ରୀ ପଣ୍ଡାଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ପ୍ରତିପକ୍ଷ ତଥା ବିଧାୟକ ଶ୍ରୀ ସିଂହଙ୍କୁ ନୋଟିସ୍ ଜାରି କରିଥିଲେ । ପରବର୍ତ୍ତୀ ସମୟରେ ଶ୍ରୀ ପଣ୍ଡାଙ୍କ ନିର୍ବାଚନୀ ମୋକଦ୍ଦମାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଖାରଜ କରିବାକୁ ଶ୍ରୀ ସିଂହ ଅନ୍ତରୀଣ ଆବେଦନ ଦାୟର କରିଥିଲେ । ଗତ ଫେବୃଆରି ୯ରେ ଶ୍ରୀ ସିଂହଙ୍କ ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ । ଏହାପରେ ନିର୍ବାଚନୀ ମକଦ୍ଦମାର ହାଇକୋର୍ଟରେ ଶୁଣାଣି ଜାରି ରହିଛି ।

**ରାଜ୍ୟରେ ମଣ୍ଡି ଓ ଟୋକନ ସମସ୍ୟା ଯୋଗୁଁ ବଢ଼ୁଛି ଚାଷୀ ଅସନ୍ତୋଷ**

## ରାଜରାସ୍ତାରେ ଚାଷୀ; ସରକାର ଉତ୍ସବ ମନାଉଛନ୍ତି: ବିଜେଡି

ଭୁବନେଶ୍ୱର,୧୯।୫(ସମିସ): ୨୦୨୪ ସାଧାରଣ ନିର୍ବାଚନରେ ଚାଷୀଙ୍କ ପାଇଁ ବିଜେପି ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଣିର ଗାର ହୋଇଛି । ଚାଷୀଙ୍କୁ ଏମଏସପି ସହିତ ୮୦୦ ଟଙ୍କାର ଇନପୁଟ୍ ସବସିଡି ଦେବାର ଆଶ୍ୱାସନା ଦେଇଥିବା ବିଜେପି ସରକାର ଚାଷୀମାନଙ୍କୁ ଶୋଷଣ କରୁଛି କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ବିଧାୟକ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ବିଜେପି ସରକାରର ଚାଷୀ ମାରଣ ନୀତି ଯୋଗୁଁ ଚାଷୀ ନିଜର ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛି । ରାଜ୍ୟରେ ଚାଷୀ ମାନଙ୍କ ସମସ୍ୟା ଉତ୍କଟ ରୂପ ନେଉଥିବା ବେଳେ ସରକାର ଉତ୍ସବ ମନାଇବାରେ ବ୍ୟସ୍ତ ରହୁଛନ୍ତି । ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେପି, ଚାଷୀକୂଳ ପ୍ରତି ଉଦାସୀନତା ପନ୍ଥା ଅବଲମ୍ବନ କରିବା ନିନ୍ଦନୀୟ ବୋଲି କହିଛନ୍ତି ।

ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପୂର୍ବରୁ ଓଡ଼ିଶାର ଚାଷୀକୂଳକୁ ଆଶ୍ୱସ୍ତ କରିଥିଲା



ଯେ ଏମ୍‌ଏସପି ସହିତ ୮୦୦ ଟଙ୍କାର ଇନପୁଟ ସବସିଡି ଦେଇ ଧାନ କିଣିବୁ ଏବଂ ଚାଷୀର ସମସ୍ତ ବଳକା ବିକ୍ରିଯୋଗ୍ୟ ଧାନ ସଂଗ୍ରହ କରିବୁ । ଏହା ଭିତରେ ଦୁଇଟି ଆର୍ଥିକ ବର୍ଷ ବିତିଯାଇଥିଲେ ମଧ୍ୟ ସରକାରଙ୍କ ଅପାରଗତା କାରଣରୁ ଚାଷୀକୂଳ ଆଜି ଦୁର୍ଦ୍ଦିନରେ କାଳାତିପାତ କରୁଛି । ବିଜେପିର ମିଛ ପ୍ରତିଶ୍ରୁତିର ଶିକାର ହୋଇ ଚାଷୀକୁ ଆଜି ରେଜିଷ୍ଟ୍ରେସନ ପାଇଁ, ଟୋକନ ପାଇଁ, ମଣ୍ଡି ଖୋଲିବା ପାଇଁ ଓ ନିଜ କଷ୍ଟ ଉପାର୍ଜିତ ଫସଲକୁ କିପରି ବିକ୍ରି କରିପାରିବେ, ସେଥିପାଇଁ ବାରମ୍ବାର ରାଜରାସ୍ତାରେ ଆନ୍ଦୋଳନ କରିବାକୁ ପଡୁଛି । ପଶ୍ଚିମ ଓଡ଼ିଶାରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଓ ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ରାଜରାସ୍ତାରେ ଗର୍ଜନ କରୁଛନ୍ତି । ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁଁ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି । ସରକାର ତୁରନ୍ତ ପଦକ୍ଷେପ ନ ନେଲେ ବିଜେଡି ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ସେ କହିଛନ୍ତି ।

**■ ବିଜେପି କ୍ଷମତାକୁ ଆସିବା ପରଠାରୁ ବଢ଼ିଛି ଚାଷୀ ସମସ୍ୟା**
**■ ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ**

ବ୍ୟୋମକେଶ କହିଛନ୍ତି ଯେ ଖରିଫ ସିଜିନରେ ରେକର୍ଡ ସଂଖ୍ୟକ ଧାନ ଅମଳ ହୋଇଥିଲା । ଗତବର୍ଷ ଯେଉଁ ଧାନ ସଂଗ୍ରହ ହୋଇଥିଲା, ତାହା ସରକାର ଓ ମିଲ୍ ମାନଙ୍କ ପାଖରେ ଭରପୂର ମାତ୍ରାରେ ରହିଥିଲା । ସରକାରଙ୍କ ପାଖରେ ଆଉ ଜାଗା ନଥିଲା ଏ ବର୍ଷର ଧାନ କିଣିବା ପାଇଁ । ଯାହା ମୁଖ୍ୟମନ୍ତ୍ରୀ ପୂର୍ବାଞ୍ଚଳ କୃଷି ସମ୍ମିଳନୀରେ ସ୍ୱୀକାର କରିଛନ୍ତି । ସରକାର ପ୍ରଥମ ଦିନରୁ ଚେଷ୍ଟା କରିଥିଲେ କିପରି ଏବର୍ଷ କମ୍ ଧାନ ସଂଗ୍ରହ କରାଯିବ । ସରକାର ରେଜିଷ୍ଟ୍ରେସନ ପ୍ରକ୍ରିୟାକୁ ଜଟିଳ କରିବା ସହିତ ୧୫୦ କ୍ୱିଣ୍ଟାଲ ଉପରକୁ କୌଣସି ଚାଷୀ ଧାନ ବିକ୍ରି କରିପାରିବ ନାହିଁ କହି ଚାଷୀକୂଳକୁ ହତାଦର କଲେ । ସରକାର ଚାଷୀକୂଳର ସମସ୍ୟାକୁ ତୁରନ୍ତ ସମାଧାନ କରନ୍ତୁ, ନଚେତ୍ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ରାୟ ଚେତାବନୀ ଦେଇଛନ୍ତି ।

## ଭାପୁର ଦୁଷ୍କର୍ମ ମାମଲା

# ୨୫ ଦିନ ପରେ ବି ଧରାପଡ଼ିନି ଅଭିଯୁକ୍ତ

ଅନୁଗୋଳ,୧୯।୫(ସମିସ):

ଢେଙ୍କାନାଳ ସଦର ବ୍ଲକ୍ ଭାପୁର ଅଞ୍ଚଳରେ ଘଟିଥିବା ୨୩ ବର୍ଷୀୟା ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଘଟଣାରେ ପୁଲିସର ନିଷ୍କ୍ରିୟତା ବିରୋଧରେ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଗତ ଏପ୍ରିଲ ୨୭ ତାରିଖରେ ସାପୁଆ ନଦୀ କୂଳରେ ଘଟିଥିବା ଏହି ବର୍ବରକାଣ୍ଡକୁ ୨୫ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନେ ଏବେ ବି ଫେରାର ଅଛନ୍ତି। ଏହାକୁ ନେଇ ବିଜୁ ଜନତା ଦଳ ପ୍ରତିନିଧି ଦଳ ଏବଂ ସ୍ଥାନୀୟ ମହିଳା ଢେଙ୍କନାଳ ଏସ୍‌ପିଙ୍କୁ ବାରମ୍ବାର ସ୍ମାରକପତ୍ର ଦେଇଥିଲେ ହେଁ ପୁଲିସର ୪୮ ଘଣ୍ଟାର ପ୍ରତିଶ୍ରୁତି ପୂରଣ ହୋଇପାରିନି। ଅଭିଯୁକ୍ତଙ୍କ ଗିରଫଦାରୀରେ ବିଳମ୍ବ ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ଭୟ ଓ କ୍ରୋଧ ସୃଷ୍ଟି ହୋଇଛି। ଯାହା ପୁଲିସ



ପ୍ରଶାସନ ଉପରୁ ଆସ୍ଥା ତୁଟାଇ ଦେଇଛି। ଏହି ସମ୍ବେଦନଶୀଳ ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ଅନୁଗୋଳ ଡେପୁଟି ଇନ୍‌ସପେକ୍ଟର ଜେନେରାଲ ଅଫ୍ ପୁଲିସନର୍ଥ ସେଣ୍ଟ୍ରାଲ ରେଞ୍ଜଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ର ମାଧ୍ୟମରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ସ୍ପେଶାଲ ପୁଲିସ ଟିମ୍ ଗଠନ କରି ନିରପେକ୍ଷ ଓ ଦ୍ରୁତ ତଦନ୍ତ କରିବା ଏବଂ ପୀଡ଼ିତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ସହ ସୁରକ୍ଷା ଯୋଗାଇ ଦେବାକୁ ଦୃଢ଼ ଦାବି କରାଯାଇଛି। ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡଃ ଅବିନାଶ ସାମଲ, ପୂର୍ବତନ ସାଂସଦ ମହେଶ ସାହୁ, ଢେଙ୍କାନାଳ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଢେଙ୍କାନାଳ ଜିଲ୍ଲା ଛାତ୍ର ବିଜେଡି ସଭାପତି ଆର୍ଯ୍ୟନ ଦାସ, ହିନ୍ଦୋଳ ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ରାଣୀ ନାୟକ, ହିନ୍ଦୋଳ ବ୍ଲକ୍ ବିଜେଡି ସଭାପତି

### ନ୍ୟାୟ ଦାବିରେ ଡିଆଇଜିଙ୍କୁ ସ୍ମାରକପତ୍ର

ଦେବୀ ପଟ୍ଟନାୟକ, ଓଡ଼ାପଡ଼ା ବ୍ଲକ୍ ବିଜେଡି ସଭାପତି ଜାତି ନାୟକ, ଅନୁଗୋଳ ଜିଲ୍ଲା ଯୁବ ଜନତା ଦଳର ସଭାପତି ଅରୁଣାଭ ସିଂହ, ପୂର୍ବତନ ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ରାଜ୍ୟ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଶିବାନୀ ଶଙ୍କର ଗୌଡ଼, ରାଜ୍ୟ ଯୁବ ଜନତା ଦଳର ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଅନୁଗୋଳ ଓକିଲ ସଂଘ ଅତିରିକ୍ତ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କୋଶଳାବାସୀଙ୍କୁ ଜେଲରେ ଭେଟିଲେ ପୂର୍ବତନ ସାଂସଦ ମହେଶ ସାହୁ

ଅନୁଗୋଳ,୧୯।୫(ସମିସ): ନିଜର ହକ ପାଇଁ ସରକାରୀ ନିୟମର ପାଳନ ଦାବି କରି ୩୫ ଦିନ ହେଲା ଜେଲରେ ଗ୍ରାମର ଶିକ୍ଷିତ ଯୁବକ ରହିଛନ୍ତି। ହକ ପାଇଁ ଆନ୍ଦୋଳନ କରିବାରୁ ମିଛ ମାମଲା ଲଗାଇ ଜେଲରେ ଭର୍ତ୍ତି କରିଛି ପୁଲିସ। ଆଜି ସେହି ଆନ୍ଦୋଳନକାରୀଙ୍କୁ ଜେଲରେ ଯାଇ ଭେଟିଛନ୍ତି ବିଜେଡିର ପୂର୍ବତନ ସାଂସଦ ମହେଶ ସାହୁ। ଆଉ ଜେଲରେ ସେମାନଙ୍କୁ ଭେଟିବା ପରେ ସେ ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଏ ନେଇ ଦଳ ସହିତ ଆଲୋଚନା କରି ଆଗାମୀ ପଦକ୍ଷେପ ନେବେ ବୋଲି କହିଛନ୍ତି। ସୂଚନା ଅନୁସାରେ ନୈନି କୋଇଲା ଖଣିରୁ ଗାଁ ମଧ୍ୟ ଦେଇ କୋଇଲା ଚଳାଚଳକୁ ବିରୋଧ କରିଥିଲେ କୋଶଳାବାସୀ। କୋଲ କରିଡର କିମ୍ବା ବାଇପାସ ନିର୍ମାଣ ପାଇଁ ସରକାରୀ ନିୟମ ରହିଥିବା ସତ୍ତ୍ୱେ କମ୍ପାନୀ ଓ ପ୍ରଶାସନ ଏଭଳି ଗାଁ ଦେଇ କୋଇଲା ଗାଡ଼ି ପରିବହନକୁ ଗାଁ ଲୋକ ବିରୋଧ କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ




ଚଳାଇ ଥିଲେ। ଆନ୍ଦୋଳନ ବେଳେ ସମସ୍ତ ଗାଡ଼ିକୁ ଗାଁ ଦେଇ ଛାଡିଥିବାବେଳେ କେବଳ କୋଇଲା ଗାଡ଼ିକୁ ଗ୍ରାମବାସୀ ଫେରାଇ ଦେଇ ରାତି ସାରା ଆନ୍ଦୋଳନ କରିଥିଲେ। ତେବେ ପ୍ରାୟ ଏକ ମାସ ପରେ ପ୍ରଶାସନ ଏହାର ସମାଧାନ ବାଟ ନ ବାହାର କରି ଆନ୍ଦୋଳନ କରୁଥିବା ଗାଁର ସମ୍ପାଦକଙ୍କ ସମେତ ୫ ଜଣଙ୍କୁ ବିଭିନ୍ନ ମିଛ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଗ୍ରାମବାସୀଙ୍କୁ ଧମକ ଚମକ ଦେଇ ଆନ୍ଦୋଳନକୁ ଭଣ୍ଡୁର କରି ଦେଇଥିଲା। ତେବେ ଗିରଫ ୫ ଗ୍ରାମବାସୀ ଆଜକୁ ପ୍ରାୟ ୩୫ ଦିନ ହେବ ଜେଲରେ ଅଛନ୍ତି। ପୁଲିସ ପ୍ରଶାସନ ଗୋଟିଏ ପରେ ଗୋଟିଏ ମାମଲା ଯୋଡ଼ିବା ଯୋଗୁଁ ସେମାନଙ୍କ ଜାମିନ ହୋଇ ପାରୁନାହିଁ। ଏ କଥାକୁ ସହଜରେ ଗ୍ରହଣ କରି ପାରି ନାହାନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ଆଜି ସେ ଅନୁଗୋଳ ଜେଲ ଯାଇ ଉକ୍ତ ୫ ଗ୍ରାମବାସୀଙ୍କୁ ଭେଟିଛନ୍ତି। ଆଉ ପୁଲିସର ଏଭଳି କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି। ଏଭଳି ନିରୀହ ଲୋକଙ୍କୁ ବିନା କାରଣରେ ମାସ ମାସ ଧରି ଜେଲରେ ଭର୍ତ୍ତି କରିବା ପୁଲିସ ପ୍ରଶାସନର ଏକ ଦୁର୍ବଳତା ଏବଂ ବିଫଳତା ବୋଲି ସେ କହିଛନ୍ତି।

## ତାଲୁକ ଆଇନସେବା କମିଟିର ସଚେତନତା କାର୍ଯ୍ୟକ୍ରମ




ଆଠମଲ୍ଲିକ,୧୯।୫(ସମିସ): ଆଠମଲ୍ଲିକ ତାଲୁକ ଆଇନସେବା କମିଟି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରଠାରେ ଜାଗୃତି ଯୋଜନା-୨୦୨୫ ପୋକ୍‌ସୋ ଆଇନ ସମ୍ବେଦନଶୀଳତା "ସୁରକ୍ଷିତ ଶୈଶବ, ସୁରକ୍ଷିତ ଭବିଷ୍ୟତ' ବିଷୟବସ୍ତୁ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବାକୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୂତାର ଯୋଗଦେଇ ପୋକ୍‌ସୋ ଆଇନ କ'ଣ, କିପରି ଓ କାହିଁକି କାର୍ଯ୍ୟକାରୀ କରାଯାଇଛି ଓ କ'ଣ ଆଇନରେ ତା ପାଇଁ ପ୍ରବଧାନ ରହିଛି ସେ ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ସିଭିଲ ଜଜ୍ ସିନିଅର ଡିଭିଜନ ଲିଙ୍କି ପ୍ରିୟା ସାହୁ, ଏସ୍‌ଡିଜେଏମ୍ ସିଙ୍କୁନ ରାୟ, ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, କ୍ରିମିନାଲ କୋର୍ଟ ଓକିଲସଂଘ ସଭାପତି ଅଞ୍ଜନ କୁମାର ପ୍ରଧାନ, ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ଓକିଲ ସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, ଆଇନଜୀବୀ ଗଣେଶ ଚନ୍ଦ୍ର କର୍ମୀ, ତାଲୁକ ଆଇନସେବା କମିଟି ସମ୍ପାଦକ ଅମିତ କୁମାର ନାୟକ, ସହଯୋଗୀ ଭାବେ ସିଦ୍ଧାର୍ଥ ମହାନ୍ତି, ଶୁଭେନ୍ଦୁ ମୋହନ ବାରିକ, ଗୋବିନ୍ଦ ମାର୍ଣ୍ଡି, ଶିଳ୍ପ ତାଲିମ କେନ୍ଦ୍ରର ପ୍ରଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଷୋଳପଦା ବାରିକ ସମାଜ ଭାଗୀରଥିପୁର ପୁଞ୍ଜିର ବାର୍ଷିକ ସଭା



କିଶୋରନଗର,୧୯।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଷୋଳପଦା ବାରିକ ସମାଜ ଭାଗୀରଥିପୁର ପୁଞ୍ଜି ତରଫରୁ କୁରୁମଟାପ ଶିବମନ୍ଦିର ଆମ୍ବ ତୋଟାଠାରେ ବାର୍ଷିକ ସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ସମାଜର ସଂଗଠନ ଆଗକୁ ବଢ଼ାଇବା, ରୋଜଗାରକ୍ଷମ ହେବା, ସମାଜର ରୀତିନୀତି ଅନୁସାରେ ଚଳିବା ନେଇ ଆଲୋଚନା ହୋଇଥିଲା। ଋଣ ନେଇଥିବା ସଭ୍ୟ ଋଣ ପରିଶୋଧ କରିଥିଲେ। ଏହି ସଭା ବାରିକ ସମାଜ ସଭାପତି ସଞ୍ଜୟ ବାରିକ ସମ୍ପାଦକ ବିଭୂତି ବାରିକଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। କୋଷାଧ୍ୟକ୍ଷ ଗଣେଶ୍ୱର ବାରିକ ବାର୍ଷିକ ହିସାବ ଦେଇଥିଲେ। ନୂତନ ସଭାପତି ଭାବେ ସୁବାସ ବାରିକ ସମ୍ପାଦକ ଭାବେ ଗଣେଶ୍ୱର ବାରିକଙ୍କୁ ଚୟନ କରିଥିଲେ। ଏଥିରେ ବାର ଗ୍ରାମର ଶହେ ମେମ୍ବର ଯୋଗଦେଇଥିଲେ।

## ଶ୍ରୀଶ୍ୟାମ ପରିବାରର ନୂତନ କମିଟି ଗଠିତ

ଅନୁଗୋଳ,୧୯।୫(ସମିସ): ଅନୁଗୋଳସ୍ଥିତ ମାରୱାଡ଼ି ଧର୍ମଶାଳାଠାରେ ଶ୍ରୀ ଶ୍ୟାମ ପରିବାର ଓ ଶ୍ରୀ ଶ୍ୟାମ ଜ୍ୟୋତ ଭଜନ ସନ୍ଧ୍ୟା ପରିବାର ପକ୍ଷରୁ ଏକ ସଂଯୁକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉଭୟ ଗ୍ରୁପର ସମସ୍ତ ସଦସ୍ୟ, ବରିଷ୍ଠ ବ୍ୟକ୍ତିବର୍ଗ ଓ ଶ୍ୟାମ ଭକ୍ତମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତଙ୍କ ସହମତିକ୍ରମେ ଦୁଇଟି ଗ୍ରୁପକୁ ଏକତ୍ର କରାଯାଇ ଏକ ନାମ 'ଶ୍ରୀ ଶ୍ୟାମ ପରିବାର' ଅଧୀନରେ ନୂତନ ସଂଗଠନ ଗଠନ କରାଯାଇଥିଲା। ସହଯୋଗ, ଏକତା ଓ ସମାଜସେବାର ଭାବନାକୁ ଆଗରେ ରଖି ନୂତନ କାର୍ଯ୍ୟକାରିଣୀ କମିଟିର ଚୟନ କରାଯାଇଥିଲା। ନୂତନ କମିଟିରେ ରାମକିଶନ ବଂଶଲଙ୍କୁ ସଭାପତି, ଜଗନ୍ନାଥ ଅଗ୍ରୱାଲଙ୍କୁ ଉପ-ସଭାପତି, କୁନାଲ ଅଗ୍ରୱାଲଙ୍କୁ ସଚିବ, ସୁମିତ ଅଗ୍ରୱାଲଙ୍କୁ ସହ-ସଚିବ ଏବଂ ବାବୁଲାଲ ଅଗ୍ରୱାଲଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଏହା ସହ କିଛି ବରିଷ୍ଠ ସଦସ୍ୟଙ୍କୁ ପରାମର୍ଶଦାତା ଭାବେ ଦାୟିତ୍ୱ ଦିଆଯାଇଛି। ବୈଠକରେ ସମସ୍ତ ସଦସ୍ୟ ଏକତାର ସହିତ ଶ୍ରୀ ଶ୍ୟାମଙ୍କ ସେବା, ଭଜନ ସନ୍ଧ୍ୟା ଓ ସାମାଜିକ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଭାବେ ଆଗେଇ ନେବା ପାଇଁ ସଂକଳ୍ପ ନେଇଥିଲେ। ଶେଷରେ ସମସ୍ତ ନବ ନିର୍ବାଚିତ ପଦାଧିକାରୀଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ପରାମର୍ଶଦାତା ଭାବେ ଲଡୁକେଶ୍ୱର ଅଗ୍ରୱାଲ, ଅନୀଲ ଅଗ୍ରୱାଲ, ରଞ୍ଜିତ ମାଣ୍ଡୋଟିଆ, ଅଶୋକ ଗୋୟଲ, ଅଙ୍କିତ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ ପ୍ରମୁଖ ମନୋନୀତ ହୋଇଥିଲେ।

## ୧୧ନମ୍ବର ୱାର୍ଡ ବସ୍ତି କମ୍ୟୁନିଟି ସେଣ୍ଟର ଗୃହ କାହା ସ୍ୱାର୍ଥରେ

ତାଳଚେର,୧୯।୫(ସମିସ): ତାଳଚେର ପୌରପରିଷଦ ୱାର୍ଡ ନଂ-୧୧ ଚାଳିଆକୁଟା ବସ୍ତିରେ ରହିଥିବା କମ୍ୟୁନିଟି ସେଣ୍ଟର ଘର କାହା ସ୍ୱାର୍ଥରେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ସରକାରଙ୍କ ପକ୍ଷରୁ ଲୋକଙ୍କ ହିତ ଦୃଷ୍ଟିରୁ ସହରାଞ୍ଚଳ ଗୁଡ଼ିକରେ କମ୍ୟୁନିଟି ସେଣ୍ଟର ଘର



ନିର୍ମାଣ କରାଯାଇଛି। ବିଶେଷକରି ସଭା, ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାହ, ବ୍ରତ ଏପରିକି ସ୍ଥାନୀୟ ବାସିନ୍ଦାଙ୍କ କାର୍ଯ୍ୟରେ ଲାଗିବା ଉଦ୍ଦେଶ୍ୟରେ ଏହି କମ୍ୟୁନିଟି ସେଣ୍ଟର ଗୃହଟି ନିର୍ମାଣ କରାଯାଇଛି। କିନ୍ତୁ ତାହା ନ ହୋଇ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଜରିଆରେ ଏବେ ଏହି ଗୃହଟି ଭଡ଼ାଘର ସାଜିଥିବା ଶୁଣାଯାଉଛି। ବର୍ତ୍ତମାନ ସମୟରେ ଜାଗାର ଅଭାବ ହେତୁ ବସ୍ତିବାସିନ୍ଦା ନିଜର କୌଣସି ମାଙ୍ଗଳିକ କାର୍ଯ୍ୟ କରିପାରୁନଥିବା ଓ ଅଧିକ ଖର୍ଚ୍ଚାନ୍ତ ହୋଇ ରାସ୍ତା କଡ଼ରେ ଟେଣ୍ଟ କରି ନିଜର କାର୍ଯ୍ୟ କରୁଥିବା ଯୋଗୁଁ ସେହି ରାସ୍ତା ଦେଇ ଯାତାୟତ କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ତେବେ ମହତ ଉଦ୍ଦେଶ୍ୟରେ ୱର୍ଡବାସୀଙ୍କ ପାଇଁ ନିର୍ମିତ ନଂ -୧୧ଚାଳିଆକୁଟା ବସ୍ତିରେ ଏହି କମ୍ୟୁନିଟି ସେଣ୍ଟର ଗୃହଟି କାହାକୁ ହସ୍ତାନ୍ତର କରାଯାଇଛି ଓ ସେ କିପରି ଏହି ଗୃହକୁ ଭଡ଼ା ଆକାରରେ ଲଗାଇଛି ତାହା ତଦନ୍ତ ସାପେକ୍ଷ। ଏହି କମ୍ୟୁନିଟି ସେଣ୍ଟରଟି ଏବେ ଜରାଜୀର୍ଣ୍ଣ ହେବା ସହ ସେଥିମଧ୍ୟରେ ଭଡ଼ାରେ ରହି ଆଡ୍ଡା ଜମାଇଥିବା ଲୋକଙ୍କୁ ସେଠାରୁ ତୁରନ୍ତ ବାହାର କରାଯାଇ ୱାର୍ଡବାସୀଙ୍କ ସ୍ୱାର୍ଥରେ ଲଗାଇବାକୁ ସାଧାରଣରେ ଦାବି ହେଉଛି।

## ସମର କ୍ୟାମ୍ପକୁ ରୋକିଲା ପୁଲିସ

ଅନୁଗୋଳ,୧୯।୫(ସମିସ): ନାଲକୋ ନଗର ଦ. କ୍ଲବ ପରିସରରେ କୋମସମଲ, ଓଡ଼ିଶା ପକ୍ଷରୁ ୩ ଦିନିଆ ରାଜ୍ୟସ୍ତରୀୟ ଗ୍ରୀଷ୍ମ ଶିବିର ଆୟୋଜନ ହୋଇଥିଲା। ଛାତ୍ରଛାତ୍ରୀଙ୍କ ପାଇଁ ୩ ଦିନିଆ ରାଜ୍ୟସ୍ତରୀୟ ଗ୍ରୀଷ୍ମ ଶିବିର ୧୯ ମଇ ୨୦୨୬ ପର୍ଯ୍ୟନ୍ତ ନାଲକୋ ନଗରସ୍ଥିତ 'ଦ କ୍ଲବ୍'ଠାରେ ଆୟୋଜନକୁ ପୁଲିସ ପ୍ରଶାସନ ପକ୍ଷରୁ ରୋକ ଲାଗିଛି। ଏହି ଶିବିରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୨୫୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଶିବିର ସମୟରେ ଶିକ୍ଷାମୂଳକ କାର୍ଯ୍ୟକ୍ରମ ସହିତ ନୃତ୍ୟ, ନାଟକ, ସଙ୍ଗୀତ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଥିଲା। ଏହି ସ୍ଥାନରେ ଛାତ୍ରଛାତ୍ରୀ ଓ ଆୟୋଜକଙ୍କ ସମାଗମ ସମ୍ବନ୍ଧରେ ନାଲକୋ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପୁଲିସକୁ ଅବଗତ କରାଯାଇ ନଥିଲା। ଶିବିର ଅବଧିରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଶିବିର ପରିଚାଳନାରେ ରୋକ ଲଗାଇଛନ୍ତି। ବିନା ଅନୁମତିରେ ଶିବିର ଆୟୋଜନକୁ ବାତିଲ କରିବା ସହ ଅୟୋଜକଙ୍କୁ ଥାନାକୁ ଆଣି ପଚରାଉଚରା କରି କ୍ଲବ୍ ସମ୍ପାଦକଙ୍କୁ ଲିଖିତ ଚୁକ୍ତିନାମାରେ ଛାଡ଼ିଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ମୂଷା ମଲ୍ଲିକଙ୍କ ଶ୍ରାଦ୍ଧ ଦିବସ

କାମାକ୍ଷାନଗର,୧୯।୫(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନର ଅନ୍ୟତମ ପ୍ରମୁଖ ବ୍ୟକ୍ତିତ୍ୱ ମୂଷାମଲ୍ଲିକଙ୍କ ୬୫ତମ



ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କାମାକ୍ଷାନଗର ବ୍ଲକ୍ ବାଲିଗୋରଡ଼ଠାରେ ଏ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ମୂଷା ମଲ୍ଲିକଙ୍କ ଦାୟାଦ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୂଷାମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ। ସ୍ୱାଧୀନତା ସଂଗ୍ରାମ ଓ ବିଶେଷଭାବେ ଗଡ଼ଜାତ ଆନ୍ଦୋଳନରେ ମୂଷାମଲ୍ଲିକଙ୍କ ଅବଦାନ ସମ୍ପର୍କରେ ଉପସ୍ଥିତ ଅତିଥି ମାନେ ଆଲୋଚନା କରିବା ସହିତ ମୂଷା ମଲ୍ଲିକଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମୂଷା ମଲ୍ଲିକଙ୍କ ପ୍ରତିମୂର୍ତ୍ତି ଥିବା ସ୍ଥାନରେ ଭଜନ, କୀର୍ତ୍ତନ ଆୟୋଜିତ ହୋଇଥିବାବେଳେ ବହୁ ଜନସାଧାରଣ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଶ୍ରମିକ ନେତା ବାସୁଦେବ ସାହୁ, କାମାକ୍ଷାନଗର ଓକିଲ ସଙ୍ଘର ପୂର୍ବତନ ସଭାପତି ଧର୍ମାନନ୍ଦ ମଲ୍ଲିକ, ସମାଜସେବୀ ମଙ୍ଗୁତଲାଲ କଟାରୁକା, ପ୍ରମୋଦ ମଲ୍ଲିକ, ବାଲିଗୋରଡ଼ ଗ୍ରାମର ସଭାପତି ଅଲେଖ ଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ସଭାପତି ଶରତ ଚନ୍ଦ୍ର ସ୍ୱାଇଁ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ମୂଷା ମଲ୍ଲିକ ଉଚ୍ଚବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଶ୍ରାଦ୍ଧଦିବସ ଅବସରରେ ମୂଷାମଲ୍ଲିକ ଟ୍ରଷ୍ଟ ତରଫରୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ, ପାଉଁରୁଟି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅରବିନ୍ଦ କାନ୍ତ ରାୟ, ପ୍ରଶାନ୍ତ କୁମାର ପଣ୍ଡା ଉପସ୍ଥିତ ରହି ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

## ବନ ବିଭାଗର ଚଢ଼ଉ, ୭୦ ବଣ୍ଡଲ କେନ୍ଦୁପତ୍ର ଜବତ

କଣିହାଁ,୧୯।୫(ସମିସ): କଣିହାଁ ବନାଞ୍ଚଳ ଅଧିକାରିଣୀଙ୍କ ନିର୍ଦ୍ଦେଶକ୍ରମେ ଆଜି ପାଟ୍ରୋଲିଂ ବେଳେ ବଡ଼ଗୁଣ୍ଡୁରି ଗ୍ରାମ ନିକଟରେ ବେଆଇନ କେନ୍ଦୁପତ୍ର ପରିବହନ ଅଭିଯୋଗରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଓଡି ୧୯ ୧୩୭୭ ନମ୍ବର ପିକଅପ୍ ଭ୍ୟାନରୁ ୭୦ ବଣ୍ଡଲ କେନ୍ଦୁପତ୍ର ଜବତ କରାଯାଇଥିଲା। ତେବେ ବନ ବିଭାଗ



ଟିମ୍‌କୁ ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉରେ ଫରେଷ୍ଟର ଦୀପକ କୁମାର ସେଠୀ, ଫରେଷ୍ଟ ଗାର୍ଡ ଦୀପକ ସାହୁ, ଫରେଷ୍ଟ ଗାର୍ଡ କବିତା ପ୍ରଧାନ, ଗଜସାଥୀ ଭ୍ରମରବର ସାହୁଙ୍କ ସହ ବନ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ। ବନ ବିଭାଗ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ଖଇରକାଠ ବୋଝେଇ ଟ୍ରକ୍ ଜବତ

**● ଡ୍ରାଇଭର, ହେଲପର୍ ଅଟକ**

କାମାକ୍ଷାନଗର,୧୯।୫(ସମିସ): ମହାବିରୋଡ୍ ବନାଞ୍ଚଳ ଖଇରାମୁଣ୍ଡା ନିକଟରେ ଚୋରା କାଠ ବୋଝେଇ ଟ୍ରକ ଜବତ ହୋଇଛି। ଏଥିସହ ଡ୍ରାଇଭର ଓ ହେଲପର୍‌କୁ ଅଟକ ରଖିଛି ବନବିଭାଗ। ସୂଚନା ଅନୁସାରେ କାମାକ୍ଷାନଗର ଥାନା ବାଉଁଶପାଳ ଗ୍ରାମରୁ ରାତିରେ ଏକ ଟ୍ରକ ଯୋଗେ ଖଇରକାଠ ବୋଝେଇ ହୋଇ ତାଳଚେର ଅଭିମୁଖେ ଯାଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନବିଭାଗର ଏକ ଟିମ୍ ୫୩ ନମ୍ବର ଜାତୀୟ ରାଜପଥର ଖଇରାମୁଣ୍ଡା ନିକଟରେ ଟ୍ରକ୍‌କୁ ଅଟକାଇଥିଲା। ଟ୍ରକ୍‌ରେ ଥିବା ପ୍ରାୟ ୧୫୦ ସିଫ୍ଟ କାଠ ଜବତ ହୋଇଥିବାବେଳେ ତାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ନେଇ ବନ ବିଭାଗ ଆକଳନ କରିଛି। ତେବେ ଏହି ଘଟଣାରେ ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭର ଓ ହେଲପର୍‌କୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି।

## ବଢୁଛି ଖରା; ଜନଜୀବନ ଅସ୍ତବ୍ୟସ୍ତ

ତାଳଚେର,୧୯।୫(ସମିସ): ଓଡ଼ିଶାର ଉତ୍ତପ୍ତ ସହରଭାବେ ତାଳଚେର ପରିଣତ ହୋଇଥିବା ବେଳେ ଆଜକୁ ଦୁଇଦିନ ହେବ ପାରଦ ତଳମୁହାଁ ହେଉନି। ବାତ୍ୟାଜନିତ ପାଗ ଯୋଗୁଁ କିଛି ଦିନ କୋହଲା ରହିଥିଲା। କିନ୍ତୁ କ୍ରମାଗତଭାବେ ଦୁଇଦିନ ପାରଦ ଉପରମୁହାଁ ରହିଥିବା ବେଳେ ପ୍ରବଳ ଖରା ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିବା ସହ ବିଜୁଳିର ଲୁକାଳି ଖେଳ ଓ ଲୋଲେଟେଜ୍ ଆହୁରି ଯନ୍ତ୍ରଣା ଦ୍ୱିଗୁଣିତ କରୁଛି। ଗତକାଲି ସର୍ବନିମ୍ନ ତାପମାତ୍ରା ସରକାରୀ ସୂତ୍ରରୁ ୪୦ଡିଗ୍ରୀ ରହିଥିବା ବେଳେ ତାହା ବୃଦ୍ଧି ପାଇଁ ଆଜି ୪୧.୬ ଡିଗ୍ରୀ ସେଲସିଅସ୍‌ରେ ପହଁଚିଛି। ଆଜି ସକାଳ ୮ଟା ବେଳୁ ଖରାର ତେଜ ପ୍ରଖର ଥିଲା। ମଧ୍ୟାହ୍ନ ୧୨ଟା ପରେ ରାସ୍ତା ଜନଶୂନ୍ୟ ହେବା ସହ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିବା ଦେଖାଯାଇଥିଲା। ଅପରପକ୍ଷେ ତାଳଚେର ଅଂଚଳରୁ ବିଦ୍ୟୁତ୍ ବାହାର ରାଜ୍ୟକୁ ନିରବଚ୍ଛିନ୍ନ ଭାବେ ଯୋଗାଇ ଦିଆଯାଉଥିବା ବେଳେ ଦୀପତଳ ଅନ୍ଧାର ସଦଶ୍ୟ ତାଳଚେରରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି। ଲୋଭୋଲଟେଜ୍ ସମସ୍ୟା ଉକ୍ରଟ ହେବାରୁ ଲୋକେ ଦହଗଞ୍ଜ ହେଉଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଖରାଦିନରେ ବିଜୁଳିକାଟ୍ ଓ ଲୋଭୋଲଟେଜ୍ ସମସ୍ୟା ନଉପୁଜୁବା ପାଇଁ ତାଗିଦ୍ କରିଥିଲେ ହେଁ ତାଳଚେର ଭଳି ଏକ କଳାହୀରା ସହରରେ ଏହାକୁ ପଚାରେ ବା କିଏ? ଖରାର ପ୍ରକୋପ ସହିତ ଖଣି ଗୁଡ଼ିକରେ କୋଇଲା ପୋଡ଼ି, ବିଭିନ୍ନ କଳକାରଖାନାରୁ ନିର୍ଗତ ବାଷ୍ପ ଯୋଗୁଁ ଏଠାରେ ତାପମାତ୍ର ଓ ପାରଦ ସବୁବେଳେ ଉପରମୁହାଁ ରହୁଥିବା ଚର୍ଚ୍ଚା ହେଉଛି। ତେଣୁ ବିଦ୍ୟୁତକାଟ୍ ଏବଂ ଲୋଭୋଲଟେଜ୍ ସମସ୍ୟାକୁ କିପରି ଏଡ଼ାଇ ଦିଆଯାଇପାରିବ ତାଉପରେ ପ୍ରଶାସନ ଗୁରୁତ୍ୱ ଦେବାକୁ ତାଳଚେରବାସୀ ଦାବି କରିଛନ୍ତି।

## ତାଳଚେର ଥର୍ମାଲ ପକ୍ଷରୁ ବାଳିକାଙ୍କ ସଶକ୍ତୀକରଣ କାର୍ଯ୍ୟକ୍ରମ



ତାଳଚେର,୧୯।୫(ସମିସ): ଏନ୍‌ଟିପିସି ତାଳଚେର ଥର୍ମାଲ ପକ୍ଷରୁ 'ଜିଇଏମ୍' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ୪ସପ୍ତାହ ଆବାସିକ ଏବଂ ମାଗଣା ସିଏସ୍‌ଆର୍ ପଦକ୍ଷେପ। ଯାହାର ଲକ୍ଷ୍ୟ ଶିକ୍ଷା, ଜୀବନ କୌଶଳ ଯୋଗ କ୍ରୀଡ଼ା ଏବଂ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକଳାପ ମାଧ୍ୟମରେ ବାଳିକାମାନଙ୍କୁ ସଶକ୍ତ କରିବା। ଚଳିତବର୍ଷ ଜଗନ୍ନାଥପୁର, ତେହେରାନ୍‌ପୁର, ପଡ଼ିଆଭଙ୍ଗା, ସନ୍ଥପଡ଼ା, ଦାସନାଳୀ, ଲିଙ୍ଗରାକଟା, ବନ୍ତୋଲ, ବହ୍ଲର ଏବଂ କୁକୁଡୁଲା ସରକାରୀ ବିଦ୍ୟାଳୟର ୪୦ଜଣ ବାଳିକା ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି। ଜିଇଏମ୍ ବାଳିକାଙ୍କୁ ସ୍ୱାଗତ କରିବାକୁ ତାଳଚେର ଥର୍ମାଲର ତରଙ୍ଗମ ହଲ୍‌ରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଜୟ ଚାନ୍ଦ କାର୍ଯ୍ୟବାହୀ ନିର୍ଦ୍ଦେଶକ, ପ୍ରବୀର କୁମାର, ଜିଏମ୍ ପ୍ରୋଜେକ୍ଟ, ବିଭା ଅଗ୍ରୱାଲ, ସାଗରିକା ଲେଡିଜ୍ କ୍ଲବ, ରୋହିତ କୁମାର, ଏଜିଏମ୍ (ମାନବସମ୍ବଳ) ଏବଂ ଏଚଓଡି ସାଗରିକା ଲେଡିଜ୍ କ୍ଲବର ପଦାଧିକାରୀ ଓ ନିମନ୍ତ୍ରିତ ଅତିଥିଭାବେ ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଜିଇଏମ - ୨୦୨୬ ଉଦ୍‌ଘାଟିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ଶ୍ରୀ ଚାନ୍ଦ ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବ ସଂସ୍କରଣ ମାଧ୍ୟମରେ ସୃଷ୍ଟି ହୋଇଥିବା ପ୍ରଭାବ ଉପରେ ପ୍ରତିଫଳିତ କରିଥିଲେ। 'ବେଟି ବଚାଓ ବେଟି ପଢ଼ାଓ'ର ଦୃଷ୍ଟିକୋଣ ପ୍ରତି ଏନ୍‌ଟିପିସିର ପ୍ରତିବଦ୍ଧତାକୁ ବର୍ଣ୍ଣନା କରିଥିଲେ। ଗ୍ରାମାଞ୍ଚଳ ଝିଅମାନଙ୍କର ଶିକ୍ଷା, ଅଭିବୃଦ୍ଧି ଏବଂ ସଶକ୍ତୀକରଣ ପାଇଁ ସୁଯୋଗ ସୃଷ୍ଟି କରିବା ନେଇ ଏନ୍‌ଟିପିସି ତାଳଚେର ଥର୍ମାଲ ଦ୍ୱାରା କରାଯାଇଥିବା ପ୍ରୟାସକୁ ଅଭିଭାବକ, ଶିକ୍ଷକ ଏବଂ ଗ୍ରାମବାସୀ ପ୍ରଶଂଶା କରିଛନ୍ତି।

# ୧୮୦ ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

କିଶୋରନଗର,୧୯।୫(ସମିସ):

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଆଠମଲ୍ଲିକ ନଗର ପକ୍ଷରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଆଠମଲ୍ଲିକ ଉପଖଣ୍ଡର ପ୍ରାୟ ୪୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଯୋଗଦେଇ ଜୀବନରେ ସଫଳ ହେବା ପାଇଁ ନିରନ୍ତର ଭାବେ ପ୍ରୟାସ ଜାରି ରଖିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ବନ ବିଭାଗ ସହ ପ୍ରମୁଖ ଶଶାଙ୍କ ଶେଖର



ପ୍ରଧାନ ଯୋଗଦେଇ ଜ୍ଞାନ ଚରିତ୍ର ଏକତାକୁ ପାଥେୟ କରି ବ୍ୟକ୍ତିତ୍ୱ ଗଠନ କରିବାକୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଶ୍ରୀବିନାୟକ ବିଜ୍ଞାନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅବିନାଶ ଦୁବେ, ଆଠମଲ୍ଲିକ ନଗର ସଭାପତି ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ ପ୍ରମୁଖ ଛାତ୍ର ଜୀବନରେ ମହତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ମାର୍ଗଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ବ୍ଲକ ଟପ୍ପର ଦେବବ୍ରତ ପ୍ରଧାନ, କିଶୋରନଗର ବ୍ଲକ ଟପ୍ପର ପୁନିତ କୁମାର ସାହୁଙ୍କ ସମେତ ପ୍ରାୟ ୧୮୦ ରୁ ଅଧିକ ମେଧାବୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏବିଭିପିର ରାଜ୍ୟ ସହ ସମ୍ପାଦକ ଆଶିଷ କୁମାର ବେହେରା, ଜିଲ୍ଲା ସଂଯୋଜକ ଉମେଶ ବାଘ, ବିଭାଗ ସଂଗଠନ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲ୍ଲା ସହ ସଂଯୋଜକ ଯୋଗେଶ ସାହୁ, ନଗର ସହ ସମ୍ପାଦକ ସମ୍ବିତ ମିଶ୍ର, ରାହୁଲ ଦାସ, କିଶୋର ନଗର ସମ୍ପାଦକ ଧବଳେଶ୍ୱର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଗ୍ରାମ କର୍ଣ୍ଣ, ଅଧ୍ୟାପକ ରଞ୍ଜନ ଭୂୟାଁ, ଆଦିତ୍ୟ ପ୍ରଧାନ, ଅଚ୍ୟୁତ ବାଘ, ସିଦ୍ଧି ବିନାୟକ ବୁଡ଼ାୟକ, ସିଲି ସେଠୀ, ସଫଳା ଗାଇଗରିଆ, ପାୟଲ କଅଁର, ନମିତା ମହାକୁଡ଼, ମୋନାଲିସା ତରିଆ, କରିନା ବେହେରା, ଶ୍ରାବଣୀ ମେହେର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୌମ୍ୟ ରଞ୍ଜନ ପେରା ମଞ୍ଚ ପରିଚାଳନା କରିଥିବାବେଳେ ଏବିଭିପି ନଗର ସମ୍ପାଦକ ଅସିତ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଛନ୍ତି।

## ନାବାଳିକା ନିଖୋଜ, ୫ ଦିନ ପରେ ବି ପୁଲିସ ହାତ ଖାଲି

ରାଜନଗର,୧୯।୫(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ନାବାଳିକା ବିବାହ ଓ ଅପହରଣ ଘଟଣା ବଢିବାରେ ଲାଗିଛି। କାଁ ଭାଁ ଗୋଟିଏ ଦୁଇଟି ଘଟଣାକୁ ଛାଡିଦେଲେ ପୁଲିସ ଏହାକୁ ରୋକିବାରେ ସଫଳ ହୋଇପାରିନି। ଚଳିତ ମାସ ୧୫ ତାରିଖ ରାତିରେ ୧୩ ବର୍ଷର ନାବାଳିକା ନିଖୋଜ ଅଛନ୍ତି। ଏ ନେଇ ୧୬ ତାରିଖ ସକାଳେ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମାତ୍ର ପୁଲିସ ଆଜି ଯାଏଁ ଅପହାରୀଙ୍କ ପାଖରେ ପହଞ୍ଚିବାରେ ସଫଳ ହୋଇ ନ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ପଦକ୍ଷେପ ନେଇ ନ ଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି।

## କୃଷକ ବିକାଶ ସମବାୟ ସମିତି ପକ୍ଷରୁ ମୁଗ, ବିରି କ୍ରୟକେନ୍ଦ୍ର ଉଦ୍‌ଘାଟିତ

ମାର୍ଶାଘାଇ,୧୯।୫(ସମିସ): ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଞ୍ଚାୟତର ନାଳିଦ୍ବିପୁର କେନ୍ଦ୍ରାପଡ଼ା କୃଷକ ବିକାଶ ସମବାୟ ସମିତି ପକ୍ଷରୁ ମାର୍କଫେଡ଼ ସହାୟତାରେ ସରକାରୀ ମୁଗ, ବିରି କ୍ରୟକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଅବିଭକ୍ତ କଟକ ଜିଲ୍ଲା କୃଷକଙ୍କ ହକ୍ ପାଇଁ କାର୍ଯ୍ୟ କରୁଥିବା କୃଷକ ବିକାଶ ସମବାୟ ସମିତି ସଭାପତି ପ୍ରମୋଦ ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟର କ୍ରୟକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସୁରେନ୍ଦ୍ର ମଲ୍ଲିକ, ଡେପୁଟି ରେଜିଷ୍ଟ୍ରାର ପ୍ରଭାକର ନାୟକ ଯୋଗ ଦେଇଥିଲେ। ରବି ଫସଲ ମୁଗ କ୍ୱିଣ୍ଟାଲ ପ୍ରତି ୮୭୬୮ ଟଙ୍କା ଓ ବିରି କ୍ୱିଣ୍ଟାଲ ୭୮୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସମିତି ସଭାପତି ଶ୍ରୀ ସାହୁ ଚଳିତ ରବିଋତୁରେ ୧୫୦୦୦ରୁ ୨୦୦୦୦ କ୍ୱିଣ୍ଟାଲ ମୁଗ କ୍ରୟ କରାଯିବାକୁ ଲକ୍ଷ୍ୟ ରହିଥିବା ପ୍ରକାଶ କରିଥିଲେ। ଯୁଗ୍ମ ସମ୍ପାଦକ ବଳଭଦ୍ର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବନ୍ଧରାଇ ଆମେ କୃଷକ ସମବାୟ ସମିତି ସଭାପତି ମାଧବ ନାୟକ, ଶୁଭେନ୍ଦୁ ବେଉରିଆ, ଅଶୋକ ଦାଶ, ଅମର ଦାସ, ବାବାଜୀ ରାଉତ, ନିରଞ୍ଜନ ତ୍ରିପାଠୀ, ସୁକାନ୍ତ ବେହେରା, ବିଶ୍ବାନ ଦାସ, ପଙ୍କଜ ମଲ୍ଲିକ୍ ପ୍ରମୁଖ ଯୋଗ ଦେଇଥିବାବେଳେ ସମ୍ପାଦକ ମନୋଜ ସାହୁ ଧନ୍ୟବାଦ ଦେଇଥିଲେ।



## ରାଜକନିକା ଥାନା ଅଧିକାରୀଙ୍କ ବିରୋଧରେ ଗଣଧାରଣା



ରାଜକନିକା,୧୯।୫(ସମିସ): ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କ ଆଚରଣରେ ତ୍ରୁଟି, ରୁକ୍ଷ ବ୍ୟବହାର, ମନମୁଖୀ କାର୍ଯ୍ୟରେ ଅତିଷ୍ଠ ଖଣ୍ଡେଇତା ଗାଁ ଓ ବ୍ଲକର ଅନ୍ୟ କେତେକ ବ୍ୟକ୍ତି କନିକା ତହସିଲ ଆଗରେ ଗଣଧାରଣା ଦେଇ ବଦଳି ଦାବି କରିଛନ୍ତି। ଖଣ୍ଡେଇତା ଗ୍ରାମର ଜଣେ ନାବାଳିକାଙ୍କୁ ସେହି ଗାଁର ଜଣେ ବ୍ୟକ୍ତି ଅପହରଣ କରି ନେବାର ସିସିଟିଭି ପ୍ରମାଣ ଆଧାରରେ ଏତଲା ଅନୁସାରେ ସେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖିଯିବା, ନାବାଳିକା ଧରାପଡିବା ପରେ ସୁଧାର ଗୃହକୁ ପଠାଇବା ପରେ ଅପହରଣକାରୀଙ୍କୁ ଛାଡ଼ିଦେବା, ଏଠାରେ ଅବସ୍ଥାପିତ ହେବା ଦିନଠାରୁ ୮ ରୁ ଅଧିକ ହତ୍ୟାକାଣ୍ଡ ଘଟିଥିଲେ ବି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ କୋହଳ ଦଫା ଲଗାଇବା, ମହିଳାଙ୍କୁ ଗାଳିଗୁଲଜ କରିବା, ହାଜତରେ ପୁରାଇ ଧମକ ଦେବ, ଏଜେଣ୍ଟ ରଖି ପ୍ରତି ମାମଲାରେ ଟଙ୍କା ଆଦାୟ କରିବା, ଚୋରା ବାଲି ପଥର, କୋଇଲା ଓ ଗୋ ଚାଲାଣରେ ମୋଟା ଅଙ୍କର ଚାନ୍ଦା ନେବା ଆଦି ଅଭିଯୋଗରେ ଆଜି ସକାଳ ୮ ଟାରୁ କନିକା ତହସିଲରେ ଗଣଧାରଣା ଜାରି ରହିଛି।

## ସମିତି ଘର ଭଙ୍ଗା ନ ଯିବାକୁ ତହସିଲଦାରଙ୍କୁ ଦାବିପତ୍ର

ରାଜକନିକା,୧୯।୫(ସମିସ): ଆସନ୍ତା ୨୨ ତାରିଖରେ କନିକା ତହସିଲ ପକ୍ଷରୁ ବାଘବୁଦା (ନୂଆସାହି) ଗ୍ରାମର ଏକ ସମିତ ୨୭ ଡେସିମିଲ ଜମିରେ ଥିବା ଜବରଦଖଲ ଉଚ୍ଛେଦ ପାଇଁ ୨୨ ତାରିଖ ଧାର୍ଯ୍ୟ କରାଯିବା ପରେ ଆଜି ଗ୍ରାମବାସୀ ତହସିଲରେ ପହଞ୍ଚି ଏହି ସମିତି ଘର ନ ଭାଙ୍ଗିବାକୁ ଦାବି କରିଛନ୍ତି। ଏହି ସମିତି ଘର ଦୀର୍ଘ ୬୦ ବର୍ଷ ଧରି ଗାଁ ଲୋକଙ୍କ ପାଇଁ ଭାଗବତ ଟୁଙ୍ଗି, ଦୋଳ ପର୍ବ, ଭଜନ କୀର୍ତ୍ତନ ସହ ସାଂସ୍କୃତିକ ଜାଗରଣ ଆଣିବାରେ ପିଢି ପରର ପିଢିଙ୍କୁ ଆକର୍ଷିତ କରିଆସିଛି। ତେଣୁ ସମିତି ଘର ଭଙ୍ଗା ନ ଯିବାକୁ ତହସିଲ ପ୍ରଶାସନକୁ ଗ୍ରାମବାସୀ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଦ୍ୱାରା ଏହାକୁ ନ ଭାଙ୍ଗିବାକୁ ଦାବି କରାଯିବା ସମସ୍ୟାକୁ ବଢ଼ାଇ ଦେଇଛି।



ଘର ଭଙ୍ଗାଯିବାକୁ ଉଚ୍ଛେଦ କରାଯିବାକୁ ନୋଟିସ କରାଯାଇଛି। ଆଜି ଗ୍ରାମବାସୀ ଏହି ଉଚ୍ଛେଦ ବନ୍ଦ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ତହସିଲ ପକ୍ଷରୁ ଏହି ସମ୍ପତ୍ତି ଯାହାକି ବାଘବୁଦା ମୌଜା ଖାତା ନମ୍ବର ୨୪୧ ଓ ପ୍ଲଟ ନମ୍ବର ୪୨୧ ରକବା ଏ ୦.

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ଦୁର୍ବଳ ନଦୀବନ୍ଧ ମରାମତି, ଡ୍ରେନ୍ ସଫେଇ ଆଦି ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୯।୫(ସମିସ)




ଆସନ୍ତା ବର୍ଷାଋତୁକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଏ ନେଇ ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ, ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ବର୍ଷାଜନିତ ସମ୍ଭାବ୍ୟ ପରିସ୍ଥିତିକୁ ମୁକାବିଲା ପାଇଁ ନିଆଯିବାକୁ ଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ବିଶେଷକରି ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନ ମରାମତି, ଡ୍ରେନ୍ ସଫେଇ ଓ ବନ୍ୟାଜଳର ନିର୍ବିଘ୍ନ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ସଚଳ ରଖିବା ସହିତ ବର୍ଷା ପରିମାପ ଓ ଦୈନିକ ପରିସ୍ଥିତି ରିପୋର୍ଟ ପ୍ରେରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣିପାଗ ସତର୍କବାଣୀ ଓ ବନ୍ୟା ସୂଚନାକୁ ତ୍ୱରିତ ଭାବେ ସାଧାରଣ ଲୋକଙ୍କ ପହଞ୍ଚାଇବା ପାଇଁ ସୂଚନା ବ୍ୟବସ୍ଥାକୁ ସକ୍ରିୟ କରାଯିବା ସହ ବନ୍ୟାପ୍ରବଣ ଅଞ୍ଚଳରେ ଆଗୁଆ ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ସୁରକ୍ଷିତ ପାନୀୟଜଳ, ସ୍ୱାସ୍ଥ୍ୟସେବା, ପରିଷ୍କାରତା, ପଶୁ ଚିକିତ୍ସା ଓ କୃଷି ସହାୟତାକୁ ନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗମାନଙ୍କୁ ସଜାଗ ରହିବାକୁ କୁହାଯାଇଛି। ଏଥିସହ ବନ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖିବା, ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଉଦ୍ଧାର ଯୋଜନା ପ୍ରସ୍ତୁତ କରିବା ଓ ରାସ୍ତା ପରିବହନ ବ୍ୟବସ୍ଥାକୁ ସଚଳ ରଖିବା ନେଇ ସମୀକ୍ଷା କରାଯାଇଥିଲା। ଆବଶ୍ୟକ ପଡିଲେ ଓଡ୍ରାଫ, ଏନଡିଆରଏଫ ଓ ସୁରକ୍ଷା ବାହିନୀ ମୁତୟନ ପାଇଁ ପୂର୍ବ ପ୍ରସ୍ତୁତି ଓ ପ୍ରଶିକ୍ଷିତ ରିଲିଫ ଦଳ ଗଠନ ଉପରେ ମଧ୍ୟ ଚର୍ଚ୍ଚା ହୋଇଥିଲା । ବିପର୍ଯ୍ୟୟ ସମୟରେ ବିଦ୍ୟୁତ, ଦୂରସଞ୍ଚାର, ସଡ଼କ ଓ ଅନ୍ୟ ଜରୁରୀ ସେବାର ଶୀଘ୍ର ପୁନଃସ୍ଥାପନକୁ ପ୍ରାଥମିକତା ଦେବାକୁ କୁହାଯାଇଛି। ଜନପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ସାମୁଦାୟିକ ସଂଗଠନ ଓ ସାମାଜିକ ଅନୁଷ୍ଠାନ ସହ ସମନ୍ୱୟ ବଢ଼ାଇ ସାମୂହିକ ଭାବେ ବିପର୍ଯ୍ୟୟ ମୁକାବିଲା କରିବାକୁ ମଧ୍ୟ ଆହ୍ୱାନ ଦିଆଯାଇଛି। କ୍ଷୟକ୍ଷତିର ତ୍ୱରିତ ଆକଳନ ପାଇଁ ଶୀଘ୍ର କ୍ଷତି ନିର୍ଣ୍ଣୟ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା ସହ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ସହାୟତା ବଣ୍ଟନ ପାଇଁ ପଲିଥିନ ସିଟ୍ ଓ ଆବଶ୍ୟକ ଆଶ୍ରୟ ସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ହୋଇଛି। ଜନଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ବିଭାଗକୁ ସତର୍କ ଓ ସମନ୍ୱୟ ରକ୍ଷା କରି କାମ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## କୋମାରେ ଗରଦପୁର ତହସିଲ

# ୨୦ ଦିନ ହେଲା ସେବା ଠପ୍, ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକ

ଗରଦପୁର,୧୯।୫(ସମିସ): ସାଧାରଣ ଲୋକଙ୍କୁ ସରକାରୀ ସେବା ସହଜ ଓ ଦ୍ରୁତ ଭାବେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପଞ୍ଚାୟତ ସ୍ତରକୁ ତହସିଲ ସେବା ବିସ୍ତାର କରୁଥିବାବେଳେ ଗରଦପୁର ତହସିଲ କାର୍ଯ୍ୟାଳୟର ଅବ୍ୟବସ୍ଥା ଏବେ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରାୟ ୨୦ ଦିନ ହେଲା ତହସିଲର ବିଭିନ୍ନ ସେବା ପ୍ରାୟ ଠପ୍ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଡିଜିଟାଲ ବ୍ୟବସ୍ଥାର ମୁଖ୍ୟ ଅଂଶ ଡଙ୍ଗଲ କାମ କରୁ ନ ଥିବାରୁ ଅନଲାଇନ ଦସ୍ତଖତ ଓ ବିଭିନ୍ନ ପ୍ରମାଣପତ୍ର ପ୍ରକ୍ରିୟା ଅଟକି ରହିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ କାର୍ଯ୍ୟାଳୟ ପ୍ରତିଦିନ ଖୋଲୁଥିଲେ ମଧ୍ୟ ଅଧିକାଂଶ କାମ ହେଉନାହିଁ। ଲୋକମାନେ ସକାଳୁ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରୁଥିବାବେଳେ ଡଙ୍ଗଲ କାମ କରୁନି କହି ଫେରାଇ ଦିଆଯାଉଛି। କେତେବେଳେ ଡଙ୍ଗଲ ସଂଯୋଗ ଆସିଲେ ମଧ୍ୟ ଦସ୍ତଖତ ବ୍ୟବସ୍ଥା କାମ କରୁ ନ ଥିବାରୁ ଫାଇଲ ଅଟକି ରହୁଛି। ଏଥିପାଇଁ ଆୟ, ଜାତି, ବାସିନ୍ଦା ପ୍ରମାଣପତ୍ର ସହ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ବିଳମ୍ବ ହେଉଛି। ଜମି ଡିମାରକେସନ କାମରେ ମଧ୍ୟ ବିଳମ୍ବ ହେଉଥିବା ଅଭିଯୋଗ ଆସୁଛି। ବର୍ଷ ବର୍ଷ ଧରି ଆବେଦନ କରିଥିଲେ ମଧ୍ୟ ଅନେକ ଲୋକଙ୍କ କାମ ସରୁ ନ ଥିବାରୁ ଅସନ୍ତୋଷ ବଢ଼ିଛି। ଘର ନିକଟରେ ତହସିଲ କାର୍ଯ୍ୟାଳୟ ଥିଲେ ମଧ୍ୟ ସାଧାରଣ ଲୋକ ମୌଳିକ ସେବା ପାଇବାରେ ହଇରାଣ ହେଉଥିବା କହିଛନ୍ତି। କେତେକ କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ନିର୍ଦ୍ଧାରିତ ସମୟରେ କର୍ମଚାରୀ କାର୍ଯ୍ୟାଳୟକୁ ନ ଆସିବା, ମନଇଚ୍ଛା ଆସିବାଯିବା କରିବା ଓ କାର୍ଯ୍ୟ ସମୟରେ ମଦ୍ୟପାନ କରି କାର୍ଯ୍ୟାଳୟରେ ବସୁଥିବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଫଳରେ ତହସିଲ କାର୍ଯ୍ୟାଳୟ ଏବେ ସେବା କେନ୍ଦ୍ର ତୁଳନାରେ ଅବ୍ୟବସ୍ଥାର କେନ୍ଦ୍ର ପାଲଟିଥିବା ଚର୍ଚ୍ଚା ହେଉଛି। ନୂତନ ତହସିଲଦାର ଯୋଗଦେଇଥିଲେ ମଧ୍ୟ କାର୍ଯ୍ୟ ପ୍ରଣାଳୀରେ ସୁଧାର ଆସି ନ ଥିବା ଅଭିଯୋଗ ହେଉଛି। ସାଧାରଣ ଲୋକ ତୁରନ୍ତ ଡିଜିଟାଲ ସମସ୍ୟାର ସମାଧାନ, କାର୍ଯ୍ୟାଳୟରେ ଶୃଙ୍ଖଳା ଫେରାଇବା ଓ ଦାୟିତ୍ୱହୀନ କର୍ମଚାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଶଶୁର ଘରେ ଜ୍ୱାଇଁଙ୍କୁ ମାଡ଼ ଘଟଣାର ତଦନ୍ତ ଆରମ୍ଭ

ପଟ୍ଟାମୁଣ୍ଡାଇ,୧୯।୫(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ସେକପୁର ଗ୍ରାମରେ ଶଶୁର ଘରକୁ ଆସିଥିବା ଜ୍ୱାଇଁଙ୍କୁ ମାଡ଼ ମରା ଘଟଣା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ସେକପୁର ଗ୍ରାମର ବନ୍ଧସାହି ଗ୍ରାମର ଭରତ ସେଠୀଙ୍କ ଝିଅ ପୂର୍ଣ୍ଣିମା ସେଠୀ ୩ ବର୍ଷ ତଳେ ମହାକାଳପଡ଼ା ଥାନା ଅନ୍ତର୍ଗତ ଅଳାଇଲେ ଗ୍ରାମର ସୁଦର୍ଶନ ସେଠୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର ବର୍ଷେ ପରେ ସ୍ୱାମୀସ୍ତ୍ରୀ ମଧ୍ୟରେ ବୁଝାମଣା ଠିକ ନ ରହିବାରୁ ଗଣ୍ଡଗୋଳ ହେଉଥିଲା। ଗତ ୪ ଦିନ ତଳେ ସ୍ୱାମୀ ସୁଦର୍ଶନ ଓ ସ୍ତ୍ରୀ ପୂର୍ଣ୍ଣିମାଙ୍କ ଭିତରେ ଗଣ୍ଡଗୋଳ ହେବାରୁ ପୂର୍ଣ୍ଣିମା ନିଜ ଗ୍ରାମ ସେକପୁର ବନ୍ଧସାହିକୁ ଆସିଥିଲା। ଗତକାଲି ସୁଦର୍ଶନ ସ୍ତ୍ରୀକୁ ଭେଟିବାକୁ ଆସିଥିଲେ। ତାଙ୍କ ସହିତ ଅନ୍ୟ ୨ ଜଣ ଯୁବକ ଆସିଥିଲେ। ଶଶୁର ଘର ଲୋକଙ୍କ କହିବାନୁଯାୟୀ ସୁଦର୍ଶନ ଅତ୍ୟଧିକ ମଦ୍ୟପାନ କରି ଶଶୁର ଘରେ ଗଣ୍ଡଗୋଳ କରିଥିଲେ। ଗଣ୍ଡଗୋଳ କରିବା ପରେ ଶଶୁର ଘର ଲୋକ ଓ ପଡୋଶୀ ତାଙ୍କୁ ବାନ୍ଧି ମାଡ଼ ମାରିଥିଲେ। ଏହାପରେ ସେ ମଦ ସହିତ କନିଆରୀ ମଞ୍ଜି ଖାଇଥିବା କଥା କହିବା ପରେ ନିଜ ସ୍ତ୍ରୀ ତାଙ୍କୁ ପଟ୍ଟାମୁଣ୍ଡାଇ ମେଡିକାଲକୁ ନେଇଥିଲେ। ଜ୍ୱାଇଁ ସୁଦର୍ଶନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସୁଦର୍ଶନଙ୍କ ଭଉଣୀ କଣ୍ଟେଇ ସେଠୀ ଏ ସଂକ୍ରାନ୍ତରେ ନିଜ ଭାଇକୁ ମାଡ଼ ମାରି ଗୁରୁତର କରାଯାଇଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ପଚାରିବାରୁ ସେ କହିଲେ ସୁଦର୍ଶନଙ୍କ ଭଉଣୀ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। କଟକ ବଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସୁଦର୍ଶନଙ୍କ ବୟାନ ରେକର୍ଡ କରାଯାଇଛି। ଶଶୁର ଘର ଲୋକ ତାଙ୍କୁ ମାଡ ମାରିବା ଘଟଣାକୁ ସେ ଅସ୍ୱୀକାର କରିବା ସହିତ ସେ ନିଶାଗ୍ରସ୍ତ ଥାଇ ଗାଳିଗୁଲଜ କରିବା କାରଣରୁ ତାଙ୍କୁ ଶଶୁର ଘର ଲୋକେ ରଶିରେ ବାନ୍ଧି ପକାଇବାରୁ ସେ ଅପମାନିତ ହୋଇ କନିଅର ମଞ୍ଜି ଖାଇଦେଇଥିବା ପୁଲିସ ଆଗରେ ସୁଦର୍ଶନ ବୟାନ ଦେଇଛି ବୋଲି ଆଇଆଇସି ଶ୍ରୀମତୀ ପାତ୍ର ସୂଚନା ଦେଇଛନ୍ତି।

## ଜିଲ୍ଲାପାଳଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ରାଜନଗର,୧୯।୫(ସମିସ): ବ୍ରାହ୍ମଣସାହି ପଞ୍ଚାୟତର ପ୍ରହରାଜପୁର ଗାଁରେ ଆଜି ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ହୋଇଥିବା ପ୍ରକଳ୍ପକୁ ଜିଲ୍ଲାପାଳ ଆର ରଘୁରାମ ଆୟାର ଉଦ୍‌ଘାଟନ କରିବା ସହିତ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ନ ଯାଇ କିପରି ଗାଁରେ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ କହିଥିଲେ। ପ୍ରହରାଜପୁରର ପୁରୁଷୋତ୍ତମ ଏସଏଚଜିକୁ ପାମ୍ପଡ ତିଆରି ମେସିନ, ଶ୍ରୀଶ୍ରୀ ଭଗବତ ଏସଏଚଜିକୁ ପେପର ପ୍ଲେଟ୍ ତିଆରି ମେସିନ, ସୁନେଲି ସ୍ୱପ୍ନ ଏସଏଚଜିକୁ ମାଛ ଦାନା ତିଆରି ମେସିନ, ୧୦ଟି ଏସଏଚଜିକୁ ୩ଟି ଲେଖାଏଁ ଛେଳି ପ୍ରଦାନ କରଯାଇଥିଲା। ଆଜି ପ୍ରକଳ୍ପଗୁଡ଼ିକ ଆରମ୍ଭ ହୋଇଛି। ପ୍ରହରାଜପୁରରେ ଆୟୋଜିତ ଉତ୍ସବରେ ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନ, ସମିତି ସଭ୍ୟ ରବୀନ ମଲ୍ଲିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ, ବିଡିଓ ଅଶୋକ ମହାନ୍ତି, ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରକାଶ ଜେନା ପ୍ରମୁଖ ଯୋଗ ଦେଇଥିଲେ।



## ମନରେଗା କାମରେ ଜେସିବି ବ୍ୟବହାର ଅଭିଯୋଗ




ମହାକାଳପଡ଼ା, ୧୯।୫(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୂଳ ପଞ୍ଚାୟତର ଦହିମାଛ ଗ୍ରାମରେ ଚାଲୁଥିବା ମନରେଗା କାମରେ ଖୋଲାଖୋଲି ଭାବେ ଜେସିବି ମେସିନ ବ୍ୟବହାର ହେଉଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ଶ୍ରମିକଙ୍କୁ କାମ ଯୋଗାଇବା ପାଇଁ ସରକାର ମନରେଗା ଯୋଜନା କରିଥିବାବେଳେ ସେଠାରେ ମେସିନ ଲଗାଇ କାମ କରାଯାଉଥିବାରୁ ଯୋଜନାର ମୂଳ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି ଯେ, ବଡ଼କୂଳ ପଞ୍ଚାୟତର ପିଇଓ, ଜୁନିୟର ଇଞ୍ଜିନିୟର ଓ ଏଡିଓ ସମସ୍ତେ ଘଟଣା ସମ୍ପର୍କରେ ଜାଣିଥିଲେ ମଧ୍ୟ ଆଖିବୁଜି ଦେଉଛନ୍ତି। ଫଳରେ ପ୍ରକୃତ ଶ୍ରମିକ କାମରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏଭଳି ବେଆଇନ ଭାବେ ମେସିନ ବ୍ୟବହାର ହେଉଥିବା ସତ୍ତ୍ୱେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଘଟଣାର ତୁରନ୍ତ ତଦନ୍ତ କରି ସମ୍ପୃକ୍ତ କାମର ବିଲ ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଦାବି ହେଉଛି।

## ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦଙ୍କୁ ସମ୍ବର୍ଦ୍ଧନା



ଡେରାବିଶ,୧୯।୫(ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାବଟ ମହାପୁରୁଷଙ୍କ ପ୍ରାଙ୍ଗଣରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହରାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟରେ ଥିବା ଦଳର ଆଗଧାଡ଼ିର ନେତାଙ୍କୁ ସଂଗଠନର ବିଭିନ୍ନ ଦାୟିତ୍ୱ ପ୍ରଦାନ କରିଛନ୍ତି। ଶ୍ରୀ ବେହେରାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଚୟନ କରିଥିବାରୁ ପାଟକୁରା ନିର୍ବାଚନମଣ୍ଡଳୀରେ ଆନନ୍ଦର ଲହରି ଖେଳିଯାଇଥିଲା। ଆଜି ସମ୍ବର୍ଦ୍ଧନା ସଭାରେ ୧୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ପୂର୍ବତନ ସମିତିସଭ୍ୟ ରାଜକିଶୋର ମଲ୍ଲ, ସମବାୟବିତ୍ ମଧୁସୂଦନ ଘଡ଼େଇ, ଗଙ୍ଗାଧର ନାଥ, ସୁଶାନ୍ତ ମିଶ୍ର, କାଶୀନାଥ ନାୟକ, ଶରତ ମଲିକ, ଗୌରାଙ୍ଗ ସ୍ୱାଇଁ, ଯଦୁମଣି ଦାସ, ଅନନ୍ତ ନାୟକ, ହିମାଂଶୁ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ତାଳଚୁଆ ବଜାରରୁ ଜବରଦଖଲ ଉଚ୍ଛେଦ

ରାଜନଗର,୧୯।୫(ସମିସ): ତାଳଚୁଆ ବଜାରରେ ସରକାରୀ ଜାଗାରେ ହୋଇଥିବା ଦୋକାନ ଘରକୁ ଆଜି ଉଚ୍ଛେଦ କରାଯାଇଛି। ସରକାରୀ ଜମିରୁ ଅପସରି ଯିବାକୁ ରାଜନଗର ତହସିଲ ପକ୍ଷରୁ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇଥିଲା। ଆଜି ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ପୁଲିସ ଫୋର୍ସ ସହିତ ତାଳଚୁଆରେ ପହଞ୍ଚି ଦୋକାନ ଭାଙ୍ଗିଛନ୍ତି। ବ୍ୟବସାୟୀ ମାନେ ସେମାନଙ୍କ ସାମଗ୍ରୀ ପୂର୍ବରୁ ବାହାର କରିନେଇଥିଲେ। ସେମାନେ ସରକାରୀ ଜାଗାରେ ତିଆରି କରିଥିବା ଜମିକୁ ଜେସିବି ମେସିନ ସହାୟରେ ଉଚ୍ଛେଦ କରାଯାଇଛି। ଆଜି ୧୨ଟି ଦୋକାନ ଘର ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି।

## ସାଙ୍ଗର ଟଙ୍କା ଲୁଟିନେଲା ସାଙ୍ଗ

ରାଜନଗର,୧୯।୫(ସମିସ): ବାଗପଟିଆରେ ରହୁଥିବା ସାତଭାୟାର ଚିତ୍ରସେନ ମଲ୍ଲିକଙ୍କ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ତାଙ୍କ ସାଙ୍ଗ ଲୁଟିନେଇଛି। ଏ ନେଇ ଚିତ୍ରସେନ ଆଜି ସନ୍ଧ୍ୟାରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ରାଜନଗର ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସାତଭାୟାର ଚିତ୍ରସେନ ମଲ୍ଲିକ ଓ ବଲାଙ୍ଗୀର ଜିଲ୍ଲା ଖଇରମଲ ଗ୍ରାମର ଅଞ୍ଜନ କୁମାର ନାଗ ଦୁହେଁ ତାମିଲନାଡୁର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ପରେ ଚିତ୍ରସେନ ଗାଁକୁ ଫେରି ଆସିଥିଲେ ଓ ସାଙ୍ଗ ଅଞ୍ଜନ ଭୁବନେଶ୍ୱରରେ ରହିଥିଲେ। ଅଞ୍ଜନ ଦିନେ ଚିତ୍ରସେନଙ୍କ ଘରେ ପହଞ୍ଚି କମ୍ପାନୀରେ ବକିଆ ଟଙ୍କା ପିଏଫ ଟଙ୍କା ଉଠାଇବା ପାଇଁ ଚିତ୍ରସେନଙ୍କୁ କହିଥିଲେ। ଚିତ୍ରସେନ ପାଖରୁ ଅଞ୍ଜନ ଚତୁରତା ସହିତ ମୋବାଇଲ ନମ୍ବର, ଆଧାର କାର୍ଡ, ଲୋନ ଫର୍ମ ଓ ବ୍ୟାଙ୍କ ଖାତାରେ ଦସ୍ତଖତ ନେଇଯାଇଥିଲା। ପରବର୍ତ୍ତୀ ସମୟରେ ଅଞ୍ଜନ ଚିତ୍ରସେନଙ୍କ ଆକାଉଣ୍ଟରୁ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଯାଇଥିଲା। ଚିତ୍ରସେନ ପରେ ଜାଣିବା ପରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ଏ ଠକେଇରେ ସଂପୃକ୍ତ ଥିବା ଯୁବକକୁ ଠାବ କରିବା ସହିତ ଚିତ୍ରସେନ ଟଙ୍କା ଫେରିଯିବା ବୋଲି ରାଜନଗର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ସାତଘରିଆ ଗାଁ ମୁରବୀଙ୍କ ପରଲୋକ

ରାଜକନିକା,୧୯।୫(ସମିସ): ବଳରାମପୁର ପଞ୍ଚାୟତ ସାତଘରିଆ ଗ୍ରାମ ମୁରବୀ ଅର୍ଜୁନ ରାଉଳଙ୍କ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ନିକଟସ୍ଥ ତିନିଖଣ୍ଡ ଗ୍ରାମର ବହୁ ଲୋକ ଶେଷ ଦର୍ଶନ କରିଥିଲେ। ତିନିପୁଅ ଓ ତିନିଝିଅ ଉପସ୍ଥିତ ଥିବାବେଳେ ବଡ଼ପୁଅ ରବୀନ୍ଦ୍ର ରାଉଳ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ରାଉଳଙ୍କ ଉଦ୍ୟମରେ ଗାଁର ଆରାଧ୍ୟା ମା' ମଙ୍ଗଳାଙ୍କ ନାମରେ ୧ ଏକର ଜମି କରାଯାଇପାରିଛି। ତାଙ୍କ ମୃତ୍ୟୁରେ ଲକ୍ଷ୍ମଣ ପୃଷ୍ଟି, ସୁକାନ୍ତ ସାହୁ, ମାନଗୋବିନ୍ଦ ପୃଷ୍ଟି, ସାମ୍ବାଦିକ ନଳିନୀ ପୃଷ୍ଟି ଶୋକ ପ୍ରକାଶ କରିଛନ୍ତି।

## ଏସ୍‌ଆଇଆର୍‌କୁ ନେଇ ଜିଲ୍ଲାସ୍ତରୀୟ ବୈଠକ

# ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ପରାମର୍ଶ

କେନ୍ଦ୍ରାପଡ଼ା,୧୯।୫(ସମିସ)



ଗଣତନ୍ତ୍ରର ମୂଳ ଆଧାର ହେଉଛି ସଠିକ୍ ଓ ବିଶ୍ୱସନୀୟ ଭୋଟର ତାଲିକା। ଏହାକୁ ଅଧିକ ସ୍ୱଚ୍ଛ, ତ୍ରୁଟିମୁକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଜିଲ୍ଲାରେ ସଫଳ ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ମଙ୍ଗଳବାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳଙ୍କ ସହ ଏକ ଆଲୋଚନା ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ମୁଖ୍ୟ ଲକ୍ଷ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରିବା ସହ ମୃତ, ଅଯୋଗ୍ୟ ଓ ଡୁପ୍ଲିକେଟ ନାମଗୁଡ଼ିକୁ ଚିହ୍ନଟ କରି ବାଦ ଦେବା। ଏଥିସହ ସ୍ଥାନାନ୍ତରିତ ମତଦାତାଙ୍କ ତଥ୍ୟ ସଂଶୋଧନ କରାଯାଇ ଭୋଟର ତାଲିକାର ସଠିକତା ଓ ବିଶ୍ୱସନୀୟତା ବଢ଼ାଇବାକୁ ପଦକ୍ଷେପ ନେବା। ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ କରିବା ପାଇଁ ସମସ୍ତ ରାଜନୈତିକ ଦଳର ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ, କଂଗ୍ରେସ, ବିଏସପି, ସିପିଆଇଏମ ଓ ଆମ୍ ଆଦମୀ ପାର୍ଟିର ପ୍ରତିନିଧି ଯୋଗଦେଇ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଫଳ କରିବା ନେଇ ମତ ରଖିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ଦଳକୁ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ତାଲିକା ପ୍ରଦାନ କରିବା ସହ ଏସଆଇଆର ସମ୍ପର୍କିତ ପରାମର୍ଶ ଓ ଅଭିମତ ଲିଖିତ ଆକାରରେ ଜଣାଇବାକୁ ଅନୁରୋଧ କରିଥିଲେ। ଏଥିସହ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

ଜିଲ୍ଲାରେ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ ଜୁନ ୨୮ ସୁଦ୍ଧା ପୋଲିଂ ଷ୍ଟେସନର ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ ହେବ ବୋଲି ସୂଚନା ଦିଆଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାର ପାଞ୍ଚଟି ବିଧାନସଭା ଆସନରେ ୧୪୪୯ଟି ପୋଲିଂ ଷ୍ଟେସନ ରହିଥିବାବେଳେ ୧୪୫ ଜଣ ବିଏଲଓ ସୁପରଭାଇଜର ଓ ୧୪୪୯ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମତଦାତା ତାଲିକାର ମ୍ୟାପିଙ୍ଗ ଓ ସଂଶୋଧନ କାର୍ଯ୍ୟକୁ ଦାୟିତ୍ୱର ସହ ସମ୍ପାଦନ କରିବାକୁ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ଗଠନ ମାଧ୍ୟମରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଆହୁରି ମଜବୁତ କରିବା ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଓ ରବୀନ୍ଦ୍ର ମଲ୍ଲିକଙ୍କ ସମେତ ନିର୍ବାଚନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ସକାଳ
THE SAKALA



# ସମ୍ପାଦକୀୟ



କବି, ପ୍ରେମିକ ଏବଂ ଉନ୍ମାଦଗ୍ରସ୍ତ, ଏକାଭଳି ସ୍ୱୟଂସମ୍ପୂର୍ଣ୍ଣ ସେମାନଙ୍କର କଳ୍ପନା ଜଗତ।
-ଉଇଲିୟମ ସେକ୍ସପିୟର

## ନ୍ୟାୟିକ ସତ୍ୱରତା ଆଶା

ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ସଂଖ୍ୟା ବର୍ତ୍ତମାନର ୩୩ରୁ ୩୭କୁ ବୃଦ୍ଧି କରିବା ପାଇଁ ସରକାର ଜାରି କରିଥିବା ଅଧ୍ୟାଦେଶକୁ ଇତିମଧ୍ୟରେ ରାଷ୍ଟ୍ରପତି ମଞ୍ଜୁର କରିଛନ୍ତି। ୯୦ ହଜାରରୁ ଊର୍ଦ୍ଧ୍ୱ ମାମଲାବୋଝ ଧରିଥିବା ସର୍ବୋଚ୍ଚ ନ୍ୟାୟାଳୟ ଏହାଦ୍ୱାରା କ୍ରମଶଃ ଚାପମୁକ୍ତ ହେବ ବୋଲି ଆଶା କରାଯାଉଛି। ତେବେ ବାସ୍ତବତା ବା ଆମ ଆଇନ ବ୍ୟବସ୍ଥା ଅନେକ ଜଟିଳ ହୋଇଥିବାରୁ ବହୁଅଧିକ ଆଶା କରିବା ବୃଥା। ତଥାପି ପୂର୍ବାପେକ୍ଷା ସ୍ଥିତିରେ ଅନେକ ସୁଧାର ଆସିବା ନିଃସନ୍ଦେହ। ୧୯୫୦ରେ ଆମ ଦେଶରେ ମାତ୍ର ୮ ଜଣ (ସାତଜଣ ବିଚାରପତି ଓ ଜଣେ ପ୍ରଧାନ ବିଚାରପତି)ଙ୍କୁ ନେଇ ଆରମ୍ଭ ହୋଇଥିବା ସର୍ବୋଚ୍ଚ ନ୍ୟାୟାଳୟରେ ୧୯୫୬ରେ ଆଇନ ପ୍ରଣୟନ ପରେ ବିଚାରପତି ସଂଖ୍ୟଶ ୧୧କୁ ବୃଦ୍ଧି ପାଇଥିଲା। ଏହାପରେ ୧୯୬୦ରେ ୧୩, ୧୯୭୭ରେ ୧୭, ୧୯୮୬ରେ ୨୫, ୨୦୦୮ରେ ୩୦, ୨୦୧୯ରେ ୩୩କୁ ବୃଦ୍ଧି ପାଇଥିଲା। ତେଣୁ ବିଚାରପତି ନିଯୁକ୍ତି ମଧ୍ୟ ଆବଶ୍ୟକ ତୁଳନାରେ ପର୍ଯ୍ୟାପ୍ତ ହୋଇନାହିଁ।

ଆମ ଦେଶରେ ବିଳମ୍ବିତ ବିଚାର ପ୍ରକ୍ରିୟା ନ୍ୟାୟିକ କ୍ଷେତ୍ରରେ ଏକ ବିଡ଼ମ୍ବନା ବୋଲି ଅଭିଯୋଗ ହୋଇଆସୁଛି। ଏପରିକି ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି କୁହାଯାଉଥିଲେ ମଧ୍ୟ ବହୁବିଧ କାରଣରୁ ସେ ଦିଗରେ ଈପ୍ସିତ ସୁଧାର ଆସିପାରୁନାହିଁ। କୌଣସି ମାମଲାର ତୃଣମୂଳସ୍ତରରୁ ଆରମ୍ଭ କରି ଅଦାଲତର କାଠଗଡ଼ା ପର୍ଯ୍ୟନ୍ତ ପ୍ରକ୍ରିୟା ଏତେ ଜଟିଳ ଓ କୁଟିଳ ଯେ ବିଚରା ଆବେଦନକାରୀ ହିଁ ଆର୍ଥିକ, ଶାରୀରିକ ଓ ମାନସିକ ଭାବେ ନିର୍ଯାତିତ ହେବା ସାର ହେଉଛି। ଏପରିକି କେତେକ କ୍ଷେତ୍ରରେ ଆବେଦନକାରୀକୁ ତା' ଜୀବନକାଳ ମଧ୍ୟରେ ନ୍ୟାୟ ମିଳିପାରୁନାହିଁ। ଆଉ କେତେକ କ୍ଷେତ୍ରରେ ପକ୍ଷଭୁକ୍ତମାନେ ମାନସିକ ଭାରସମ୍ୟ ହରାଉଛନ୍ତି। ଏପରିକି ବାଦୀ/ପ୍ରତିବାଦୀମାନେ ଜମିବାଡ଼ି ବିକି ସର୍ବସ୍ୱ ହରାଇବା ପରେ ଆପେ ଆପେ କୋର୍ଟକଚେରି ଦୌଡ଼ରୁ ଓହରି ଆସି ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି। ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ଏଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି ଯେ ବିଚରା ବିଚାରାଧୀନ କଏଦୀଟିଏ ଭୁଲି ଯାଉଛି ତା'ର ଅପରାଧ କ'ଣ ଏବଂ କର୍ତ୍ତୃପକ୍ଷ ମଧ୍ୟ ତା' ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଆଧାରିତ କାଗଜପତ୍ର ଖୋଜି ପାଉ ନାହାନ୍ତି। ଏହି ପୃଷ୍ଠଭୂମିରେ ବିଭିନ୍ନ ସ୍ତରର ଅଦାଲତମାନଙ୍କରେ ଅଧିକରୁ ଅଧିକ ବିଚାରପତି ନିଯୁକ୍ତି ବା ପଦବୀ ସଂଖ୍ୟା ବୃଦ୍ଧି ପାଇଁ ନିରନ୍ତର ଦାବି ହୋଇଆସୁଛି। ଏହି ତୃଣମୂଳସ୍ତରୀୟ ସମସ୍ୟା ସମାଧାନ ହେଲେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ।

ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା କେବଳ ସାଧାରଣ ନାଗରିକଙ୍କ ଜନଜୀବନକୁ ପ୍ରଭାବିତ କରୁନାହିଁ, ବରଂ ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶକୁ ମଧ୍ୟ ପ୍ରଭାବିତ କରୁଛି। ଏକ ଅନୌପଚାରିକ ଗବେଷଣା ଅନୁଯାୟୀ ବିଳମ୍ବିତ ନ୍ୟାୟ ଯୋଗୁଁ ଜିଡିପିର ୧.୫ ରୁ ୨% କ୍ଷତି ହେଉଛି। କିନ୍ତୁ ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ହେବା ପଛରେ ରହିଥିବା ଲୁକ୍କାୟିତ କାରଣମାନ ଏବଂ ସେଥିରେ କ'ଣ ସୁଧାର ଅଣାଯାଇପାରିବ ସେ ସମ୍ପର୍କିତ କୌଣସି ଗବେଷଣା ଭାରତରେ ହୋଇଥିବା ଜଣାଯାଇନାହିଁ। ତ୍ରୟୋଦଶ ଅର୍ଥ ଆୟୋଗ ଏ ସମ୍ପର୍କରେ କିଛିଟା ଦୃଷ୍ଟିପାତ କରିଥିବା ଜଣାଯାଏ। ଆୟୋଗଙ୍କ ତର୍ଜମା ଅନୁଯାୟୀ ଭାରତୀୟ ଅଦାଲତରେ ବିଚାରପତିମାନେ ଅନେକ ପ୍ରକାରର ଅଣନ୍ୟାୟିକ କାର୍ଯ୍ୟ ଦ୍ୱାରା ଚାପଗ୍ରସ୍ତ ହୋଇପଡୁଛନ୍ତି। ତେଣୁ ଜିଲ୍ଲା ଅଦାଲତରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ 'ପେସାଦାର ଅଦାଲତ ପରିଚାଳକ'(ଏମ୍‌ବିଏ ଡିଗ୍ରୀଧାରୀ କୋର୍ଟ ମ୍ୟାନେଜର) ନିଯୁକ୍ତି ପାଇଁ ଅର୍ଥ ଆୟୋଗ ସୁପାରିସ କରିବା ସହିତ ଏଥିପାଇଁ ସେତେବେଳେ(୨୦୧୦-୧୫)ରେ ୩୦୦ କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ଏହାର ମାତ୍ର ୧୩% ଉପଯୋଗ ହୋଇପାରିଥିଲା। ଏ କ୍ଷେତ୍ରରେ ହରିଆଣା, ତାମିଲନାଡୁ, ପଞ୍ଜାବ, ରାଜସ୍ଥାନ ପରି କେତେକ ରାଜ୍ୟ ଅସ୍ଥାୟୀ ବା ଚୁକ୍ତିଭିତ୍ତିକ କୋର୍ଟ ମ୍ୟାନେଜର ନିଯୁକ୍ତ କରିଥିଲେ ମଧ୍ୟ ଦେଶରେ ସମୁଦାୟ କୋର୍ଟ ମ୍ୟାନେଜର ସଂଖ୍ୟା ମାତ୍ର ୧୨୮ ରେ ସୀମିତ ରହିଯାଇଥିଲା।

ତ୍ରୟୋଦଶ ଅର୍ଥ ଆୟୋଗଙ୍କ କାର୍ଯ୍ୟକାଳ ଶେଷ ହେବା ପରେ କୋର୍ଟ ମ୍ୟାନେଜର ନିଯୁକ୍ତି ଓ ଦରମା ବାବଦ ଅର୍ଥ ବୋଝ ରାଜ୍ୟମାନଙ୍କ ଉପରେ ନ୍ୟସ୍ତ ହେଲା ଏବଂ ସମ୍ପୃକ୍ତ ରାଜ୍ୟ ଉଚ୍ଚ ନ୍ୟାୟାଳୟମାନଙ୍କୁ ସୁପାରିସ କରିବା ପାଇଁ କୁହାଗଲା। ଏଥିସହିତ ଏହି ଯୋଜନା ମଧ୍ୟ ଏକପ୍ରକାର ସ୍ଥାଣୁ ହୋଇଗଲା। ଯୋଜନା ବିଫଳ ହେବା ପଛରେ କେନ୍ଦ୍ର ସରକାରଙ୍କ ଅନାଗ୍ରହ, ବିଚାରପତି ଓ କୋର୍ଟ ମ୍ୟାନେଜରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପଦପଦବୀର କର୍ତ୍ତୃତ୍ୱ, ସମ୍ମାନ ଓ ଆତ୍ମାଭିମାନର ପ୍ରଶ୍ନ, ଏକ ସୁସ୍ଥ ବ୍ୟବସ୍ଥା ବିକାଶରେ ଅବହେଳା ଆଦି ଅନେକ କାରଣ ଥିଲା। ଏହି ଯୋଜନାକୁ ଯଦି ସଫଳତାର ସହିତ ବ୍ୟବସ୍ଥିତ କରାଯାଇପାରିଥା'ନ୍ତା ତେବେ ବିଳମ୍ବିତ ନ୍ୟାୟିକ ଅପବାଦ ଅନେକ ମାତ୍ରାରେ ସୁଧାରି ଆସି ପାରିଥା'ନ୍ତା।

ବର୍ତ୍ତମାନ ଭାରତ ସ୍ୱାଧୀନତାର ଅମୃତକାଳର ଯାତ୍ରା କରୁଛି। ଏହି ସମୟରେ ଅନେକ ସୁଧାର ଓ ସଂସ୍କାର ଆଶା କରାଯାଇପାରେ। କାରଣ ସ୍ୱାଧୀନତାର ଶହେବର୍ଷ ପରେ ମଧ୍ୟ ଜଣେ ସାଧାରଣ ନାଗରିକ ଠିକ୍ ସମୟରେ ନ୍ୟାୟ ପାଇପାରିବ ନାହିଁ ତେବେ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରର ମୂଲ୍ୟବୋଧ ହିଁ ବ୍ୟାହତ ହେବ। ବିଚାରପତି ନିଯୁକ୍ତିରେ କେନ୍ଦ୍ର ସରକାର ଓ କଲେଜିୟମ୍ ବ୍ୟବସ୍ଥା ମଧ୍ୟରେ ବିରୋଧାଭାସ ଏକ ଅଲିଖିତ ପରମ୍ପରାରେ ପରିଣତ ହୋଇସାରିଛି। ଏଥିଯୋଗୁଁ ମଧ୍ୟ ବିଚାରପତି ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇ ନ୍ୟାୟିକ ପ୍ରକ୍ରିୟାକୁ ମନ୍ଥର କରୁଛି। ତେଣୁ ଏ ଦିଗରେ ମଧ୍ୟ ସର୍ବସମ୍ମତ ନିଷ୍ପତ୍ତି ବାଞ୍ଛନୀୟ।

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।


କାର୍ଯ୍ୟନିର୍ବାହୀ ସମ୍ପାଦକ

## ଭାରତ-ଇଟାଲୀ ସମ୍ପର୍କ

# ଭାରତ-ଭୂମଧ୍ୟସାଗର କ୍ଷେତ୍ର ପାଇଁ ଏକ ରଣନୀତିକ ଭାଗୀଦାରୀ

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ ଏବଂ ଜର୍ଜିଆ ମେଲୋନି, ଇଟାଲୀ ମନ୍ତ୍ରୀ ପରିଷଦର ଅଧ୍ୟକ୍ଷ





ଭାରତ ଓ ଇଟାଲୀ ମଧ୍ୟରେ ସମ୍ପର୍କ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଗତ କିଛିବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଭୂତପୂର୍ବ ଗତିରେ ବିସ୍ତାରିତ ହୋଇଛି। ଏହି ସମ୍ପର୍କ କେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତା ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଏବେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭବିଷ୍ୟତର ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀରେ ପରିବର୍ତ୍ତିତ ହୋଇଛି।

ସମ୍ପ୍ରତି ସମଗ୍ର ବିଶ୍ୱର ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଥିବା ସମୟରେ ଭାରତ ଓ ଇଟାଲୀ ସମ୍ପର୍କ ଉଚ୍ଚ ରାଜନୈତିକ ଏବଂ ସଂସ୍ଥାଗତ ସ୍ତରରେ କ୍ରମାଗତ ଆଲୋଚନାଠାରୁ ଆଗକୁ ବଢୁଛି। ଏହି ସମ୍ପର୍କ ଏବେ ଏକ ନୂଆ ଓ ଅଧିକ ବ୍ୟାପକ ସ୍ତରରେ ପହଞ୍ଚିଛି। ଏଥିରେ ଦୁଇ ଦେଶର ଆର୍ଥିକ ଶକ୍ତି, ସାମାଜିକ ସୃଜନଶୀଳତା ଏବଂ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାଗତ ଐତିହ୍ୟ ସାମିଲ ରହିଛି। ଏକବିଂଶ ଶତାବ୍ଦୀରେ ନବସୃଜନ କ୍ଷମତା, ଶକ୍ତି ପରିବର୍ତ୍ତନ ପରିଚାଳନା ଏବଂ ରଣନୀତିକ ଆତ୍ମନିର୍ଭରଶୀଳତାକୁ ମଜବୁତ କରିବା ଉପରେ ଦେଶର ସମୃଦ୍ଧି ଓ ସୁରକ୍ଷା ନିର୍ଭର କରିଥାଏ। ଆମ ସହଯୋଗ ଏହି ସହଭାଗୀ ଦୃଷ୍ଟିକୋଣକୁ ଦର୍ଶାଇଥାଏ। ଏହି ଉଦ୍ଦେଶ୍ୟ ନେଇ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ତଥା ବିବିଧ କରିବା ଲାଗି ସଂକଳ୍ପ ନେଇଛୁ, ଯାହାଫଳରେ ନୂଆ ଲକ୍ଷ୍ୟ ହାସଲ କରାଯାଇପାରିବ ଏବଂ ଦୁଇ ଦେଶର ସହଯୋଗୀ ସାମର୍ଥ୍ୟକୁ ଉନ୍ନତ ଢଙ୍ଗରେ ଉପଯୋଗ କରାଯାଇପାରିବ। ଡିଜାଇନ୍ କ୍ଷମତା, ଉନ୍ନତ ଉତ୍ପାଦନ କୌଶଳ ଏବଂ ବିଶ୍ୱସ୍ତରୀୟ ସୁପର କମ୍ପ୍ୟୁଟର୍ ପ୍ରଯୁକ୍ତିବିଦ୍ୟା ଇଟାଲୀକୁ ଏକ ଶିଳ୍ପ ମହାଶକ୍ତିରେ ପରିଣତ କରିଛି। ଆମେ ଏହାକୁ ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଇଞ୍ଜିନିୟରିଂ ପ୍ରତିଭା, ବ୍ୟାପକ କ୍ଷମତା, ନବସୃଜନ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ତଥା ୨ ଲକ୍ଷ ଷ୍ଟାର୍ଟଅପ୍ ଆଧାରିତ ଉଦ୍ୟୋଗ ଇକୋସିଷ୍ଟମ ସହ ଯୋଡ଼ି ଏକ ଶକ୍ତିଶାଳୀ ସନ୍ତୁଳନ ସୃଷ୍ଟି କରିବାକୁ ଚାହୁଁଛୁ। ଏହା କେବଳ ଏକ ସାଧାରଣ ସମନ୍ୱୟ ନୁହେଁ, ବରଂ ସହଭାଗୀ ମୂଲ୍ୟ ସୃଷ୍ଟି ଯେଉଁଥିରେ ଆମ ଦୁଇ ଦେଶର ଶିଳ୍ପ ସାମର୍ଥ୍ୟ ପରସ୍ପରକୁ ଅଧିକ ସୁଦୃଢ଼ କରିବ।

ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା(ଏଫଟିଏ) ଉଭୟ ଦିଗରେ ବାଣିଜ୍ୟ ଓ ନିବେଶ ବଢ଼ାଇବାର ମାର୍ଗ ଖୋଲିଥାଏ। ୨୦୨୯ ସୁଦ୍ଧା ଭାରତ ଓ ଇଟାଲୀ ମଧ୍ୟରେ ବ୍ୟବସାୟିକ କାରବାରକୁ ୨୦ ବିଲିୟନ ୟୁରୋ ଠାରୁ ଆଗକୁ ବଢ଼ାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁ। ଏଥିରେ ପ୍ରତିରକ୍ଷା ଓ ଏରୋସ୍ପେସ୍, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରାଂଶ, ଯାନବାହନ ସରଞ୍ଜାମ, ରସାୟନ, ଔଷଧ, ବୟନ, କୃଷି-ଖାଦ୍ୟ କ୍ଷେତ୍ର ଏବଂ ପର୍ଯ୍ୟଟନ ସମେତ ଅନେକ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ। "ମେଡ୍ ଇନ୍ ଇଟାଲୀ" ସବୁବେଳେ ସାରା ବିଶ୍ୱରେ ଉତ୍କୃଷ୍ଟତାର ପ୍ରତୀକ ଭାବେ ଖ୍ୟାତି ଅର୍ଜନ କରିଛି। ଆଜି "ମେକ୍ ଇନ୍ ଇଣ୍ଡିଆ" କାର୍ଯ୍ୟକ୍ରମର ଉଚ୍ଚ ଗୁଣବତ୍ତା ଆଧାରିତ ଲକ୍ଷ୍ୟ ସହ ଏହାର ସ୍ୱାଭାବିକ ତାଳମେଳ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନୀଗୁଡ଼ିକର ଆଗ୍ରହ ବୃଦ୍ଧି ପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜବୁତ ହେବା ଏକ ସକାରାତ୍ମକ ସଂକେତ ଦେଉଛି। ବର୍ତ୍ତମାନ ଦୁଇ ପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟ ଦେଶରେ କାର୍ଯ୍ୟ କରୁଛନ୍ତି। ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜବୁତ କରିବ।

ବୈଷୟିକ ନବସୃଜନ ଆମ ଭାଗୀଦାରୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଧାର। ଆଗାମୀ ଦଶନ୍ଧିରେ ବିଶ୍ୱରେ ଏକ ବଡ଼ ବୈଷୟିକ ପରିବର୍ତ୍ତନ ଦେଖାଦେବ। ଏଥିରେ କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ କମ୍ପ୍ୟୁଟିଂ, ଅତ୍ୟାଧୁନିକ ଉତ୍ପାଦନ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଡିଜିଟାଲ ମୌଳିକ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ରୁତ ପ୍ରଗତି ହେବ। ଭାରତରେ ଦ୍ରୁତ ଗତିରେ ବଢୁଥିବା ନବସୃଜନ ପରିବେଶ ଏବଂ ବହୁସଂଖ୍ୟକ କୁଶଳୀ ପେସାଦାର ତଥା ଇଟାଲୀର ଉନ୍ନତ ଶିଳ୍ପ କ୍ଷମତା ଏସବୁ କ୍ଷେତ୍ରରେ ଦୁଇ ଦେଶର ସହଯୋଗକୁ ସ୍ୱାଭାବିକ ଏବଂ ରଣନୀତିକ କରିଥାଏ। ଦୁଇ ଦେଶର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବର୍ଦ୍ଧିତ ଭାଗୀଦାରୀ ମଧ୍ୟ ଏହାକୁ ଆହୁରି ମଜବୁତ କରିବ। ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିଶ୍ୱର ଅନେକ ଦେଶ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି। ମୁଖ୍ୟତଃ କୃତ୍ରିମ ବୁଦ୍ଧିମତା (ଏଆଇ) ଆଜି ଆମ ସମାଜ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି। ଭାରତ ଓ ଇଟାଲୀ ଦୀର୍ଘ ସମୟ ଧରି ଏ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଉଛନ୍ତି, ଯାହାଫଳରେ ଏଆଇର ବିକାଶ ଉତ୍ତରଦାୟୀ ଏବଂ ମାନବ କୈନ୍ଦ୍ରିକ ହୋଇପାରିବ।

ଏହି ପରିପ୍ରେକ୍ଷୀରେ ଭାରତ ଓ ଇଟାଲୀ ଏଆଇକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି। ବିଶେଷ କରି ଗ୍ଲୋବାଲ୍ ସାଉଥ୍ ଦେଶଗୁଡ଼ିକରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବହୁଭାଷୀ ଜ୍ଞାନକୌଶଳ ଜରିଆରେ ଏଆଇ ସାମାଜିକ ଓ ଡିଜିଟାଲ ବ୍ୟବଧାନକୁ ଅଧିକ ବଢ଼ାଇବା ପରିବର୍ତ୍ତେ ଭରଣା କରିପାରିବ। ମଣିଷକୁ ପ୍ରଯୁକ୍ତି ପ୍ରୟୋଗର କେନ୍ଦ୍ରରେ ରଖିବା ଲାଗି ଭାରତର 'ମାନବକୈନ୍ଦ୍ରିକ' ଦୃଷ୍ଟିକୋଣ ଏବଂ ମାନବବାଦୀ ପରମ୍ପରା ଉପରେ ଆଧାରିତ ଇଟାଲୀର ମାନବ କୈନ୍ଦ୍ରିକ "ଏଲ୍ଗୋର-ଏଥିକ୍ସ" ଅବଧାରଣାକୁ ଆମେ ଆଗକୁ ବଢ଼ାଉଛୁ। କୃତ୍ରିମ ବୁଦ୍ଧିମତ୍ତାକୁ ସାମାଜିକ ସଶକ୍ତିକରଣର ମାଧ୍ୟମରେ ପରିଣତ କରିବା ଆମ ଭାଗୀଦାରୀର ଉଦ୍ଦେଶ୍ୟ। ଭାରତର ବିଶାଳ ଡିଜିଟାଲ କ୍ଷମତାକୁ ଇଟାଲୀର ନୈତିକ ଏବଂ ଔଦ୍ୟୋଗିକ ବିଶେଷଜ୍ଞତା ସହ ଯୋଡ଼ିବାକୁ ଆମେ ଲକ୍ଷ୍ୟ ରଖିଛୁ, ଯାହାଫଳରେ ପ୍ରଯୁକ୍ତିବିଦ୍ୟା ମାନବ ମର୍ଯ୍ୟାଦାକୁ ରକ୍ଷା କରିବାରେ ବିନିଯୋଗ ହୋଇପାରିବ। ସୁରକ୍ଷିତ ଡିଜିଟାଲ୍ ସହଯୋଗ, କ୍ଷମତା-ନିର୍ମାଣ ଏବଂ ମଜବୁତ ସାଇବର ଭିତ୍ତିଭୂମି ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଜରିଆରେ ଆମେ ଏକ ଖୋଲା, ବିଶ୍ୱସନୀୟ ଏବଂ ସମାନ ଡିଜିଟାଲ୍ ବାତାବରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁଥିରେ ପ୍ରତ୍ୟେକ ଦେଶ ଏଆଇକୁ ଉପଯୋଗ କରିପାରିବେ ଏବଂ ଏଥିରୁ ଲାଭ ପାଇପାରିବେ। ଏହି ଦୃଷ୍ଟିକୋଣକୁ ଆଧାର କରି ଇଟାଲୀ ଅଧ୍ୟକ୍ଷତାରେ ଜି-୭ ବୈଠକ ଏବଂ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମ୍ମିଳନୀର ନିଷ୍କର୍ଷ ପ୍ରସ୍ତୁତ କରାଯାଇଥିଲା। ଏଆଇକୁ ମଣିଷ ଦ୍ୱାରା ଏବଂ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଏକ ପ୍ରଯୁକ୍ତିବିଦ୍ୟା ଭାବରେ ସ୍ୱୀକାର କରିବାର ଅର୍ଥ ହେଉଛି ଏହା ସ୍ପଷ୍ଟ କରିବା ଯେ ପ୍ରଯୁକ୍ତିବିଦ୍ୟା ମଣିଷର ସ୍ଥାନ ଗ୍ରହଣ କରିପାରିବ ନାହିଁ କିମ୍ବା ସେମାନଙ୍କର ମୌଳିକ ଅଧିକାରକୁ ଦୁର୍ବଳ କରିପାରିବ ନାହିଁ। ଜନମତକୁ ପ୍ରଭାବିତ କରିବା କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଲାଗି ମଧ୍ୟ ଏହାର ଉପଯୋଗ କରାଯିବା ଉଚିତ୍ ନୁହେଁ। ବ୍ୟାପକ ଭାବେ ପରସ୍ପର ସହ ଜଡ଼ିତ ବିଶ୍ୱରେ ସ୍ୱାଧୀନତା ଏବଂ ମାନବ ମର୍ଯ୍ୟାଦାକୁ ରକ୍ଷା କରିବା ଲାଗି ଆମର ଦୃଷ୍ଟିକୋଣ ଏହି ଆହ୍ୱାନ ଉପରେ ଆଧାରିତ।

ଆମ ସହଯୋଗ ମହାକାଶ କ୍ଷେତ୍ରରେ ମଧ୍ୟ ବିସ୍ତାରିତ। ମହାକାଶ ଗବେଷଣା ଏବଂ ଉପଗ୍ରହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ସେହିପରି ମହାକାଶ ଇଞ୍ଜିନିୟରିଂରେ ଇଟାଲୀର ଉତ୍କର୍ଷତା ରହିଛି। ଏହା ମିଳିତ ପ୍ରକଳ୍ପ ଏବଂ ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରେ। ରାଷ୍ଟ୍ରଗୁଡ଼ିକର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ସ୍ଥିରତା ଅତ୍ୟନ୍ତ ଜରୁରୀ। ତେଣୁ ଇଟାଲୀ ଓ ଭାରତ ପ୍ରତିରକ୍ଷା, ସୁରକ୍ଷା ଏବଂ ରଣନୀତିକ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଆହୁରି ମଜବୁତ କରିବାକୁ ଚାହାନ୍ତି। ଆମ ସହଯୋଗ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ତଥା ଆତଙ୍କବାଦ, ଅନ୍ତର୍ଜାତୀୟ ଅପରାଧ ନେଟୱର୍କ, ନିଶାଦ୍ରବ୍ୟ ଚୋରା କାରବାର, ସାଇବର ଅପରାଧ ଏବଂ ମାନବ ତସ୍କରି ଭଳି ସମସ୍ୟାର ମୁକାବିଲାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ। ଶକ୍ତି ହେଉଛି ଆମ ସହଭାଗୀତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ବିଶ୍ୱରେ ବିବିଧ ଶକ୍ତି ଉତ୍ସ ଦିଗରେ ହେଉଥିବା ପରିବର୍ତ୍ତନ ଲାଗି ନବସୃଜନ, ନିବେଶ ଏବଂ ସହଯୋଗ ଆବଶ୍ୟକ। ଭାରତ ଓ ଇଟାଲୀ ଅକ୍ଷୟ ଶକ୍ତି ଠାରୁ ଆରମ୍ଭ କରି ହାଇଡ୍ରୋଜେନ ପ୍ରଯୁକ୍ତି ଏବଂ ସ୍ମାର୍ଟ ଗ୍ରୀଡ ଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକାଠି କାମ କରୁଛନ୍ତି। ସବୁଜ ହାଇଡ୍ରୋଜେନ୍ ରପ୍ତାନିର ବିଶ୍ୱସ୍ତରୀୟ କେନ୍ଦ୍ର ହେବା ପାଇଁ ଭାରତର ପ୍ରୟାସରେ ଅପାର ସମ୍ଭାବନା ରହିଛି। ଏହା ଇଟାଲୀର ଉନ୍ନତ ଅକ୍ଷୟ ଶକ୍ତି ଭିତ୍ତିଭୂମି ଏବଂ ୟୁରୋପ ଲାଗି ଏକ ଶକ୍ତି ପ୍ରବେଶ ଦ୍ୱାର ରୂପେ ଏହାର ରଣନୀତିକ ଭୂମିକା ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ଏହି ପରିପ୍ରେକ୍ଷୀରେ, ଭାରତ ନେତୃତ୍ୱରେ ହେଉଥିବା ପ୍ରମୁଖ ପ୍ରୟାସ – ଅନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ), ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ) ଏବଂ ଗ୍ଲୋବାଲ୍ ବାୟୋଫୁଏଲ୍ସ ଆଲାଏନ୍ସ (ଜିବିଏ)ରେ ଅନ୍ୟ ଦେଶ ସହ ଆମ ସହଯୋଗ ମଧ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ।

ଭୌତିକ, ଡିଜିଟାଲ ଏବଂ ମାନବୀୟ ସମ୍ପର୍କର ଖିଅରେ ଆମେ ପରସ୍ପର ସହ ବାନ୍ଧି ହୋଇ ରହିଛୁ। ଭାରତ ଓ ଇଟାଲୀ ଉଭୟ ଭାରତ-ପ୍ରଶାନ୍ତ ମହାସାଗର ଏବଂ ଭୂମଧ୍ୟସାଗର କ୍ଷେତ୍ର ଭଳି ବିଶ୍ୱ ଅର୍ଥବ୍ୟବସ୍ଥାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ରହିଛନ୍ତି। ଏବେ ଏହି କ୍ଷେତ୍ରଗୁଡ଼ିକୁ ଭିନ୍ନ ଭିନ୍ନ ନୁହେଁ, ବରଂ ପରସ୍ପର ସହ ଜଡ଼ିତ ଅଞ୍ଚଳ ରୂପରେ ଦେଖାଯାଉଛି। ବାସ୍ତବରେ ଏକ ନୂଆ "ଭାରତ-ଭୂମଧ୍ୟସାଗର" (ଇଣ୍ଡୋ-ମେଡିଟେରେନିୟାନ) କ୍ଷେତ୍ର ବିକଶିତ ହେଉଥିବା ଆମେ ଦେଖୁଛୁ। ଏହି କ୍ଷେତ୍ର ବାଣିଜ୍ୟ କାରବାର, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଡାଟା ଏବଂ ବିଚାରଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ କରିଡର୍, ଯାହା ଭାରତ ମହାସାଗରକୁ ୟୁରୋପ ସହ ଯୋଡ଼ିଥାଏ। ପରସ୍ପର ସହ ଜଡ଼ିତ ଏହି କ୍ଷେତ୍ରରେ ଆମ ସମ୍ପର୍କ ସ୍ୱାଭାବିକ ଭାବେ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀ ରୂପେ ବିକଶିତ ହେଉଛି। ଏପରି ଭାଗୀଦାରୀ ଦୁଇଟି ମହାଦେଶକୁ ଯୋଡ଼ିଥାଏ ଏବଂ ନୂଆ ବିଶ୍ୱ ପରିସ୍ଥିତିକୁ ଆକାର ଦେଇଥାଏ।

ଏହି ପରିପ୍ରେକ୍ଷୀରେ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡର (ଆଇଏମଇସି) ଏକ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା। ଏହାର ଲକ୍ଷ୍ୟ ହେଉଛି, ଆଧୁନିକ ପରିବହନ ଓ ଭିତ୍ତିଭୂମି, ଡିଜିଟାଲ ନେଟୱାର୍କ, ଶକ୍ତି ବ୍ୟବସ୍ଥା ଏବଂ ଦୃଢ଼ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଆମ କ୍ଷେତ୍ରଗୁଡ଼ିକୁ ସଂଯୋଗ କରିବା। ଭାରତ ଓ ଇଟାଲୀ ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ପାଇଁ ଅନ୍ୟ ଅଂଶୀଦାର ଦେଶମାନଙ୍କ ସହିତ ମିଶି କାମ କରିବାକୁ ସଂକଳ୍ପବଦ୍ଧ ଅଛନ୍ତି। ଦୁଇ ଦେଶ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଲମ୍ବା ସାଂସ୍କୃତିକ ସଂଲଗ୍ନତା ଆଧାରରେ ଆମେ ଆମ ସହଭାଗୀ ସମସ୍ୟାର ସମାଧାନ କରିପାରିବା। ଭାରତୀୟ ସଂସ୍କୃତିରେ "ଧର୍ମ"ର ବିଚାର ସେହି ଉତ୍ତରଦାୟୀ ଭାବନାକୁ ଦର୍ଶାଇଥାଏ, ଯାହା ଆମ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ୍। ସେହିପରି "ବସୁଧୈବ କୁଟୁମ୍ବକମ୍" – ଅର୍ଥାତ୍ "ସାରା ବିଶ୍ୱ ଏକ ପରିବାର"ର ସିଦ୍ଧାନ୍ତ ବର୍ତ୍ତମାନ ପରସ୍ପର ସହ ଜଡ଼ିତ ଡିଜିଟାଲ ଯୁଗରେ ଆହୁରି ଅଧିକ ପ୍ରାସଙ୍ଗିକ ପ୍ରତୀୟମାନ ହେଉଛି। ଏହି ମୂଲ୍ୟବୋଧ ନବଜାଗରଣ କାଳରେ ସୃଷ୍ଟି ହୋଇଥିବା ଇଟାଲୀର ମାନବତାବାଦୀ ପରମ୍ପରା ସହ ମଧ୍ୟ ମେଳ ଖାଉଛି। ଏହି ପରମ୍ପରା ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସଂସ୍କୃତିର ସେହି ଶକ୍ତି ଉପରେ ଗୁରୁତ୍ୱାରୋପ କରିଥାଏ, ଯାହା ସମାଜ ଓ ଲୋକମାନଙ୍କୁ ଏକଜୁଟ କରିପାରେ। ସେଥିପାଇଁ ଲୋକମାନଙ୍କୁ କେନ୍ଦ୍ରରେ ରଖି ଭାରତ-ଇଟାଲୀ ସମ୍ପର୍କକୁ ଅଧିକ ସୁଦୃଢ଼, ଆଧୁନିକ ଏବଂ ଭବିଷ୍ୟ ଉନ୍ମୁଖୀ ଆଧାର ପ୍ରଦାନ କରିବା ଆମ ସହଭାଗୀ ଦୃଷ୍ଟିକୋଣର ଉଦ୍ଦେଶ୍ୟ।

# ଶାଗଭାତର ମଣିଷ କଥା କିଏ ବୁଝିବ?

ଅଶୋକ ମହାରଣା



ସରକାର ଘୋଷଣା କରିଛନ୍ତି ସୁନା କିଣ ନାହିଁ, ବିଦେଶ ବୁଲ ନାହିଁ, ପେଟ୍ରୋଲ କମ ବ୍ୟବହାର କର। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ କୌଣସି ଗୋଟିଏ ଘୋଷଣା କରିଦେବା ବହୁତ ସହଜ, ପାଳନ କରିବା କଷ୍ଟକର। ସୁନା, ବିଦେଶ ବୁଲା କୌଣସି ଗରୀବ ଲୋକର ଆବଶ୍ୟକତା ହୋଇ ନ ପାରେ। ଜୀବନଧାରଣ ପାଇଁ ବର୍ତ୍ତମାନ ସମୟରେ ସବୁକିଛି ମହଙ୍ଗା ହୋଇପଡ଼ିଛି। ଲୁଣଠାରୁ ସୁନା, ରୁପା ପର୍ଯ୍ୟନ୍ତ। ଲୁଣରେ ଧନୀ ଯେତିକି ଟିକସ ଦିଏ ଗରୀବ ବି ସେତିକି। ସୁନା ତ ଏକାଥରକେ ଶୋଷଣ କରେ। କିନ୍ତୁ ତେଲ, ଲୁଣ, ଡାଲି ପ୍ରତିଦିନ ଶୋଷଣ କରୁଥାଏ। ସୁନା ବିନା ତ ମଣିଷ ବଞ୍ଚିଯିବ। କିନ୍ତୁ ଅତ୍ୟାବଶ୍ୟକ ଦ୍ରବ୍ୟର ଦରବୃଦ୍ଧି ତ ସୁନାଠାରୁ ଅଧିକ ଯନ୍ତ୍ରଣାଦାୟକ।

ଓଡ଼ିଶାର ଜନସଂଖ୍ୟା ୪କୋଟି ୫୦ଲକ୍ଷ ଟପିବାକୁ ବସିଲାଣି। ସାକ୍ଷରତା ହାର ୭୨.୮୭ ପ୍ରତିଶତ ହୋଇଥିବା ବେଳେ ପୁରୁଷମାନଙ୍କ ମଧ୍ୟରେ ୮୧.୫୯ ଏବଂ ମହିଳାମାନଙ୍କ କ୍ଷେତ୍ରରେ ୬୪.୦୧ପ୍ରତିଶତ ସାକ୍ଷର। ତୁଳନାତ୍ମକ ଭାବରେ ଦେଖାଗଲେ ଓଡ଼ିଶାର ୧୫ବର୍ଷରୁ ଅଧିକ ଲୋକଙ୍କ ସଂଖ୍ୟା ୩କୋଟି ୫୧ଲକ୍ଷଙ୍କ ମଧ୍ୟରୁ ୨କୋଟି ୧୪ଲକ୍ଷ ହେଉଛନ୍ତି କାର୍ଯ୍ୟକ୍ଷମ ବା ଶ୍ରମ ଶକ୍ତି। ସେମାନଙ୍କ ମଧ୍ୟରୁ ୨.୦୫କୋଟି ନିଯୁକ୍ତି ପାଇଥିବା ବେଳେ ମୋଟ ଶ୍ରମଶକ୍ତିର ୬୪ ଭାଗ ଅର୍ଥାତ ୧୩୧.୬ଲକ୍ଷ ସ୍ୱାବଲମ୍ବୀ ଏବଂ ୩୬ ଭାଗ ଅର୍ଥାତ ୨୯.୬ଲକ୍ଷ ନିୟମିତ ରୋଜଗାରକ୍ଷମ ବା ଦରମା ପାଉଥିବା ଲୋକ ବୋଲି ଜଣାପଡ଼ିଛି। ଓଡ଼ିଶାର ୯ଲକ୍ଷ ଲୋକ ବେକାର ରହିଥିବାର ଜଣାପଡ଼ିଛି। ଓଡ଼ିଶାର ଜନସଂଖ୍ୟା ମଧ୍ୟରୁ ୭୩.୭ଲକ୍ଷ ମଜୁରିଆ ହୋଇଥିବା ବେଳେ ୨୯.୬ଲକ୍ଷ ନିୟମିତ ମଜୁରୀ ବା ଦରମାପ୍ରାପ୍ତ ଏବଂ ୪୪.୧ଲକ୍ଷ ଲୋକ ଦିନ ମଜୁରିଆ ଭାବରେ କାର୍ଯ୍ୟ କରନ୍ତି। ସେହିପରି କୃଷି କ୍ଷେତ୍ରରେ ୪୮.୧ ଭାଗ ଲୋକ ନିର୍ଭରଶୀଳ ଥିବା ବେଳେ ଶିଳ୍ପରେ ୨୫.୮ଭାଗ, ସେବା କ୍ଷେତ୍ରରେ ୨୬.୧ଭାଗ ଲୋକ ନିଯୁକ୍ତ। ମୋଟ ନିୟୋଜିତ ଶ୍ରମିକମାନଙ୍କ ମଧ୍ୟରୁ ୨୧.୫ଭାଗ ସାମୟିକ, ୧୪.୪ ଭାଗ ନିୟମିତ ଓ ୬୪.୧ଭାଗ ଆତ୍ମନିର୍ଭରଶୀଳ। ଏଭଳି ସ୍ଥିତିରେ ଓଡ଼ିଶାର ଗରିବ ଲୋକ ସୁନା କିଣିବା ଏକ ସ୍ୱପ୍ନ, ବିଦେଶ ବୁଲିବା କଥା ପଚାରେ କିଏ?

ସୁନା ଦର ବଢ଼ିଲେ ବା ବିଦେଶ ବୁଲାରେ କଟକଣା ଲଗାଇଲେ ଖଟିଖିଆର କୌଣସି ଫରକ ପଡ଼େନା। ଦରଦାମ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନିଆଯିବା ଦରକାର। ମଣିଷ ଜୀବନକୁ ତିଳ ତିଳ କରି ମାରୁଥିବା ମାଦକ ଦ୍ରବ୍ୟ, ମଦ, ଗଞ୍ଜେଇ, ଚରସ, ବିଡ଼ି, ସିଗାରେଟ, ଗୁଟକା ବନ୍ଦ ପାଇଁ କାହିଁ ତ କେବେ କଡ଼ା ନିଷ୍ପତ୍ତି ଗ୍ରହଣ କରାଯାଉନାହିଁ। ସିଗାରେଟ ଖୋଳ କିମ୍ବା ମାଦକ ଦ୍ରବ୍ୟ ଉପରେ କେବଳ କର୍କଟ ଚିହ୍ନର ଛବି ଏବଂ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଲେଖିଦେଇ କାମ ଶେଷ କରିଦିଆଯାଉଛି। ମଦ ପାଇଁ ଓଡ଼ିଶାରେ କେତେ ଯେ ଜୀବନ ଯାଉଛି ତା'ର ହିସାବ କେହି କରିଛନ୍ତି? ମୂଳ କାରଣ ଏବଂ ପରିଣାମକୁ ଗୁରୁତ୍ୱ ଦିଆଯାଉନାହିଁ। ପ୍ରତି କ୍ଷେତ୍ରରେ ଯୋଜନାର ବିଫଳତା ହିଁ ମାନବ ସମ୍ବଳକୁ ବିକଶିତ କରିବାରେ ଅନ୍ତରାୟ ସୃଷ୍ଟି ହୋଇଛି। କେବଳ ମାନବ ସମ୍ବଳର ପରିମାଣାତ୍ମକ ବିକାଶ କଥା କୁହାଯାଉଛି, ଗୁଣାତ୍ମକ ବିକାଶ ନୁହେଁ। ମଦ କଡ଼ାକଡ଼ି ଭାବରେ ବନ୍ଦ ହୋଇଗଲେ କ୍ଷତି କ'ଣ? ଆଇନର ଅର୍ଗଳି ଭିତରେ ମଦ ମାଫିଆ ଓ ବ୍ୟବସାୟୀ ଖସିଯିବାର ରାସ୍ତା ଥାଏ। ମଦ ମୃତ୍ୟୁ ପାଇଁ କାହାକୁ ନିଲମ୍ବନ କରିଦେଲେ ମୃତ୍ୟୁବରଣ କରିଥିବା ଲୋକଟି ଫେରିଆସେ ନାହିଁ। ମରିଥିବା ଲୋକର ପରିବାର ଚଳିବ କେମିତି? କିଏ ହେବ ତା'ର ସାହା ଭରସା? ରାଜ୍ୟରେ ଘଟୁଥିବା ଦୁର୍ଘଟଣା, ଦୁଷ୍କର୍ମ ସହିତ ଯେତେ ଘଟଣା ଅଧିକାଂଶ ମାଦକ ଦ୍ରବ୍ୟର ପ୍ରଭାବ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଯେଉଁ ସରକାର ଜନସାଧାରଣଙ୍କ ପାଇଁ କାର୍ଯ୍ୟ ନକରି ମରଣ ମୁହଁକୁ ଠେଲି ଦିଏ ତାହା ଜନମଙ୍ଗଳ ରାଷ୍ଟ୍ର ପଦବାଚ୍ୟ ନୁହେଁ।

ବର୍ତ୍ତମାନ ସମୟରେ ଅତ୍ୟାବଶ୍ୟକ ଦ୍ରବ୍ୟ ଭାବରେ ଡାଲି, ତୈଳବୀଜ, ଆଳୁ, ପିଆଜ ଓ ତେଲର ଦରଦାମ ହ୍ରାସ କରାଯାଉ। ଏଠି ଚାଷୀ ଉତ୍ପାଦନ କରୁଛି। କିନ୍ତୁ ମାଗଣା ଯୋଗାଣ ମଧ୍ୟରେ ମାନବିକ ସଙ୍କଟ ସୃଷ୍ଟି କରି କେତେକ ଦଲାଲ ଏହାର ଫାଇଦା ଉଠାଇ ମାଲେ ମାଲ ହେଉଥିବା ବେଳେ ଖାଉଟି ଓ ସାଧାରଣ କୃଷକ ଶୋଷଣର ଶିକାର ହେଉଛି। ବଜାରରେ ଚାହିଦା ଅନୁସାରେ ଦ୍ରବ୍ୟର ଯୋଗାଣକୁ କମ୍ କରିଦେଇ ଏଭଳି ଏକ ନାଟକବାଜି କରାଯାଉଛି। 'ଆତ୍ମନିର୍ଭରଶୀଳ ଓଡ଼ିଶା' ବା 'ସ୍ୱାବଲମ୍ବୀ ଓଡ଼ିଶା' ଓଡ଼ିଶାବାସୀଙ୍କ ଏକ ଦିବା ସ୍ୱପ୍ନ। ରାତି ପାହିଲେ ଯେଉଁଠି ଆନ୍ଧ୍ରର ମାଛ, ମାଂସ, ଚିକେନ, ଫଳ, ପନିପରିବା, ନାସିକର ପିଆଜ, ପଶ୍ଚିମବଙ୍ଗର ଆଳୁ, ଛତିଶଗଡ଼ର କୋବି, ଟମାଟୋ ଉପରେ ମଣିଷକୁ ନିର୍ଭର କରିବାକୁ ପଡୁଛି, ସେଠାରେ ଓଡ଼ିଶା ଦିନେ ସ୍ୱାବଲମ୍ବୀ ହେବ ସେ କଥା ଚିନ୍ତା କରାଯାଇନପାରେ।

ଓଡ଼ିଶାରେ ସଂରକ୍ଷଣ କରିବା ପାଇଁ ଶୀତଳଭଣ୍ଡାର କାହିଁ? ଓଡ଼ିଆ ଲୋକ ଯେମିତି ଏବେ କିଣିଖାଇବାରେ ମଜା ଉଠାଉଛନ୍ତି ସରାକାର ବି ସେମିତି ଏକ ବଜାର ସୃଷ୍ଟି କରିଛନ୍ତି, ଯେଉଁଠି କେବଳ ଦଲାଲ ହିଁ ନିୟନ୍ତ୍ରଣ କରନ୍ତି ବଜାର। ଓଡ଼ିଶାରେ କ'ଣ ନାହିଁ? ରତ୍ନଗର୍ଭା ଓଡ଼ିଶା। ଓଡ଼ିଶା ମାଟିରେ କ'ଣ ଉତ୍ପାଦନ ହୋଇନପାରେ? ସେ କଥା ଚିନ୍ତା ନକରି କେବଳ ସୁନା କିଣିବା ଛାଡ଼ିଦିଅ, ଗାଡ଼ି ଚଢ଼ା ଛାଡ଼ି ଦିଅ, ବିଦେଶ ବୁଲିବା ବନ୍ଦ କର। ଏ ତ ଗରୀବ ଲୋକ ପାଇଁ ନୁହଁ! ଶାଗଭାତର ମଣିଷର ସ୍ୱପ୍ନ ନୁହଁ! ସରକାର ଘୋଷଣା କରୁନାହାନ୍ତି ମଦ କିଣିବା ନାହିଁ, ଗୁଟକା ଖାଇବା ନାହିଁ। ଗୋଟିଏ ଗରୀବ ପରିବାରର ବାସ୍ତବ ଆୟ ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନାହିଁ। ଜନମଙ୍ଗଳ ରାଷ୍ଟ୍ରରେ ସୁନା, ବିଦେଶବୁଲା, ପେଟ୍ରୋଲ ଛାଡ଼ି ଇଭି ଗାଡ଼ିର ବ୍ୟବହାର କେବଳ ଏକ ଗୋଷ୍ଠୀ ପାଇଁ ଉଦ୍ଦିଷ୍ଟ। ସାଧରଣ ଗରୀବ ଲୋକ ଯେଉଁ ତିମିରେକୁ ସେହି ତିମିରେ।

(ଅଧ୍ୟାପକ)
ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ସାରା ରାଜ୍ୟରେ...

ଇନ୍ସପେକ୍ଟର ଏବଂ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲରମାନଙ୍କୁ ସେମାନଙ୍କ ଅଞ୍ଚଳରେ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହୋଲସେଲର ଓ ବିତରକମାନଙ୍କ ସହ ସମନ୍ୱୟ ରକ୍ଷା କରି ବନ୍ଦ ପୂର୍ବରୁ ଖୁଚୁରା ଦୋକାନୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଜୀବନରକ୍ଷାକାରୀ ଔଷଧ ଯୋଗାଇ ଦେବାକୁ କୁହାଯାଇଛି। ବିଶେଷ କରି ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ, ଏବଂ କର୍କଟ ଭଳି ଗୁରୁତର ରୋଗରେ ପୀଡ଼ିତ ରୋଗୀମାନଙ୍କୁ ପୂର୍ବରୁ ଆଗୁଆ ଔଷଧ ସଂଗ୍ରହ କରି ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ଗାଁ ଦାଣ୍ଡରେ...

ଧାରୁଆ ଅସ୍ତ୍ରରେ ଟିକନଙ୍କୁ ନିର୍ମମ ଭାବେ ହାଣି ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗକୁ ଖଣ୍ଡଖଣ୍ଡ କରିଦେଇଥିଲେ। ପରେ ରକ୍ତ ଜୁଡୁବୁଡୁ ମୃତଦେହକୁ ଏକ ଅଖା (ବସ୍ତା)ରେ ଭର୍ତ୍ତି କରି ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଟେକି ନେଇଥିଲେ। ଟିକନଙ୍କ ସ୍ତ୍ରୀ ସମସ୍ତ ଦୃଶ୍ୟ ଆଖି ଆଗରେ ଦେଖିଥିଲେ ମଧ୍ୟ ଭୟରେ ସ୍ତବ୍ଧ ହୋଇ ଘରୁ ବାହାରି ପାରିନଥିଲେ। ଅଭିଯୁକ୍ତମାନେ ହତ୍ୟାକାଣ୍ଡ ଘଟାଇବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଜଙ୍ଗଲର ଏକ ନିଛାଟିଆ ସ୍ଥାନରେ ଟିକନଙ୍କ ମୃତଦେହକୁ ବସ୍ତା ସହିତ ପୋଡ଼ି ଦେଇଥିଲେ। ଶେଷରେ ଅଧାପୋଡ଼ା ଅବସ୍ଥାରେ ଥିବା ମୃତଦେହର ଅବଶିଷ୍ଟାଂଶ, ହାଡ଼ ଓ ପାଉଁଶକୁ ସେହି ଜଙ୍ଗଲ ମଧ୍ୟରେ ମାଟି ତଳେ ପୋତି ଦେଇଥିଲେ। ପୁଲିସକୁ କହିଲେ ପରିବାର ନିପାତ କରିଦେବୁ ବୋଲି ହତ୍ୟାକାରୀମାନେ ଧମକ ଦେଇଥିବାରୁ, ଭୟଭୀତ ଅବସ୍ଥାରେ ଟିକନଙ୍କ ପରିବାର ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ମାଣିଆବନ୍ଧ ଅଞ୍ଚଳରେ ଆତ୍ମଗୋପନ କରି ରହିଥିଲେ।

ହତ୍ୟାକାଣ୍ଡର ୮ ଦିନ ପରେ ଅର୍ଥାତ୍ ଗତ ୧୮ ମେ'ରେ ପରିବାରଲୋକ ସାହସ ଜୁଟାଇ ମାଣିଆବନ୍ଧ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମାଣିଆବନ୍ଧ ଥାନାରେ କେସ ନମ୍ବର ୯୩/୨୬ ମାମଲା ରୁଜୁ ହେବା ସହ ଗ୍ରାମାଞ୍ଚଳ ଏସପିଙ୍କ ସୂଚନା କ୍ରମେ ପୁଲିସ ତତ୍ପରତା ପ୍ରକାଶ କରିଥିଲା।

ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତିଙ୍କ ନେତୃତ୍ୱ ଓ ମାଣିଆବନ୍ଧ ଥାନା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ତାଳମୁଣ୍ଡଳି ଗ୍ରାମର ଅସବର୍ଣ୍ଣ ସାହିରେ ଚଢ଼ଉ କରି ହତ୍ୟାକାଣ୍ଡରେ ସମ୍ପୃକ୍ତ ୨୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପରେ ପୁଲିସ ଅଭିଯୁକ୍ତଙ୍କ ସୂଚନାକ୍ରମେ ଜଙ୍ଗଲର ସେହି ନିର୍ଦ୍ଦିଷ୍ଟ ସ୍ଥାନରୁ ସାଇଣ୍ଟିଫିକ ଟିମ୍ ସହାୟତାରେ ମାଟି ଖୋଳି ମୃତ ଟିକନଙ୍କ ହାଡ଼ ଓ ପାଉଁଶ ଜବତ କରିଛି। ଅଭିଯୁକ୍ତମାନେ ଗୁଣି ସନ୍ଦେହରେ ହିଁ ଏହି ହତ୍ୟାକାଣ୍ଡ ଘଟାଇଥିବା ନେଇ ଏସପିଙ୍କ ନିକଟରେ ସ୍ୱୀକାର କରିଛନ୍ତି।

ଅନ୍ୟପକ୍ଷରେ ଗଣମାଧ୍ୟମ ଆଗରେ କାନ୍ଦିକାନ୍ଦି ମୃତ ଟିକନଙ୍କ ବାପା ଓ ମା' କହିଛନ୍ତି ଯେ "ମୋ ପୁଅ ପାଠଶାଠ ପଢ଼ିନାହିଁ କି ଗୁଣିଗାରେଡ଼ି ଜାଣି ନାହିଁ। ଆଜି ଯେଉଁ ୨୫ଜଣ ଗିରଫ ହୋଇଛନ୍ତି, ସେମାନେ ସମସ୍ତେ ମୋ ପୁଅର ସାଙ୍ଗସାଥୀ ଥିଲେ ଏବଂ ସବୁବେଳେ ଏକାଠି ଚଳନ୍ତି। ହେଲେ କେଉଁ କାରଣରୁ ସେମାନେ ଏଭଳି ଅମାନୁଷିକ ଭାବେ ପୁଅକୁ ଖଣ୍ଡଖଣ୍ଡ କରି ହାଣି ପୋଡ଼ିଦେଲେ ତାହା ଆମେ ଜାଣିନାହୁଁ।" ଆଇନ ପ୍ରତି ସେମାନଙ୍କର ସମ୍ପୂର୍ଣ୍ଣ ଭରସା ଅଛି ଏବଂ ଏହି ମାମଲାରେ ଗିରଫ ସଂଖ୍ୟା ଆଗକୁ ଆହୁରି ବଢ଼ିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ପୁଲିସ ମଧ୍ୟ ଘଟଣାରେ ସମ୍ପୃକ୍ତ ଅନ୍ୟ କିଛି ଫେରାର ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଛି।

## ରାଜ୍ୟରେ ବିଜେପି...

ଆଇନକାନୁନର ବ୍ୟବସ୍ଥା କୁଆଡ଼େ ଯାଉଛି ବୋଲି ପ୍ରଶ୍ନ କରିଛନ୍ତି ନବୀନ। ସେ କହିଛନ୍ତି ଯେ ବିଜେପି ସରକାର ଉତ୍ସବରେ ମାତି ସାଧାରଣ ଜନତାଙ୍କ ସୁରକ୍ଷାକୁ ଆଉ କେତେ ବିପନ୍ନ କରିବ? ଓଡ଼ିଶା କେତେ ଆଉ ଲଜ୍ଜିତ ହେବ? ମିଛ ବାହାସ୍ଫୋଟରେ ସରକାର ଚାଲେନି, ଲୋକଙ୍କୁ ସୁରକ୍ଷା ଦରକାର ବୋଲି ନବୀନ ସଫା ସଫା ଶୁଣାଇ ଦେଇଛନ୍ତି।

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଗୁଣ୍ଡାରାଜ୍ ଶାସନ ପାଇଁ ଓଡ଼ିଶା ସାରା ଦେଶରେ ନିନ୍ଦିତ ହେଉଛି। ବିଜେପି ସରକାର ଅପରାଧୀଙ୍କୁ ସୁରକ୍ଷା ଦେବା ଛାଡ଼ୁ। ତୁରନ୍ତ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

## ଜୁନ୍ ୧ରୁ...

କ୍ଷମତା ରହିଥିବାବେଳେ ତଦନୁଯାୟୀ କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେହିପରି ସ୍ଥାନୀୟ ଅଞ୍ଚଳରେ ଡାଲି ମିଲ୍ ପ୍ରତିଷ୍ଠା ପାଇଁ ୨୫ ଲକ୍ଷ ଟଙ୍କା ଏବଂ ତେଲ ମିଲ୍ ପାଇଁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ସମସ୍ତ ଚାଷୀଙ୍କୁ "ଡିଜିଟାଲ ପରିଚୟ ପତ୍ର' ପ୍ରଦାନ ପାଇଁ ପଞ୍ଜୀକରଣ କରାଯାଉଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଖାଦ୍ୟ ଉତ୍ପାଦନ, ତୈଳ ଉତ୍ପାଦନରେ ଆତ୍ମନିର୍ଭର, ଫସଲ ବିବିଧୀକରଣ ଓ କୃଷି ବିସ୍ତାର ଉପରେ ଓଡ଼ିଶା ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଛନ୍ତି। ସେହିପରି ଅଧିକ ଜୈବିକ ଚାଷ ପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଛନ୍ତି। କୃଷି ସମ୍ମିଳନୀର ନିଷ୍କର୍ଷ ପୂର୍ବ ଭାରତର ସମସ୍ତ ରାଜ୍ୟକୁ କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିହାର କୃଷିମନ୍ତ୍ରୀ ବିଜୟ କୁମାର ସିହ୍ନା, ଛତିଶଗଡ଼ କୃଷିମନ୍ତ୍ରୀ ରାମ ବିଚାର ନେତାମ, କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମ ନାଥ ଠାକୁର ଓ ଭାଗୀରଥ ଚୌଧୁରୀ, ପଶ୍ଚିମବଙ୍ଗର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅଶୋକ କୀର୍ତ୍ତନିଆ, କୃଷକ କଲ୍ୟାଣ ବିଭାଗର ସଚିବ ଅତିଶ ଚନ୍ଦ୍ର ଏବଂ କେନ୍ଦ୍ରୀୟ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ଡ. ମଙ୍ଗିଲାଲ୍ ଜାଟ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଅସମ୍ଭାଳ ତାତି...

ହେଉଥିବା ବେଳେ ଏଥିରେ ତାତିରୁ କିଛିଟା ଆଶ୍ୱସ୍ତି ମିଳୁଥିଲା। ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବା ସହ ଯେତିକି ତାପମାତ୍ରା ରହିଛି ସେଥିରେ ଯେତିକି ଜଳୀୟବାଷ୍ପ ସୃଷ୍ଟି ହେଉଛି ତାହା ବର୍ଷା ପାଇଁ ଅନୁକୂଳ ହେଉନାହିଁ। ବର୍ତ୍ତମାନ ସ୍ଥିତିରେ ରାଜ୍ୟରେ ତାପମାତ୍ରା ଅଧିକ ରହିବା ସହ ବୁଧବାରଠାରୁ ତାପମାତ୍ରା ଆହୁରି ବଢ଼ିବାର ସମ୍ଭାବନା ରହିଛି। ଫଳରେ ଆଗାମୀ ଦିନରେ ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିପାରେ ବୋଲି ଡ. ସାହୁ ପୂର୍ବାନୁମାନ କରିଛନ୍ତି।

ପାଣିପାଗ କେନ୍ଦ୍ର ମଧ୍ୟ ଅନୁରୂପ ସୂଚନା ଦେଇଛି। ବୁଧବାର ଝାରସୁଗୁଡ଼ା, ବୌଦ୍ଧ ଓ ମୟୂରଭଞ୍ଜରେ ଗ୍ରୀଷ୍ମ ଲହରୀ ସ୍ଥିତି ଉତ୍ପନ୍ନ ହେବାକୁ ଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ସହ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହୋଇପାରେ ବୋଲି କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ରାଜ୍ୟରେ ଜାରି ରହିଥିବା ତାତି ଓ ଗୁଳୁଗୁଳି ପରେ ଅପରାହ୍ଣରେ ଉପକୂଳ ଅଞ୍ଚଳରେ କାଳବୈଶାଖୀ ହୋଇପାରେ। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୫୦-୬୦ କିମି ପର୍ଯ୍ୟନ୍ତ ଆଶଙ୍କା କରି ପାଣିପାଗ କେନ୍ଦ୍ର ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି।

## ଧମକ ପରେ...

ବିବୃତି ଦେଇ ଜଣାଇଛନ୍ତି ଯେ କତାରର ଅମିର ଶେଖ ତାମିମ ବିନ ହାମାଦ ଅଲ ଥାନୀ, ସାଉଦି ଆରବର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ମହମ୍ମଦ ବିନ ଜାୟେଦ ଅଲ ନାହୟାନଙ୍କ ମିଳିତ ଅନୁରୋଧ କ୍ରମେ ସେ ଇରାନ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିଛନ୍ତି। ଏହି ନେତାମାନେ ଟ୍ରମ୍ପଙ୍କୁ କୁଆଡ଼େ ବୁଝାଇଛନ୍ତି ଯେ ବର୍ତ୍ତମାନ ସ୍ଥିତି ସୁଧାରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଜାରି ରହିଛି। ଆରବ ଦେଶଗୁଡ଼ିକର ଏହି ନେତାମାନଙ୍କୁ ସମ୍ମାନ ଜଣାଇ ଟ୍ରମ୍ପ କହିଛନ୍ତି ଯେ ଇରାନକୁ କୌଣସି ପରିସ୍ଥିତିରେ ଆଣବିକ ଅସ୍ତ୍ର ନିର୍ମାଣ କରିବାକୁ ଦିଆଯିବ ନାହିଁ। ଆକ୍ରମଣ ସ୍ଥଗିତ ରହିଥିଲେ ମଧ୍ୟ ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଏବଂ ଯୁଦ୍ଧ ବିଭାଗର ମୁଖ୍ୟ ପ୍ରମୁଖଙ୍କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପଟେ, ପାକିସ୍ତାନ ମାଧ୍ୟମରେ ଇରାନ ଏକ ଚଉଦ ସୂତ୍ରୀ ବିଶିଷ୍ଟ ନୂତନ ଶାନ୍ତି ପ୍ରସ୍ତାବ ଆମେରିକା ପାଖକୁ ପଠାଇଛି। ଇରାନର ବୈଦେଶିକ ମନ୍ତ୍ରାଳୟ ଏହି ପ୍ରସ୍ତାବ ପଠାଯାଇଥିବା ସ୍ୱୀକାର କରିଥିଲେ ମଧ୍ୟ ଏହାର ସବିଶେଷ ତଥ୍ୟ ପ୍ରକାଶ କରିନାହିଁ। ତେବେ ଆମେରିକାର କେତେକ ବରିଷ୍ଠ ଅଧିକାରୀଙ୍କ ମତରେ ଏହି ପ୍ରସ୍ତାବ ସନ୍ତୋଷଜନକ ନୁହେଁ। ଉଭୟ ଦେଶ ମଧ୍ୟରେ ଆଣବିକ ସମୃଦ୍ଧୀକରଣ, ଅର୍ଥନୈତିକ କଟକଣା କୋହଳ କରିବା ଏବଂ ସାମୁଦ୍ରିକ ସୀମାରେ ସୁରକ୍ଷାକୁ ନେଇ ମୁଖ୍ୟ ବିବାଦ ରହିଛି। ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ଏବଂ ତେଲ ରପ୍ତାନି ଉପରୁ କଟକଣା ହଟାଇବା ପାଇଁ ଜିଦ୍ ଧରିଛି। ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିଆନ କହିଛନ୍ତି ଯେ ଆଲୋଚନା କରିବାର ଅର୍ଥ ଆତ୍ମସମର୍ପଣ କରିବା ନୁହେଁ। ଇରାନ ନିଜ ଦେଶର ସମ୍ମାନ ଏବଂ ସାର୍ବଭୌମତ୍ୱ ରକ୍ଷା କରି ସମ୍ମାନର ସହ ଆଲୋଚନା ପ୍ରକ୍ରିୟାରେ ଭାଗ ନେବ। ବର୍ତ୍ତମାନ ପାଇଁ ଆରବ ଦେଶଗୁଡ଼ିକର ମଧ୍ୟସ୍ଥତା ଯୋଗୁଁ ଏକ ବଡ଼ ଧରଣର ଯୁଦ୍ଧ ଟଳି ଯାଇଛି। ଟ୍ରମ୍ପ ଏହି କୂଟନୈତିକ ଆଲୋଚନାକୁ ଶେଷ ସୁଯୋଗ ବୋଲି କହିଛନ୍ତି। ଯଦି ଆଗାମୀ ଦିନରେ ଏହି ଶାନ୍ତି ଆଲୋଚନା କୌଣସି ସକାରାତ୍ମକ ନିଷ୍କର୍ଷରେ ନ ପହଞ୍ଚେ, ତେବେ ଏହି ଅଞ୍ଚଳରେ ପୁନର୍ବାର ସାମରିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିବା ଆଶଙ୍କା ପ୍ରକାଶ ପାଇଛି।

## ସତ କହିଲେ...

ଯାବତୀୟ ଅକଥନୀୟ ଅପଶବ୍ଦ ବ୍ୟବହାର କରି ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। କ୍ରମାଗତ ଭାବରେ ଏହି ଧାରା ଚାଲିବାରୁ ଅନୀଲ ନୟାଗଡ଼ ଟାଉନ ଥାନାରେ ଏ ସଂକ୍ରାନ୍ତରେ ଗତ ୩୦ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ଅନୁସନ୍ଧାନ କରିବା ସହ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଓ ସାଇବର ମାଫିଆଙ୍କ ଚେର ଖୋଜିଖୋଜି ବେଙ୍ଗାଲୁରୁରେ ପହଞ୍ଚିଥିଲା। ସେଠାରୁ ଦୁଇ ଅଭିଯୁକ୍ତ ନୟାଗଡ ରାଜବଗିଚା ଅଞ୍ଚଳର ଜିତେନ୍ଦ୍ର ସାହୁ ଏବଂ ଓଡଗାଁର ଶାନ୍ତନୁ ବିଶୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଲୋକଦଳ ଜିଲ୍ଲା ସଭାପତି କୁହାଯାଉଥିବା ଶାନ୍ତନୁ ବିଶୋଇଙ୍କ ଗିରଫଦାରୀ ପରେ ଅକସ୍ମାତ ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ କିଛି ସମର୍ଥକ ଓ ବିଜେପିର କିଛି କର୍ମକର୍ତ୍ତା ପ୍ରତିକ୍ରିୟାଶୀଳ ହୋଇ ଉଠିଥିଲେ। ଶାନ୍ତନୁ ବିଶୋୟୀଙ୍କ ଗିରଫଦାରୀ ପ୍ରତିବାଦରେ ଏମାନଙ୍କ ମଧ୍ୟରୁ କିଛି ଥାନା ଆଗରେ ଧାରଣା ଦେଲେ। ଅନ୍ୟପକ୍ଷରେ ଜଣେ ମହିଳାଙ୍କୁ ଲଗାଇ 'ସକାଳ'ର ଜିଲ୍ଲା ପ୍ରତିନିଧି ଅନୀଲ ପଣ୍ଡାଙ୍କ ନାମରେ ମିଛ ଓ ପରିକଳ୍ପିତ ମାମଲା ରୁଜୁ କରାଗଲା। ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ ଆଧାରରେ ଅନୀଲଙ୍କ ନାମରେ ନୟାଗଡ଼ ଥାନାରେ ଏକ ଅସଦାଚରଣ ମାମଲା ରୁଜୁ ହୋଇଛି।

ଅନ୍ୟପକ୍ଷରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଜେପି ନେତା ଓ କାର୍ଯ୍ୟକର୍ତ୍ତାମାନେ ଅନିଲଙ୍କୁ ଗିରଫ ଦାବିରେ ଥାନା ସାମ୍ନାରେ ଧାରଣା ଦେବା ପରେ ଆଜି ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ସମର୍ଥକମାନେ ନୟାଗଡ଼ରେ 'ସକାଳ' ଖବରକାଗଜ ପୋଡିଛନ୍ତି । ଯାହାକୁ ନେଇ ସାରା ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଅପରାଧୀ ଓ ମାଫିଆଙ୍କ ସମର୍ଥନରେ ସାଂସଦଙ୍କ ସମର୍ଥକମାନେ ପଦାକୁ ବାହାରିବାକୁ ନେଇ ବିଜେପି ନେତା ଓ କର୍ମକର୍ତ୍ତାଙ୍କ ଅଭିମୁଖ୍ୟକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି।

ଦୈନିକ 'ସକାଳ'ର ସମ୍ବାଦପତ୍ର ନେଇଯାଉଥିବା ଗାଡ଼ିକୁ ଅପହରଣ କରିବା ଓ 'ସକାଳ' ଖବରକାଗଜକୁ ପୋଡ଼ିବା ଘଟଣାକୁ ନେଇ ରାଜ୍ୟସଭା ସାଂସଦ ତଥା 'ସକାଳ' ଓ 'ନନ୍ଦିଘୋଷ' ଟିଭିର ଅଧ୍ୟକ୍ଷ ମାନସ ରଞ୍ଜନ ମଙ୍ଗରାଜ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀ ମଙ୍ଗରାଜ ଏକ୍ସ ଯୋଗେ ଏହି ଘଟଣାକୁ ନିନ୍ଦା କରିବା ସହ ସତ୍ୟକୁ ଚୁପ କରାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ନୟାଗଡ଼ରେ ସାଇବର ମାଫିଆମାନଙ୍କ ମୁଖା ଖୋଲାଯିବା କାରଣରୁ ଦୁର୍ବୃତ୍ତମାନେ ସମ୍ବାଦପତ୍ର ଯାନକୁ ଅପହରଣ କରି 'ସକାଳ'ର କପିଗୁଡ଼ିକୁ ଜାଳି ଦେଇଛନ୍ତି। ଏହାସହିତ ସାମ୍ବାଦିକଙ୍କୁ ଧମକାଯାଇଥିବା ସହ ମିଥ୍ୟା ଅଭିଯୋଗ ଲଗାଇ ହଇରାଣ କରାଯାଉଛି। ତେଣୁ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଏହି ଘଟଣା ପଛରେ କୌଣସି ରାଜନୈତିକ ସମ୍ପୃକ୍ତି ଥିଲେ ତାହାର ତଦନ୍ତ କରାଯାଉ ବୋଲି ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି। ଅନ୍ୟପଟେ ସତ୍ୟ ଏବଂ ପ୍ରେସ୍ ସ୍ୱାଧୀନତା ପାଇଁ ନୟାଗଡ଼ ପ୍ରେସ୍ କ୍ଲବ୍ ଦୃଢ଼ ଭାବେ ଆମ ସହିତ ଠିଆ ହୋଇଥିବାରୁ ଶ୍ରୀ ମଙ୍ଗରାଜ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଥାନାରେ ପୁଲିସକୁ...

ଦାଦାଗିରି ଚଲାଇଥିବା ବେଳେ ପୁଲିସ ଏସ୍ଆଇ ଜଣକ ତାଙ୍କ ମୋବାଇଲ୍‌ରେ ଏହାର ଭିଡିଓ ଚିତ୍ର ଉତ୍ତୋଳନ କରୁଥିଲେ। ଯାହାକୁ ଦେଖି ବିଜେପି ନେତା ନସିର ଅହମ୍ମଦ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମୁଥ ମାରିବାକୁ ଉଦ୍ୟମ କରିଥିବା ଦେଖାଯାଇଛି। ଏହି ଭିଡିଓ ଭାଇରାଲ ପରେ ମଙ୍ଗଳବାର ନୟାଗଡ଼ ଜିଲ୍ଲାରେ ଅସନ୍ତୋଷ ଦେଖାଯାଇଛି। ଆଇନ ରକ୍ଷାକାରୀଙ୍କୁ ଆକ୍ରମଣ ଓ ସାମ୍ବାଦିକଙ୍କ ନାମରେ ପ୍ରାୟୋଜିତ ମିଥ୍ୟା ମାମଲା, ଦୈନିକ "ସକାଳ' ଖବର କାଗଜ ପୋଡ଼ି ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ତଥା ଆଇନଜୀବୀ ରଣଜିତ ଦାଶ ଏହାର ଦୃଢ଼ ନିନ୍ଦା କରିବା ସହ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛନ୍ତି।


**AFFIDAVIT**

I RASED JAMAL S/O SK NIZAMUDDIN RESIDNET OF VILL KAJIMOHALLA ,P.O . SORO , PS SORO , DIST. BALASORE ,ODISHA ,PIN. 756045 DECLARE BY THIS AFFIDAVIT NO 3251 DTD 18.05.2026 THAT NOW ONWARDS I SHALL BE KNOWN AS **RASHED JAMAL**, S/O - SK NEZAMUDDIN FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.No. 99, dated 19/05/2026, I **KARUNAKAR DHAL**, S/o Prasanna Kumar Dhal resident of At- Adibasigaon, Salia Sahi, Jaidev Vihar, PO: RRL, P.S: Nayapalli, Bhubaneswar, Dist: Khordha, Odisha, PIN: 751013, declare that I have changed my minor daughter name from **KKHUSI DHAL (Old Name)** to **SMRUTI PRANGYA DHAL (New Name)**. Henceforth, she shall be known as **SMRUTI PRANGYA DHAL** for all purposes.

Sd- **KARUNAKAR DHAL**

**AFFIDAVIT**

By virtue of an affidavit (CF No. 96, date: 14/05/2026) sworn before The Executive Magistrate, Gaisilet. I, **Isarani Purohit,** D/o- Niranjan Purohit, R/o- At/Po: Gaisilet, PS: Gaisilet, Dist: Bargarh, PIN: 768037, State: Odisha declare that I have changed my name from **Srabani Purohit** to **Isarani Purohit.** Henceforth, I shall be known as **Isarani Purohit** for all purposes.

**Isarani Purohit**

**AFFIDAVIT**

By virtue of an affidavit sworn before the Court of the Executive Magistrate Bhubaneswar, I **DR. PRACHISHRI MISHRA,** W/o.: Sri Lokanath Samantray, D/o.: Dr. Prafulla Kumar Mishra resident of At/PO.: LIG-212, Brit Colony, Nayapalli, P.S.: Nayapalli, Bhubaneswar, Dist.: Khordha, Odisha, Pin- 751012, Aadhaar No.: 2222 1532 1406 do hereby declare vide Affidavit dated 18.05.2026 that my name reflected as Prachishri Mishra as per my Aadhaar card, PAN and other relevant documents. That in my HSC certificate as well as my Passport and some other documents my name has been reflected as Pranchishri Misra instead of Prachishri Mishra. That I do hereby declare that Prachishri Mishra and Prachisri Misra is one and same person who is my self. Hence forth I shall be known as **PRACHISHRI MISHRA** for all purposes.

**AFFIDAVIT**

By virtue of an affidavit Sl. No. 2226, dated 27.04.2026 in the court of the Executive Magistrate, Salipur, Cuttack, I, Sayed Mamurul Islam, aged 53 years, S/o- Sayed Moinul Islam, R/o- Shankarpur, Po- Chhanipur, Ps- Salipur, Dist.- Cuttack - 754202, have changed my name as well as my father's name from Syed Mamurul Islam and Moulana Syed Moinul Islam to Sayed Mamurul Islam and Sayed Moinul Islam respectively. Henceforth I shall be known as **Sayed Mamurul Islam, S/o- Sayed Moinul Islam** for all purposes.

**Sd/- Sayed Mamurul Islam.**



**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER,**
**PURI (R&B) DIVISION, PURI**
**WORKS DEPARTMENT**
**Short Tender Call Notice**

34001/220/2627

E-mail: eerbpuri@yahoo.co.in
Bid Identification No. SE (R&B) Puri-07/2026-27

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double cover/ Single Cover system** in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Temporary fabricated shed works.
2. No of Work : 5 Nos
3. Tender Cost : Rs. 10,000/- (On-Line)
4. Class of bidders : B Class
5. Available of Bid document in the Website : From 10.00 AM of Dt.22.05.2026 to Dt.01.06.2026 up to 5.00 PM
6. Last Date of receipt of tender : Dt.01.06.2026 up to 05.00 PM
7. Date of opening of Bid : Dt.02.06.2026 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

**Superintending Engineer,**
**Puri (R&B) Division, Puri**

OIPR-34001/34064/1/26-27/0006



**GOVERNMENT OF ODISHA**
**DEPARTMENT OF WATER RESOURCES**
Office of the Superintending Engineer,
Bhanjanagar Irrigation Division, Bhanjanagar.
Phone No. 06821-291004, e-mail ID:- bnjirrigation2010@gmail.com

32001/248/2627

**e-Procurement Notice No. e-BNID-01/2026-27**

| | | |
|---|---|---|
| 1. | Name of work | Canal Renovation works |
| 2. | Total No of works | 43 (Forty Three) only. |
| 3. | Estimated cost | Rs. 5.02 Lakhs to 18.00 Lakhs |
| 4. | Period of completion | 01 (One) calendar month. |
| 5. | Date & time of availability of Bid Document in the portal | 10.00 hours of 25.05.2026 to 5.00 hours 04.06.2026 |
| 6. | Last date/ Time for receipt of Bids in the Portal | 04.06.2026 upto 5.00 hours |
| 7. | Date and place of opening of Bid | 05.06.2026 at 11.00 Hours in the office of the Superintending Engineer, Bhanjanagar Irrigation Division, Bhanjanagar |
| 8. | Name and address of the O.I.T (Officer Inviting Tender) | Superintending Engineer, Bhanjanagar Irrigation Division, Bhanjanagar |

Further details can be seen from the e-Procurement Portal "https://tendersodisha.gov.in"

**Superintending Engineer**
**Bhanjanagar Irrigation Division**
**Bhanjanagar**

OIPR-32001/32010/1/26-27/0001



GOVERNMENT OF ODISHA
OFFICE OF THE SUPERINTENDING ENGINEER
POTTERU IRRIGATION DIVISION, AT/PO: BALIMELA
DIST: MALKANGIRI(ODISHA)
**e-mail Id: eepid78@gmail.com**

32001/240/2627

**e-Procurement Notice No.- SE-PID-BML-03/2026-27**

1. No. of works : 1 (One)
2. Approx. Estimated cost : Rs. 27.27 Lac
3. Eligibility of the bidders : Registered & licensed security service agencies for deployment of security personnel
4. Period of completion : 274 days
5. Date & time of availability of bid document in the portal : 21/05/2026 (10:00 A.M.) to 30/05/2026 (05:00 P.M.)
6. Last date/time for receipt of bid in the portal : 30/05/2026 (05:00 P.M.)
7. Date of opening of the bids on-line : 01/06/2026 (11:00 A.M.)
8. Name & address of the O.I.T. : Superintending Engineer, Potteru Irrigation Division, At/Po: Balimela, District: Malkangiri

Further details can be seen from the e-procurement portal http://tendersodisha.gov.in

Superintending Engineer
Potteru Irrigation Division
Balimela

OIPR-32001/32052/1/26-27/0003



**OFFICE OF THE COLLECTOR & DISTRICT MAGISTRATE: BOLANGIR**
**(ST & SC DEVELOPMENT SECTION)**
e-mail. dwo.balangir@gmail.com, Phone No. 06652-232745
No. 1364 Date 14.5.26

**SHORT TENDER NOTICE**

26001/18/2627

Bids in sealed cover are invited under Two Bid system from reputed and experienced man-power service providers for engagement 18 nos. of DEO-cum-Office Assistants of Legal Aid Cells engaged on outsourced basis under ST & SC Development M&BCW Deptt. in Balangir District. The details of the bidding process are as follows;

| Sl. No. | Bidding Schedule | Dateline |
|---|---|---|
| 1 | Date of Issue | 14-05-2026 |
| 2 | Last Date and Time of receipt of Bid | 26-05-2026, 1 P.M |
| 3 | Opening of Technical Bid | 28-05-2026, 8 A.M |
| 4 | Opening of Financial Bid | 28-05-2026, 11:30 A.M |

Bidders are required to submit the Technical and Financial bids separately. The bids in sealed cover-I containing "Technical Bid" and the sealed cover-II containing "Financial Bid" should be placed in a third sealed cover super-scribed "Bid for Engagement of the DEO-cum-Office Assistants of Legal Aid Cells Section engaged on outsourced basis under ST & SC Dev. M&BCW Deptt. in Balangir District" and must reach the O/O DWO Balangir on or before date 26-05-2026 by 1.00 PM by Speed Post/Registered Post only. The Bid documents containing eligibility criteria, scope of work, terms and conditions of the tender can be downloaded from the District website https://balangir.odisha.gov.in/en

**Complete Address for submission of Bid:**
**The DWO, Balangir,**
**At/Po/Dist:- Balangir**
**Pin Code: 767001**

**Collector & District Magistrate,**
**Balangir**

OIPR-26001/26061/1/26-27/0001



ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

24001/132/2627

No RDM-LAA-MBJ-0019-2024-**16644** R&DM **Dated: 05.05.2025**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ନଛିପୁରିଆ(ଅତିରିକ୍ତ)**, ଥାନା- ବୈଶିଙ୍ଗା ନଂ. ୧୩୩, ତହସିଲ- ବେତନଟୀ, ଜିଲ୍ଲା- ମୟୁରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁପୁର ଡିଷ୍ଟ୍ରୀବ୍ୟୁଟାରୀ ମାଇନର ଓ ନୁହୁରୁଦା ସବ୍-ମାଇନର ନଂ-୧ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୨୨୭୧୮ ତା. ୧୨.୦୭.୨୦୨୪** ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ନଛିପୁରିଆ(ଅତିରିକ୍ତ)**, ଥାନା- ବୈଶିଙ୍ଗା ନଂ. ୧୩୩, ତହସିଲ- ବେତନଟୀ, ଜିଲ୍ଲା- ମୟୁରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ,ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନଛିପୁରିଆ(ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୦.୩୭ | ଏକର ୦.୦୫ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ — ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୧.୧୧.୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

ଭୂମି ଅନୁସୂଚୀ

ଭୁଅର୍ଜନ ମାମଲା ସଂଖ୍ୟା: ୧୩୯/୨୦୨୩
ଏ.୦.୦୫ଡି

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରଘୁପୁର ଡିଷ୍ଟ୍ରିବ୍ୟୁଟାରୀ ଓ ନୁହୁରୁଦା ସବ୍-ମାଇନର ନଂ-୧ ନିମନ୍ତେ ମୌଜା- ନଛିପୁରିଆ (ଅତିରିକ୍ତ) ଥାନା-ବୈଶିଙ୍ଗା, ନଂ-୧୩୩, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ. ଓ ସତ୍ତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁସ୍ୱାର ରକବା | କିସମ | ରସ୍ୱତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୬୦ | ୧୦୯ | ୦.୩୭ | ୦.୦୫ | ଘରବାରୀ | ଜସ୍ୱଶ୍ମିତା ରଣଜିତ, ସ୍ୱା- ନିହାର ରଞ୍ଜନ ରଣଜିତ, ଜା ଖଣ୍ଡାୟତ, ବା- ପୁନ୍ଦାଳ, ଥାନା- ନିଳଗିରି, ଜି- ବାଲେଶ୍ୱର |
| ମୋଟ | ୧ ପ୍ଲଟକୁ | ଏ.୦.୩୭ ଡେ.ମି | ଏ.୦.୦୫ ଡେ.ମି | | |

Zone Officer-cum-L.A. Collector
S.I.P. Laxmiposi Zone

Spl. Land Acquisition Officer
SIP Baripada

OIPR-24001/24001/3/26-27/0031

### ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବିଦ୍ରୋହ ତେଜିଲା

# ବ୍ଲକ୍‌ରେ ଧାରଣା ଦେଲେ ସଭ୍ୟ, ସରପଞ୍ଚ

ରଘୁନାଥପୁର,୧୯।୫(ସମିସ)



ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ କରାଯିବାକୁ ନେଇ ବିଦ୍ରୋହର ସୂତ୍ରପାତ ଆରମ୍ଭ ହୋଇଛି। ଗତ ରାଜ୍ୟସଭା ନିର୍ବାଚନରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ କ୍ରସ ଭୋଟିଂ କରି ବିଜେଡିରୁ ନିଲମ୍ବିତ ହେବା ପରେ ଏହି ବିଦ୍ରୋହ ତେଜିବାରେ ଲାଗିଛି। ଗତ ମେ' ୧୩ ତାରିଖରେ ଅନୁଷ୍ଠିତ ପଞ୍ଚାୟତସମିତି ବୈଠକରେ ବିଭିନ୍ନ ଯୋଜନାରେ ହେବାକୁ ଥିବା କାର୍ଯ୍ୟ ଗାଇଡ୍‌ଲାଇନ୍ ଅନୁଯାଇ ଉଭୟ ଅଧକ୍ଷା ଓ ବିଡିଓଙ୍କ ସହମତି ଭିତ୍ତିରେ ହେବାକୁ ସ୍ଥିର ହୋଇଥିଲା। ତେବେ ବିଡିଓ ଏହି ପ୍ରସ୍ତାବକୁ ଆଗ୍ରାହ୍ୟ କରିଦେବାରୁ ପରିସ୍ଥିତି ଜଟିଳ ରୂପ ଧାରଣ କରିଥିଲା। ମଙ୍ଗଳବାର ବିଜେଡି ସମର୍ଥିତ ସମିତିସଭ୍ୟ ଓ ସରପଞ୍ଚମାନେ ବିଡିଓଙ୍କ ଅସହଯୋଗ ମନୋଭାବକୁ ବିରୋଧ କରି ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରାଙ୍କ ନେତୃତ୍ୱରେ ସକାଳ ୮ ଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପଞ୍ଚାୟତସମିତି ଗାଇଡ୍‌ଲାଇନ୍ ଆଧାରରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ପରାମର୍ଶ କ୍ରମେ ସରକାରଙ୍କ ବିଭିନ୍ନ ଯୋଜନାରେ ଆସୁଥିବା ଅନୁଦାନକୁ ଖର୍ଚ୍ଚ କରାଯାଉ ବୋଲି ଉପାଧକ୍ଷ ଦେବାଶିଷ ତ୍ରିପାଠୀ ଦାବି କରିଥିଲେ।

### ପଞ୍ଚାୟତ ସମିତି ପ୍ରସ୍ତାବକୁ ବିଡିଓଙ୍କ ଆଗ୍ରାହ୍ୟ

ବିଡିଓ ଧାରଣାସ୍ଥଳରେ ପହଞ୍ଚି ଲିଖିତ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ସାଧାରଣଜନତାଙ୍କ ହିତ ପାଇଁ ଧାରଣା ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ବିନା ମୁଁ ଏଥିରେ କିଛି କରିପାରିବି ନାହିଁ ବୋଲି ବିଡିଓ ବିରଞ୍ଚି ନାରାୟଣ ବେହେରା ପ୍ରକାଶ କରିଥିଲେ। ଏହାଛଡା ପଞ୍ଚାୟତ ଗାଇଡଲାଇନ୍‌କୁ ସେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଦୀର୍ଘଦିନ ଧରି ବିଭିନ୍ନ ସରକାରୀ ଯୋଜନାରେ ଆସୁଥିବା ଅନୁଦାନ ଅର୍ଥ ଖର୍ଚ୍ଚ ହୋଇନପାରେ ପଡ଼ି ରହିଥିବା ବେଳେ ସାଧାରଣଜନତାଙ୍କ ଜନକଲ୍ୟାଣ ମୂଳକ କାର୍ଯ୍ୟ ଦିଗହରା ହୋଇପଡିଛି ବୋଲି ଚର୍ଚ୍ଚା ହେଉଛି। ବିଭିନ୍ନ ଗ୍ରାମର କାର୍ଯ୍ୟ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ କରାଯିବା ପାଇଁ ଧାରଣାରତ ସଭ୍ୟ ଓ ସରପଞ୍ଚମାନେ ଦାବି କରୁଥିବା ବେଳେ ଏପରି ନିୟମ ନାହିଁ ବୋଲି ବିଡିଓ ପ୍ରକାଶ କରିଛନ୍ତି। ତେବେ ପଞ୍ଚାୟତିରାଜ ବିଧିବ୍ୟବସ୍ଥା ଅନୁଯାଇ ସରକାରୀ କର୍ମଚାରୀଙ୍କ ନାମରେ କାର୍ଯ୍ୟାଦେଶ ରହି କାର୍ଯ୍ୟ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ବିଡିଓ ଧାରଣାସ୍ଥଳକୁ ଆସି ବୁଝାସୁଝା କରିଥିଲେ ବି ଧାରଣାକାରୀ ନିଜ ଜିଦିରେ ଅଟଳ ରହିଥିଲେ। ଧାରଣା ଜାରି ରହିଥିବା ବେଳେ ସୁଫଳ ନ ମିଳିବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଉପାଧକ୍ଷ ସୂଚନା ଦେଇଥିଲେ। ଏଥିରେ ସରପଞ୍ଚ ବଟକୃଷ୍ଣ ନାୟକ, କିଶୋର ଚନ୍ଦ୍ର ବେହେରା, ବନମାଳୀ ସାହୁ, ନଳିନୀପ୍ରଭା ମୁଦୁଲି, ମନୋଜିନୀ ସାହୁ, ସୁଷମା ମଲ୍ଲିକ, ସମିତି ସଭ୍ୟ ଶାନ୍ତିଲତା ଦ୍ୱିବେଦୀ, ବିଶ୍ୱଜିତ ଦାଶ, କମଳାକାନ୍ତ ପରିଡା, ସ୍ୱରାଜ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦେବୀ ନଦୀର ସୀମା ନିର୍ଦ୍ଧାରଣ



**ବାଲିକୁଦା,୧୯।୫(ସମିସ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକରେ ପ୍ରବାହିତ ହୋଇଥିବା ଦେବୀ ନଦୀ ଓ ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକକୁ ସଂଯୋଗ ହୋଇଛି। ହେଲେ ଜିଲ୍ଲାର ସୀମା ନିର୍ଦ୍ଧାରଣ ନେଇ ପୂର୍ବରୁ ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତ ଓ ଅସ୍ତରଙ୍ଗ ବ୍ଲକର କୈବର୍ତ୍ତ ପରିବାର ମଧ୍ୟରେ ମାଛ ଧରା ଓ କାଜୁ ଜଙ୍ଗଲକୁ ନେଇ ଅନେକ ଥର ଗଣ୍ଡଗୋଳ ହୋଇଥିଲା। ଯାହାକୁ ନେଇ ଉଭୟ ଜିଲ୍ଲାର ଜିଲ୍ଲାପାଳ ନଦୀର ସୀମା ନିର୍ଦ୍ଧାରଣ ପାଇଁ ଏକ କମିଟି ଗଠନ କରିବା ସହ ଏହାର ଦାୟିତ୍ୱ ୨ ତହସିଲର ତହସିଲଦାରଙ୍କୁ ଦେଇଥିଲେ। ଫଳରେ ଆର୍‌ଆଇ, ଅମିନ ମାନଙ୍କୁ ନେଇ ନକ୍ସା ଅନୁଯାୟୀ ସୀମା ନିର୍ଦ୍ଧାରଣ ପକ୍ରିୟା ଆରମ୍ଭ ହୋଇଥିଲା। ଆଜି ଜଳପଥରେ ବାଲିକୁଦା ତହସିଲଦାର ବିକାଶ ରଞ୍ଜନଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ, ସୁପରଭାଇଜର ପ୍ରତାପ ଚନ୍ଦ୍ର ମଲ୍ଲିକ, ଆରଆଇ ଅରୁଣ ଦଳାଇ, ଅମିନ ପ୍ରିୟବ୍ରତ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀ ଓ ବାଲିକୁଦା ପୁଲିସ ଉପସ୍ଥିତ ରହି କାଜୁ ଜଙ୍ଗଲ ଓ ନୌକା ଜରିଆରେ ନଦୀର ସୀମା ମାପ କରିଥିଲେ। ଏହି ପ୍ରକ୍ରିୟା ଆସନ୍ତାକାଲି ଶେଷ ହୋଇଯିବ ବୋଲି ତହସିଲଦାର ବିକାଶ ରଞ୍ଜନ କହିଛନ୍ତି। ଅପରପକ୍ଷ ଅସ୍ତରଙ୍ଗ ତହସିଲଦାର ଓ କର୍ମଚାରୀ ଆଜି ଅନୁପସ୍ଥିତ ଥିବାରୁ ସେମାନେ ମାପଚୁପ କରିବା ସମୟରେ ଆମକୁ ଉପସ୍ଥିତ ରହିବା ପାଇଁ ପଡ଼ିବ ବୋଲି କହିଥିଲେ। ଏହି ସୀମା ବିବାଦ ସମାଧାନ ହେବା ଏକ ପ୍ରକାର ଆଶା ସଂଚାର ହୋଇଥିବା ବେଳେ ଆଗକୁ କିଭଳି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ନହେବ ସେଥିପାଇଁ ଉଦ୍ୟମ କରାଯିବ ବୋଲି କହିଥିଲେ।

# ୮୦୦ ଲି. ଚୋରା ଡିଜେଲ ଜବତ; ୨ ଗିରଫ



**ନାଉଗାଁ,୧୯।୫(ସମିସ):** ନାଉଗାଁ ଥାନା ଅଞ୍ଚଳରୁ ୮୦୦ ଲିଟରରୁ ଊର୍ଦ୍ଧ୍ୱ ଚୋରା ଡିଜେଲ ଜବତ ସହ ଦୁଇ ଜଣ ତେଲ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଏ ନେଇ ମଙ୍ଗଳବାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ ନାଉଗାଁ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଅଧିକ ସୂଚନା ପ୍ରଦାନ କରାଯାଇଛି। ରାଜ୍ୟରେ ପେଟ୍ରୋଲ ଜାତ ଦ୍ରବ୍ୟକୁ ନେଇ ସଙ୍କଟ ଦେଖା ଯାଉଥିବା ବେଳେ ଏହାରି ମଧ୍ୟରେ କଳା ବ୍ୟବସାୟୀମାନେ ସକ୍ରିୟ ହେବାରେ ଲାଗିଛନ୍ତି। ଗତକାଲି ନାଉଗାଁ ପୁଲିସ ଓ ନାଉଗାଁ ଯୋଗାଣ ଅଧିକାରୀ ପ୍ରଦୀପ୍ତ ପ୍ରସନ୍ନ ନାୟକ ଏବଂ ଏସ୍‌ଡିପିଓ ରଶ୍ମିରଞ୍ଜନ ଦାସ ମିଳିତ ଚଢ଼ଉ କରି ନାଉଗାଁ ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ସରିଆବରପାଟଣା ଓ ଗଜରାଜପୁର ପଞ୍ଚାୟତ ଭାତପଡ଼ା ଗ୍ରାମରୁ ପାଖାପଖି ୮୦୦ ଲିଟରରୁ ଊର୍ଦ୍ଧ୍ୱ ଚୋରା ଡିଜେଲ ଜବତ କରିଛନ୍ତି। ଏହି କାରବାରରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ପଦ୍ମନାଭ ଆଚାର୍ଯ୍ୟ ଓ ରବୀନ୍ଦ୍ର ନାଥ ସାହୁଙ୍କୁ ପୁଲିସ ଗିରଫ କରିଥିବା ନେଇ ସୂଚନା ଦେଇଛନ୍ତି। ଅନ୍ୟପଟେ ନାଉଗାଁ ଯୋଗାଣ ଅଧିକାରୀ ପ୍ରଦୀପ୍ତ ପ୍ରସନ୍ନ ନାୟକଙ୍କ ଅଭିଯୋଗ କ୍ରମେ ନାଉଗାଁ ପୁଲିସ ଏହି ଘଟଣାରେ ଦୁଇଟି ମାମଲା ରୁଜୁ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ ପ୍ରକାଶ କରିଛନ୍ତି।

# ଉଠା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନର ସୂଚନା



**କୁଜଙ୍ଗ,୧୯।୫(ସମିସ):** କୁଜଙ୍ଗ ତହସିଲ ପ୍ରଶାସନ ପକ୍ଷରୁ ଆଜି ଉଠା ଦୋକାନୀ ମାନଙ୍କୁ ନିଜ ନିଜ ସ୍ଥାନରୁ ଉଠିଯିବା ପାଇଁ ଡାକବାଜୀ ଯନ୍ତ୍ର ଯୋଗେ ସୂଚନା ପ୍ରଦାନ କରାଯାଇଛି। ଫଳରେ ଉଠା ଦୋକାନୀ ମହଲରେ ହତାଶା ଭାବ ଖେଳିଯାଇଛି। ତେବେ ରାଜ୍ୟ ରାଜପଥ ଭବିଷ୍ୟତରେ ସମ୍ପ୍ରସାରଣ ହେବା ତଥା ଉଭୟ ପାର୍ଶ୍ୱରୁ ରାସ୍ତା ସଙ୍କୁଚିତ ହୋଇ ପଡୁଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଉଚ୍ଛେଦ କରାଯାଉଥିବା ତହସିଲଦାର ସ୍ୱରୂପ ନନ୍ଦନ ବେହେରା ପ୍ରକାଶ କରିଛନ୍ତି। ତେବେ ଆସନ୍ତା ୨୦ ତାରିଖ ମଧ୍ୟରେ ସମସ୍ତ ଉଠା ଦୋକାନୀ ମାନଙ୍କୁ ସ୍ଥାନ ପରିତ୍ୟାଗ କରିବାକୁ କୁହାଯାଇଥିବାରୁ ଉଠା ବ୍ୟବସାୟୀ ମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ପ୍ରକାଶ ପାଇଛି। ପ୍ରକାଶ ଯେ, କଟକ-ପାରାଦୀପ ୧୨ ନମ୍ବର ରାଜ୍ୟ ରାଜପଥର କୁଜଙ୍ଗ ବଜାର ଉଭୟ ପାର୍ଶ୍ୱର୍ରେ ଏବେ ଶତାଧିକ ଉଠା ଦୋକାନୀ ବ୍ୟବସାୟ ଚଳାଇ ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି। କୁଜଙ୍ଗ ସତ୍‌ସଙ୍ଗ ବିହାରଠାରୁ ପୋଷ୍ଟ ଅଫିସ ପର୍ଯ୍ୟନ୍ତ ଦୂରତା ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱର୍ରେ ଏବେ ଏହିପରି ବ୍ୟବସାୟୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରାସ୍ତା ସଙ୍କୁଚିତ ହୋଇପଡିଛି। ଏଥିଯୋଗୁ ପ୍ରତ୍ୟେକ ସନ୍ଧ୍ୟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ରାସ୍ତା ସଂକୋଚିତ ହେବାଜ ସହିତ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସେହିପରି ଏହି ବ୍ୟବସାୟୀଙ୍କ ଯୋଗୁ ତାଳଦଣ୍ଡା କେନାଲର ପରିବେଶ ନଷ୍ଟ ହୋଇଯାଇଛି। ଫଳରେ ଏହାକୁ ଉଚ୍ଛେଦ କରିବା ଆବଶ୍ୟକ ହୋଇ ପଡିଥିବା ତହସିଲଦାର ପ୍ରକାଶ କରିଛନ୍ତି। ସମସ୍ତ ବ୍ୟବସାୟୀ ଆସନ୍ତା ୨୦ ତାରିଖ ମଧ୍ୟରେ ନିଜ ନିଜ ପ୍ରତିଷ୍ଠାନ ଉଠାଇ ନ ନେଲେ ତହସିଲ ପ୍ରଶାସନ ଏହାକୁ ଉଚ୍ଛେଦ କରିବ ବୋଲି ଆଜି ସନ୍ଧ୍ୟା ସମୟରେ ଡାକବାଜି ଯନ୍ତ୍ର ଜରିଆରେ ସୂଚନା ଦେଇଛନ୍ତି। ସେହିପରି ଯେଉଁ ବ୍ୟବସାୟୀ ମାନେ ବେଆଇନ ଭାବେ ନିଜର ଦୋକାନ ଘରକୁ ସମ୍ପ୍ରସାରଣ କରିଛନ୍ତି ତାହାକୁ ମଧ୍ୟ ମାପ କରାଯାଇ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

# ଆର୍ଟ ଅଫ୍ ଗିଭିଂର ବାର୍ଷିକ ଉତ୍ସବ

**କୁଜଙ୍ଗ,୧୯।୫(ସମିସ):** ଆର୍ଟ ଅଫ ଗିଭିଂ ଅର୍ଥାତ ଦେବାର କଳା ଏକଜ ଜୀବନ ଦର୍ଶନ। ଏହା ମାନବିକତାର ପରିପ୍ରକାଶ କରିବା ସହିତ ଅନ୍ୟର ମୁହଁରେ ହସ ଫୁଟେଇ ଥାଏ। କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ମାନସ ମନ୍ଥନକୁ ନେଇ ଏପରି ଏକ ପରିକଳ୍ପନା ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେଉଛି। କୁଜଙ୍ଗର ମଙ୍ଗରାଜପୁର ସ୍ଥିତ ଶ୍ରୀସତ୍ୟସାଇ ମେଡିକାଲ ଠାରେ ଆଜି ଏପରି ଏକ କାର୍ଯ୍ୟକ୍ରମର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ସତ୍ୟସାଇ ସେବା ସଂଗଠନ ସଭାପତି ଦାମୋଦର ସ୍ୱାଇଁ, କବି ପୀତାମ୍ବର ତରାଇ, ଅଧ୍ୟାପକ ଚିତ୍ତରଞ୍ଜନ ଜେନା, ଶିକ୍ଷାବିତ ମାୟାଧର ଦାସ, ବାବାଜୀ ଚରଣ ପୃଷ୍ଟି, ମନୋରଞ୍ଜନ ମାଝୀ ଓ ଚିଦାନନ୍ଦ ପରିଡା ଯୋଗ ଦେଇଥିଲେ। ଡ. ଗଗନେନ୍ଦୁ ଦାସ ଅଧ୍ୟକ୍ଷତା ଓ ପ୍ରଦୀପ୍ତ ପଲାଇ ସଂଯୋଜନା କରିଥିଲେ। କିସ୍ ଓ କିଟ୍ ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡାକୁ ଗୁରୁତ୍ୱ ଦେଇ ଖେଳାଳି ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ସଭାରେ ଦାନ ଓ ସହଯୋଗ ଆଲୋଚନା ସମେତ ଅଞ୍ଚଳର ୮ଟି ଭଲିବଲ ଟିମ୍‌କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

### ଜଗତସିଂହପୁର ସାହିତ୍ୟ ପରିଷଦ ପୁରସ୍କାର ଘୋଷଣା

# 'ବାଣୀପୀଠ' ପୁରସ୍କାର ପାଇବେ ଡ. ଫନୀ ମହାନ୍ତି



**ଜଗତସିଂହପୁର,୧୯।୫(ସମିସ):** ଜଗତସିଂହପୁର ସାହିତ୍ୟ ପରିଷଦର ସପ୍ତଦଶ ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ପରିଷଦର ମୁଖ୍ୟ ଉପଦେଷ୍ଟା ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୫ ମସିହା ପାଇଁ କୃତି ସାହିତ୍ୟିକଙ୍କ ନିମନ୍ତେ ପୁରସ୍କାର ତଥା

### ଅଳକା ପୁରସ୍କାରରେ ସମ୍ମାନିତ ହେବେ ଦେବବ୍ରତ, ନୃସିଂହ, ଚନ୍ଦ୍ରଶେଖର

ସମ୍ମାନ ଘୋଷଣା କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଗଠିତ ଚୟନ କମିଟିର ନିଷ୍ପତି ଅନୁଯାୟୀ ପରିଷଦର ମର୍ଯ୍ୟାଦାଜନକ 'ବାଣୀପୀଠ' ପୁରସ୍କାର ବିଶିଷ୍ଟ କବି ଡ. ଫନୀ ମହାନ୍ତିଙ୍କୁ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ପୁରସ୍କାର ସ୍ୱରୂପ ଡ. ମହାନ୍ତିଙ୍କୁ ପ୍ରଶସ୍ତି ଫଳକ, ସ୍ମାରକ ଫଳକ ତଥା ଉତ୍ତରୀୟ ସହିତ ୧୦ ହଜାର ଟଙ୍କା ଅର୍ଥ ରାଶି ଉପାୟନ ରୂପେ ପ୍ରଦାନ କରାଯିବ। ସେହିପରି ଉକ୍ତ ବର୍ଷ ପାଇଁ ଗଳ୍ପ ସଙ୍କଳନ 'ମୋକ୍ଷପଥ' ନିମନ୍ତେ ଗାଳ୍ପିକ ଦେବବ୍ରତ ମଦନରାୟ, କବିତା ସଙ୍କଳନ 'ନଈ ପାଣିରେ ଆକାଶର ମୁହଁ' ନିମନ୍ତେ କବି ନୃସିଂହ ତରାଇ ଓ ପ୍ରବନ୍ଧ ସଙ୍କଳନ 'ସାଂସ୍କୃତିକ ଆହ୍ୱାନ' ନିମନ୍ତେ ଡ. ଚନ୍ଦ୍ରଶେଖର ହୋତାଙ୍କୁ ସମ୍ମାନଜନକ 'ଅଳକା ପୁରସ୍କାର' ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ଅର୍ଥ ରାଶି ସହିତ ପ୍ରଶସ୍ତି ଫଳକ, ସ୍ମାରକ ଫଳକ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ। ଅନୁରୂପ ଭାବେ କବିତା ସଙ୍କଳନ 'ମୁଁ ଦେବୀ ହେବାକୁ ଚାହେଁନା' ନିମନ୍ତେ କବୟିତ୍ରୀ ଗୀତାଞ୍ଜଳି ମହାରଣାଙ୍କୁ 'ଶଙ୍ଖଲାଭ ପଣ୍ଡା ଯୁବ ପୁରସ୍କାର', କବୟିତ୍ରୀ ବସନ୍ତ ମିଶ୍ରଙ୍କୁ 'ବିଷ୍ଣୁପ୍ରିୟା ଦେବୀ ସ୍ମୃତି ସମ୍ମାନ', ଗାଳ୍ପିକ ଶଶୀକାନ୍ତ ରାଉତଙ୍କୁ 'ଉମାକାନ୍ତ ପ୍ରଧାନ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯିବ। ସେହିପରି ଓଡ଼ିଆ ଭାଷା ସାହିତ୍ୟରେ ବିଶେଷ ଅବଦାନ ନିମିତ୍ତ ବରିଷ୍ଠ ସାହିତ୍ୟିକ ଡ. ମନୀନ୍ଦ୍ର କୁମାର ମହାନ୍ତି, (ଶିଶୁ ସାହିତ୍ୟ ଗବେଷକ), ତରୁଣ କୁମାର ସାହୁ (ଗାଳ୍ପିକ), ରତ୍ନପ୍ରଭା ବାଇ (ଗୀତିକବି), ଦେବେନ୍ଦ୍ର ନାଥ କର (କବି) ଓ ନୀଳକଣ୍ଠ ମିଶ୍ର (କବି)ଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ବାର୍ଷିକ ଉତ୍ସବରେ ସମସ୍ତ ପ୍ରତିଭାଧରଙ୍କୁ ସମ୍ମାନିତ କରାଯିବ ବୋଲି ପରିଷଦ ସଭାପତି ଇଂ. ବିଷ୍ଣୁ ସାହୁ ଓ ସମ୍ପାଦକ ଉମାକାନ୍ତ ନାୟକ ଜଣାଇଛନ୍ତି।

# ମାଟି ମାଫିଆଙ୍କୁ ଗିରଫ ଦାବିରେ ବିଜେଡିର ବିକ୍ଷୋଭ



**କୁଜଙ୍ଗ,୧୯।୫(ସମିସ):** କୁଜଙ୍ଗ ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ଆଜି ମାଟି ଚୋରି ଘଟଣାରେ ସମ୍ପୃକ୍ତ ରହିଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ ଦାବିରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଜି ଅପରାହ୍ନରେ କୁଜଙ୍ଗ ବ୍ଲକ ବିଜୁ ଜନତା ଦଳର ସଭାପତି ମନିନ୍ଦ୍ର ଗୁରୁଙ୍କ ନେତୃତ୍ୱରେ ଶତାଧିକ ବିଜୁ ଜନତା ଦଳର କର୍ମୀ ମାନେ ଜୟଗୁରୁ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି କୁଜଙ୍ଗ ବଜାର ପରିକ୍ରମା କରିବା ସହିତ ପୁରୁଣା ଥାନା ଛକ କଟକ-ପାରାଦୀପ ରାଜ୍ୟ ରାଜପଥକୁ ଆସିଥିଲେ। ବିଜେଡିର ଏହି ଶୋଭାଯାତ୍ରା ଓ ବିକ୍ଷୋଭରେ ବ୍ଲକ୍ ବିଜେଡି ସଭାପତି ମନୀନ୍ଦ୍ର ଗୁରୁ ନେତୃତ୍ୱ ନେଇଥିବା ବେଳେ ପୋତାନଇ ସରପଞ୍ଚ ବ୍ରଜ ମହାରାଜ, ସଂଜୀବ ପଟ୍ଟନାୟକ, ପ୍ରଫୁଲ୍ଲ ପରିଡା, ପ୍ରଭାତ ବିଶ୍ୱାଳ, ଅକ୍ଷୟ କୁମାର ସାହୁ, ଯୁବ ବିଜେଡି ସଙ୍ଗଠକ ବିକ୍ରମ କେଶରୀ ରାଉତରାୟ, ସୁବ୍ରତ ପରିଜା, ଶିଶିର ନାୟକ, ବିବେକାନନ୍ଦ ଦାସ, ପୂର୍ବତନ ପୌରପରିଷଦ ପାରିଷଦ ସୁଶୀଲ ମହାପାତ୍ର, ପାରିଷଦ ମନୋଜ ନାୟକ, ଅର୍ଜୁନ ବେହେରା, ବିଜେଡି ଜିଲ୍ଲା ସମ୍ପାଦକ ମାନସ ପରିଡା, ପୂର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା, ଶରତ ମହାନ୍ତି, ଅଞ୍ଜନ ଆଚାର୍ଯ୍ୟ, ସୁରେନ୍ଦ୍ର ତରାଇ, ସଂଜୟ ବେହେରା, ପ୍ରଶାନ୍ତ ସ୍ୱାଇଁ, ପ୍ରଭାସ ଗୋଚ୍ଛାୟତ, ରଞ୍ଜନ ସ୍ୱାଇଁ, ଜିଲ୍ଲାପରିଷଦ ସଦସ୍ୟ ପ୍ରମୋଦ ସ୍ୱାଇଁ, ହରେକୃଷ୍ଣ ସେଠୀ, ପ୍ରମୋଦ ରାଉତ, ବିବେକାନନ୍ଦ ସାହୁ, ରାମଦାସ ମାହାନ୍ତି, ପାରାଦୀପ ଗଡ଼ ସମିତି ସଭ୍ୟା ଅରବିନ୍ଦା ତରାଇ, ନୃସିଂହ ଚରଣ ଜେନା, ବିଜୟ ଖଟେଇ, ପରେଶ ନାଥ, ଆଇନଜୀବୀ ରଞ୍ଜିତ ବିଶ୍ୱାଳ, ବିଚିତ୍ର ସାମଲ, ସୁବାସିନୀ ମଲ୍ଲ, ପ୍ରସନ୍ନ ସାହୁ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। କୁଜଙ୍ଗ ଅଞ୍ଚଳର ଫତେପୁର ପଞ୍ଚାୟତରୁ ହୋଇଥିବା କୋଟି କୋଟି ଟଙ୍କାର ମାଟି ଚୋରି ଘଟଣାରେ କୁଜଙ୍ଗ ଅତିରିକ୍ତ ତହସିଲଦାର ବ୍ୟୋମକେଶ ପ୍ରଧାନ ଅଭିଯୋଗ ୧୮ ଜଣଙ୍କ ନାଁରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ସିଦ୍ଧାର୍ଥ ପ୍ରଧାନ, ଶ୍ରୀନିବାସ ସ୍ୱାଇଁ, ଦିଲ୍ଲିପ ବେହେରା, ତପନ ତ୍ରିପାଠୀ, କୁମାର ମହାପାତ୍ର, ଜୁମର ମହାପାତ୍ର, ସରୋଜ ପ୍ରଧାନ ପ୍ରମୁଖଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିଥିଲେ।

# କୁଜଙ୍ଗରେ ଲୋକନାଥ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**କୁଜଙ୍ଗ,୧୯।୫(ସମିସ):** ମହାନ ଜନନାୟକ ଲୋକନାଥ ଚୌଧୁରୀଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି କୁଜଙ୍ଗ ଲୋକନାଥ ଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ପରେ କୁଜଙ୍ଗ ବ୍ଲକ ପଡିଆଠାରେ ଏକ ବିଶାଳ ସଭା ଆୟୋଜନ ହୋଇଥିଲା। ସ୍ମୃତି କମିଟି ସଭାପତି ଶିକ୍ଷାବିତ ବସନ୍ତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଶଶୀଭୂଷଣ ବେହେରା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ରାମକୃଷ୍ଣ ପଣ୍ଡା, ଉତ୍କଳ ମହିଳା ସମିତି ରାଜ୍ୟ ସମ୍ପାଦକ ଜିନ୍ମୟୀ ସାହାଣୀ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ସମାଜସେବୀ ବାଳକୃଷ୍ଣ ଜେନା, ରମଣୀ ରଞ୍ଜନ ରାଉତ, ସଞ୍ଜୁବାଳା ଜେନା, ବିଷ୍ଣୁ ଚରଣ ମୁଦୁଲି, ସିପିଆଇ ଜିଲ୍ଲା ସମ୍ପାଦକ ଅଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶତ ସଂଗ୍ରାମର ନାୟକ ଲୋକନେତା ଲୋକନାଥଙ୍କ ସମଗ୍ର ଜୀବନ ଆଦର୍ଶ ଆଲୋଚନା ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସିପିଆଇ ନେତା ସୁବାସ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ସୁଢଳ ସ୍ୱାଇଁ, ସଞ୍ଜୟ ବେହେରା, ନନ୍ଦିନୀ ପଣ୍ଡା, ପ୍ରିୟମ୍ବଦା ପାଣି, ପ୍ରଫୁଲ୍ଲ ଦାସ, କୃଷକ ସଭା ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ରବୀନ୍ଦ୍ର ମାଝୀ, ଶରତ ଚନ୍ଦ୍ର ବେହେରା, ସଲିଳ ସାମନ୍ତରାୟ, କୈଳାସ ସାହୁ, ଧିରେନ୍ଦ୍ର ସାମଲ, ପ୍ରଶାନ୍ତ କୁମାର ଚୌଧୁରୀ, ସୁଧାଂଶୁ ମହାପାତ୍ର, ନବୀନ ପ୍ରଧାନ, କୈଳାଶ ବେହେରା ପ୍ରମୁଖ ଯୋଗ ଦେଇ ଏହି ଜନନାୟକଙ୍କ ବହୁ ଆମର ଗାଥା କହିଥିଲେ। ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କ ସ୍ମରଣରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇ ଥିଲା।

# ରକ୍ତ ପରୀକ୍ଷା ଶିବିର

**ବାଲିକୁଦା,୧୯।୫(ସମିସ):** ଲୋଟସ କ୍ଲବ ଓଲାଶ ଓ ଡକ୍ଟର ଲାଲ ପାଥ ଲ୍ୟାବସ ପକ୍ଷରୁ ଅପଣ୍ଡରା ପଞ୍ଚାୟତ ଓଲାଶ ଗ୍ରାମର ସ୍କୁଲ ପ୍ରାଙ୍ଗଣରେ ଏକ ମାଗଣା ରକ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪୫ ଜଣ ଲୋକ ସେମାନଙ୍କ ରକ୍ତ ନମୁନା ପରୀକ୍ଷା କରାଇଥିଲେ। ଏଥିରେ ମଧୁମେହ, ସର୍କରା ସମେତ ଅନ୍ୟାନ ପରୀକ୍ଷଣ କରାଯାଇଥିଲା। ଜ୍ଞାନରଞ୍ଜନ ରାଉତ, ସୁବ୍ରତ ପଢ଼ିହାରୀ ରକ୍ତ ପରୀକ୍ଷା କରିଥିଲେ। ଲୋଟସ କ୍ଲବ ପକ୍ଷରୁ କ୍ଲବ ସମ୍ପାଦକ ସୌମ୍ୟକାନ୍ତ ପରିଡା, ସହ ସମ୍ପାଦକ ରଞ୍ଜନ ଦାସ, ଚନ୍ଦ୍ରକାନ୍ତ ମହାନ୍ତି, ବିଭୁତି ନାୟକ, ଅମୀୟ ରଞ୍ଜନ ନାୟକ, ଅଙ୍କିତ ବରାଳ, ମନୋଜ ବରାଳ, ଶ୍ରୀନିବାସ ନାୟକ, ପ୍ରଭଞ୍ଜନ ମହାନ୍ତି, ଆକାଶ ଦାସ, ତପୁ ମହାନ୍ତି, ବିଶ୍ୱଜିତ ବିଶ୍ୱାଳଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।

# ଶିକୁଳିରେ ବନ୍ଧା କୃଷ୍ଣଙ୍କୁ ମିଳିଲା ସ୍ୱାସ୍ଥ୍ୟସେବା

ପାରାଦୀପ,୧୯।୫(ସମିସ)



ଶିକୁଳିରେ ବନ୍ଧା ହୋଇ ଅଭିଶପ୍ତ ଜୀବନ ଜୀଇଁଥିବା ନାବାଳକ କୃଷ୍ଣର ଚିକିତ୍ସା ଆରମ୍ଭ ହୋଇଛି। ପ୍ରଶାସନ ହସ୍ତକ୍ଷେପ ପରେ ତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ପାରାଦୀପ ଉପକଣ୍ଠ ବାମଦେଇପୁର ପଞ୍ଚାୟତର ବାରହାକଣା ଗ୍ରାମର ସୁରେଶ ପାଣି ଓ ଲକ୍ଷ୍ମୀପ୍ରିୟା ପାଣି ଉଭୟ ଦିନମଜୁରିଆ ଭାବେ କାମ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି।

ପରିବାରରେ ଦୁଇଟି ଝିଅ ଓ ଜଣେ ଭିନ୍ନକ୍ଷମ ପୁଅ କୃଷ୍ଣଚନ୍ଦ୍ର ପାଣି (୧୧)କୁ ନେଇ ତାଙ୍କ ସଂସାର। ଯେତେବେଳେ ରୋଜଗାର ଅନ୍ୱେଷଣେ ଉଭୟ ବାହାରି ଯାନ୍ତି ଭିନ୍ନକ୍ଷମ ପୁଅଟିକୁ ଶିକୁଳିରେ ବାନ୍ଧି ପକାଇଯାଇଥାନ୍ତି। ପରେ ଫେରିଲେ ତାର ଖାଇବା ପିଇବା କଥା ବୁଝିଥାନ୍ତି। ରାସନକାର୍ଡରେ ଚାଉଳ ମାତ୍ର ଦୁଇଜଣଙ୍କର ହିଁ ମିଳେ। ବାସଗୃହ ନାହିଁ, ପାଇଖାନା ନାହିଁ ଏମିତି ଅନେକ ସୁବିଧାରୁ ବଞ୍ଚିତ କୃଷ୍ଣର ପରିବାର। ଏ ବିଷୟରେ ଖବର ପାଇବା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ 'ସମୟ ଆସିଛି ପରିବର୍ତ୍ତନ'ର ସଭାପତି ରଶ୍ମିତା ନାୟକ, ସଭ୍ୟ ବିପିନି ମାଝୀ, ସଂଗ୍ରାମ ନାୟକ, ଗଣେଶ ରାଉତ, ଲକ୍ଷ୍ମୀ ପ୍ରିୟା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉକ୍ତ ପରିବାର ନିକଟରେ ପହଞ୍ଚି କିଛି ଫଳ, ପନିପରିବା, ଶୁଖିଲା ଖାଦ୍ୟ ଓ କିଛି ଆର୍ଥିକ ସାହାଯ୍ୟ କରିବା ସହ ତାଙ୍କୁ କିପରି ସମସ୍ତ ସୁବିଧା ମିଳିବ ତାହା ବିଷୟରେ ଚେଷ୍ଟା କରିବେ ବୋଲି କହିଥିଲେ। ପରେ ଶ୍ରୀମତୀ ନାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ପ୍ରଶାସନର ନିଦ୍ଦେଶ କ୍ରମେ ପରିବାରଟିରେ ପାଞ୍ଚ ଜଣଙ୍କୁ ରାସନ କାର୍ଡ ପ୍ରଦାନ, ପାଇଖାନା, ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଇବା ସହ ସରକାରଙ୍କ ତରଫରୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ କ୍ରମେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଓ ସଂଗଠନ ମାଧ୍ୟମରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇ କୃଷ୍ଣର ଚିକିତ୍ସା ଆରମ୍ଭ ହୋଇଛି।

ପ୍ରଥମେ ଡିଆଇସିରେ ଦେଖା ଯିବା ସହ ତାଙ୍କୁ ପ୍ରାଥମିକ ଭାବେ କିଛି ଔଷଧ ଓ ଗୋଡ଼ ପାଇଁ ଜୋତା ଦିଆ ଦିଆହୋଇଛି। ଅଧିକ ଚିକିତ୍ସା ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ ହୋଇ କଟକ ଏସସିବିରେ ଇସିଜି ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଅଛି। ଆଗକୁ ଅଧିକ ଚିକିତ୍ସା ପାଇଁ ଅନ୍ୟ ମେଡିକାଲକୁ ମଧ୍ୟ ପଠାଯିବ ବୋଲି ବିଭାଗ ତରଫରୁ କୁହାଯାଇଛି।

## ଭାରତୀୟ ଯୋଗ ସଂସ୍ଥାନ ଦ୍ୱାରା ଯୋଗ ଶିବିର



ଢେଙ୍କାନାଳ,୧୯।୫(ସମିସ): ଭାରତୀୟ ଯୋଗ ସଂସ୍ଥାନ ତରଫରୁ ଯୋଗ ଶିବିର ବଳରାମ ମନ୍ଦିର ସମ୍ମୁଖରେ ଶତାଧିକ ସାଧକ ସାଧିକା ଓ ଜନସାଧାରଣଙ୍କୁ ଯୋଗ ନିରାକରଣ ଶିବିରରେ ଯୋଗାଭ୍ୟାସ କରାଇଥିଲେ। ଉକ୍ତ ଶିବିରରେ ମୁଖ୍ୟ ଅତିଥି ବସନ୍ତ କୁମାର ପଟ୍ଟନାୟକ ଯୋଗଦେଇ ଯୋଗ ଦ୍ୱାରା ଅନେକ ରୋଗ ଠିକ ହୋଇ ପାରୁଛି ବୋଲି କହିଥିଲେ। ରୋଗ ପାଇଁ ମୁଖ୍ୟ ଯୋଗ ହିଁ ସବୁଠୁ ବଡ ଅସ୍ତ୍ର ବୋଲି କହିଛନ୍ତି। ମୁଖ୍ୟ ବକ୍ତା ସୁରେଶ କୁମାର ମହାପାତ୍ର ପ୍ରାଣାୟାମ ଓ ଆପାନ ବାୟୁ ମୁଦ୍ରା ଦ୍ୱାରା ଲାଭ କ'ଣ ହେବ ଲୋକମାନଙ୍କୁ ବୁଝାଇଛନ୍ତି। ସମ୍ମାନିତ ଅତିଥି ରାମାୟା ରିଜ୍ଞୀ ଓ ରଘୁନାଥ ରିଜ୍ଞୀ ଆସନ ଓ ତା'ର ଉପକାର ବିଷୟରେ ମାର୍ଗ ଦର୍ଶନ କରାଇଛନ୍ତି। ଶରୀରକୁ ବେଶି ଯୋଗ ଦ୍ୱାରା ରୋଗ ଠିକ କରିଥାଏ ବୋଲି କହିଛନ୍ତି। ଜିଲ୍ଲା ଉପ ପ୍ରଧାନ ରଘୁନାଥ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ରୋଗ ନିରାକରଣ ଶିବିରରେ ସୂକ୍ଷ୍ମ କ୍ରିୟା ଓ ଆସନ କରାଇଥିଲେ। ଇନ୍ଦିରା ଦେବତା ପରିଚାଳନା କରିଥିବାବେଳେ ଓଙ୍କାର ଧ୍ୱନି, ଗାୟତ୍ରୀ ମନ୍ତ୍ର ସହ ଡା. ଧର୍ମାନନ୍ଦ ପୃଷ୍ଟି ହାସ୍ୟାସନ କରିଥିଲେ। ଶରତ ଲେଙ୍କା ଶାନ୍ତିପାଠ ସହ ଧନ୍ୟବାଦ ଦେଇଥିଲେ।

## ଅନ୍ନପୁର ପାଲା ମହୋତ୍ସବ ଉଦ୍‌ଯାପିତ



ଗଁଦିଆ,୧୯।୫ (ସମିସ) : ଅତ୍ୟନ୍ତ ଭାବ ବିହ୍ୱଳ ଭକ୍ତିମୟ ପରିବେଶ ରେ ଶ୍ରୀହର୍ଷ ଙ୍କ "ନୈଷଧ" କାବ୍ୟକୁ ଅନେକ ଛାନ୍ଦ, ଅଳଙ୍କାର, ସାହିତ୍ୟ ଆଲୋଚନା ମାଧ୍ୟମରେ ଛାନ୍ଦ ପ୍ରବୀଣା ଗାୟିକା ଶ୍ରୀମତୀ ସୁଭଦ୍ରା ବେହେରା ଓଡ଼ିଆ ଅସ୍ମିତା ଓଡ଼ିଆ ସଂସ୍କୃତି ଓଡ଼ିଆ ଶବ୍ଦକୋଷ କୁ ନେଇ ବିଭିନ୍ନ ସ୍ୱର ଢଙ୍ଗରେ ପାଲା ପରିବେଷଣ କରି ସହସ୍ରାଧିକ ଜନ ସାଧାରଣ ଙ୍କ ଆସ୍ଥା ଭାଜନ ହୋଇପାରିଥିଲେ। ଗାୟିକା ପାଲା ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟୀର ଓ ଆକର୍ଷଣୀୟ ହୋଇଥିଲା ବୋଲି ସମସ୍ତ ଶ୍ରୋତା ତଥା ଦର୍ଶକ ଅନୁଭବ କରିଥିଲେ। ଅନଘେଶ୍ୱର ପାଲା କମିଟି ର ସଭାପତି ବିଶ୍ୱ ମୋହନ ଦାସ ଉପସଭାପତି ପ୍ରଭାସ କୁମାର ଭୂୟାଁ, ବିଭୁତି ଭୁଷଣ ସାହୁ, ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ସହ ସମ୍ପାଦକ ପ୍ରତାପ କୁମାର ସାହୁ କୋଷାଧ୍ୟକ୍ଷ ଅଜୟ କୁମାର ଧୀର ସଭ୍ୟ ଜୟକୃଷ୍ଣ ସାହୁ, ମଙ୍ଗରାଜ ମହାନ୍ତି, ଲଳିତ ମୋହନ ଦାସ ମନୋଜ ସାହୁ, ବିଜୟ କୁମାର ଧୀର, ଅମର ସାହୁ, ତପନ କୁମାର ବେହେରା, ହେମନ୍ତ ସାହୁ, ସର୍ବ?ଶ୍ୱର ସାହୁ, ଗୋପାଳ ଚନ୍ଦ୍ର ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରକୃତି ବନ୍ଧୁ ହରିହର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ ଯାପନ ସଭା୍ରେ ମୁଖ୍ୟ ଅତିଥି ଭାବେ ଖ୍ୟାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ଭାଇ ତଥା ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପାତ୍ର ଓ ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ପ୍ରାକ୍ତନ ଅଧ୍ୟକ୍ଷ ଡଃ ସମୀର କୁମାର ସାହୁ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମରେ ଭୂୟସୀ ପ୍ରଶଂସା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ବୀର ମୂଷା ମଲ୍ଲିକଙ୍କ ଶ୍ରାଦ୍ଧ ବାର୍ଷିକୀ



ଢେଙ୍କାନାଳ,୧୯।୫ (ସମିସ): ସ୍ଥାନୀୟ ଦେଉଳ ସାହି ସ୍ଥିତ କବି କୁଟୀର ପରିସରରେ ରାଜକିଶୋର ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବୀର ମୂଷା ମଲ୍ଲିକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ, ସୁବକ୍ତା,ସୁସାହିତ୍ୟିକ,ବିଶିଷ୍ଟ ଐତିହାସିକ ଗବେଷକ ତଥା ପ୍ରାବନ୍ଧିକ ତପନ କୁମାର ଶତପଥି ସ୍ୱୀୟ ବକ୍ତବ୍ୟରେ ଦୂର ଅତୀତରେ ସ୍ୱାଧୀନତା ସଂଗ୍ରାମୀ ବୀର ମୂଷା ମଲ୍ଲିକଙ୍କ ଅବଦାନ କିପରି ପ୍ରଜାମଣ୍ଡଳ ଆନ୍ଦୋଳନ,ସ୍ୱାଧୀନତା ଆନ୍ଦୋଳନକୁ ସୁଦୃଢ଼ କରିପାରିଥିଲ। ତାହାର ଏକ ସବିଶେଷ, ସାରଗର୍ଭକ, ତଥ୍ୟାବଳୀ ପରିପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଶ୍ରୀ ଶତପଥୀ ତାଙ୍କର ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମୀ ବୀର ମୂଷା ମଲ୍ଲିକଙ୍କର ଜୀବନୀ ଓ କାର୍ଯ୍ୟାବଳୀ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଆଜିର ଦିବସର ତାତ୍ପର୍ଯ୍ୟ ଉପସ୍ଥାପନ କରିଥିଲେ। ସଂସଦର ସଭାପତି ଶଙ୍କର୍ଷଣ ଶତପଥୀଙ୍କ ପୌରୋହିତ୍ୟରେ କବିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ଓ ସ୍ୱାଧୀନତା ସଂଗ୍ରାମୀ ବୀର ମୂଷା ମଲ୍ଲିକଙ୍କ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଶେଷରେ କବିଭୂଷଣ ରାଜକିଶୋର ପଟ୍ଟନାୟକ ସ୍ମୃତି ସଂସଦର ଉପ ସଭାପତି ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ।

■ ଚାଲାଣବେଳେ ୩୦ ଟ୍ରିପ୍ ବାଲି ଜବତ

# ପୁଲିସ ଉପରକୁ ଟେକାପଥର ମାଡ଼,୨ ଗିରଫ

ଢେଙ୍କାନାଳ,୧୯।୫(ସମିସ)



ଢେଙ୍କାନାଳ ଜିଲ୍ଲା ବେଆଇନ ଖଣିଖାଦାନ ସହିତ ଚୋରା ବାଲି, ଖଣିଜ ଦ୍ରବ୍ୟ, କଳାମୁଗୁନିପଥର, ମାଙ୍କଡ଼ା ପଥର ଚାଲାଣକୁ ନେଇ ଏକ ସ୍ୱତନ୍ତ୍ର ଡ୍ରାଇଭ ଚାଲୁ ରହିଛି। ଆଜି ଭୁବନ ଥାନା ମୃଦଙ୍ଗା ଗ୍ରାମରେ ବେଆଇନ ଚାଲାଣ ସମୟରେ ପୁଲିସ ତରଫରୁ ଚଢ଼ଉ କରାଯିବା ସମୟରେ ବାଲି ମାଫିଆମାନେ ପୁଲିସ ଉପରକୁ ଟେକା ପଥରମାଡ଼ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି। ଢେଙ୍କାନାଳ ପୁଲିସ ଓ ଭୁବନ ପୁଲିସ ପକ୍ଷରୁ ମିଳିତ ଭାବେ ମଙ୍ଗଳବାର ଭୋର ସମୟରେ ମୃଦଙ୍ଗା ଗ୍ରାମରେ ଚଢ଼ଉ କରାଯାଇ ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି। ଏହି ଟ୍ରାକ୍ଟର ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ବାର୍ତଣ୍ଡା ଗ୍ରାମର ଟ୍ରାକ୍ଟର ମାଲିକ ଦେବାଶିଷ ସାହୁ ଏବଂ ଡ୍ରାଇଭର ଭରତ ଚନ୍ଦ୍ର ଦାଶ ବୋଲି ଜଣାପଡ଼ିଛି।ଟ୍ରାକ୍ଟର ଜବତ ସମୟରେ ଉଭୟ ପୁଲିସକୁ ଉପରକୁ ପଥର ମାଡ଼ କରିବା ସହିତ ମରଣାନ୍ତକ ଆକ୍ରମଣ କରି ଟ୍ରାକ୍ଟର ଦୁଇଟିକୁ ନେଇ ଯିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ କାମାକ୍ଷାନଗର ଏସଡିପିଓ ଏବଂ ପୁଲିସ ତରଫରୁ ସେମାନଙ୍କ ଘର ଖାନ ତଲାସ କରିବା ସହିତ ତାଙ୍କ ନିକଟରୁ ୩୦ ଟ୍ରିପ୍ ବାଲି ଜବତ କରିଥିବା ଜଣାପଡ଼ିଛି। ଏହା ସହିତ ଗୋଟିଏ ସ୍କୁଟି ଜବତ କରାଯିବା ସହିତ ଅନ୍ୟ ଏକ ମାମଲା ଖଣି ଅଧିକାରୀଙ୍କ ଲିଖିତ ଅଭିଯୋଗ ଅନୁସାରେ ସୁକିନ୍ଦା ଥାନା ଦେବାଶିଷ ସାହୁଙ୍କ ନାମରେ କରାଯାଇଛି। ଭୁବନ ଥାନାରେ ୨୫୦/୨୬ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଢେଙ୍କାନାଳ ଜିଲ୍ଲାରେ ବ୍ରାହ୍ମଣୀ ନଦୀରୁ ବେଆଇନ ବାଲିଚାଲାଣ ସବୁବେଳେ ଚାଲୁରହୁଥିବା ବେଳେବାଲି ମାଫିଆମାନେ ନିୟମକୁ ଉଲ୍ଲଘଂନ କରି ଏଭଳି କରୁଥିବାର ଅଭିଯୋଗ ହେଉଛି।

## କଂସରା ସରପଞ୍ଚଙ୍କ ବିୟୋଗରେ ପୂର୍ବତନ ସାଂସଦଙ୍କ ଶୋକ

ହିନ୍ଦୋଳ / ଖଜୁରିଆକଟା,୧୯।୫(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ କଂସରା ସରପଞ୍ଚଙ୍କ ଅକାଳ ବିୟୋଗ ହୋଇଯାଇଛି। କଂସରା ସରପଞ୍ଚ ମନମୋହନ ସାହୁଙ୍କ ପତ୍ନୀ ରଞ୍ଜୁ ସାହୁ (୫୫) କିଡନୀ ଲିଭର ଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱର କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ କିଛିଦିନ ତଳେ ଘରକୁ ଫେରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତନ ନଆସିବାରୁ ଆଜି ତାଙ୍କର ଦେହାନ୍ତ ହୋଇଯାଇଛି। ପରିବାର ଜ୍ଞାତିସ୍ୱଜନ,ଶତାଧିକ ପଞ୍ଚାୟତବାସୀଙ୍କ ଉପସ୍ଥିତରେ ଗ୍ରାମ୍ୟ ସ୍ମଶାନରେ ତାଙ୍କର ଶେଷକୃତ ସମ୍ପର୍ଣ୍ଣ ହୋଇଥିଲା। ଖବରପାଇ ପୂର୍ବତନ ସାଂସଦ ମହେଶ ସାହୁ ରଞ୍ଜୁଙ୍କ କଂସରା ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବାସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ। ସ୍ୱର୍ଗତ ରଞ୍ଜୁଙ୍କ ବିୟୋଗରେ ଅପୂରଣୀୟ କ୍ଷତି ହୋଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ମାମି ଭୋଇ, କନ୍ତାମିଲା ସରପଞ୍ଚ ସୁନନ୍ଦା ଅମାନ୍ତ, ନୂଆବଗ ମାନସ ଦେହୁରୀ, ଦୁଦୁକୁଟ ମନୋଜ ବେହେରା, ବାଉଁଶପୋଖରୀ ରଞ୍ଜିତ ଅମାନ୍ତ ପ୍ରମୁଖ ସରପଞ୍ଚ ଶେଷଦର୍ଶନ କରିଥିଲେ। ସ୍ୱର୍ଗତ ରଞ୍ଜୁ ଜଣେ ପରୋପକାରୀ କର୍ତବ୍ୟ ନିଷ୍ଠ ସରପଞ୍ଚ ଥିବାବେଳେ ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



## ଢେଙ୍କାନାଳ ଜିଲ୍ଲା ଚେସ୍ ଚାମ୍ପିଅନ୍‌ସିପ୍ ଆରମ୍ଭ — ସାମିଲ୍ ହେଲେ ୪୫ ପ୍ରତିଯୋଗୀ

ଢେଙ୍କାନାଳ,୧୯।୫(ସମିସ) : ଢେଙ୍କାନାଳ ଜିଲ୍ଲା ଚେସ୍ ସଂଘ ଏବଂ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ରୋଟାରୀ କ୍ଲବ୍ ପରିସରରେ ଜିଲ୍ଲା ଓପନ୍ ଚେସ୍ ଚମ୍ପିଆନ୍‌ସିପ୍ ଆରମ୍ଭ ହୋଇଯାଇଛି। ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାରେ ୯ ଜଣ ଆନ୍ତର୍ଜାତିକ ମାନ୍ୟତା ପ୍ରାପ୍ତ ଖେଳାଳିଙ୍କ ସହ ମୋଟ୍ ୪୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦଜିତ୍ ଟପ୍‌ସିଡର ମାନ୍ୟତା ଲାଭ କରିଛନ୍ତି। ଜିଲ୍ଲା ଚେସ୍ ସଂଘର ଉପସଭାପତି ଡକ୍ଟର ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଚାମ୍ବର ଅଫ୍ କମର୍ଶର ସଭାପତି ରାଜେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ରୋଟାରୀ କ୍ଲବ୍ ଢେଙ୍କାନାଳର ସଭାପତି ସାଗରିକା ମିଶ୍ର, ସଂପାଦକ ତପନ କୁମାର ପାଲ୍, ଏଓସିଏର କାର୍ଯ୍ୟକାରୀ ସଦସ୍ୟ ଅବିନାଶ ଆଚାର୍ଯ୍ୟ ଯୋଗଦେଇଥିଲେ। ଜିଲ୍ଲା ଚେସ୍ ସଂଘର ସଂପାଦକ ତଥା ଅଲ୍ ଓଡିଶା ଚେସ୍ ସଂଘର ସଂପାଦକ ଇଂ ଦେବବ୍ରତ ଭଟ୍ଟ ସଂଘର କାର୍ଯ୍ୟପନ୍ଥା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସଂଘର ସଦସ୍ୟ ଇଂ ରାଜେନ୍ଦ୍ର ନାରାୟଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ୩ ରାଉଣ୍ଡ ଖେଳରୁ ପ୍ରଭୁଦତ ପଣ୍ଡା, ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ୍, ଅଲମାସ୍ ଖାନ୍, ଅମୃତାଂଶୁ ଭଟ୍ଟ ଏବଂ ବିଶ୍ୱରଞ୍ଜନ ବେହେରା ପୁରା ୩ ପଏଣ୍ଟ ସଂଗ୍ରହ କରି ମିଳିତ ଭାବେ ପ୍ରଥମ ସ୍ଥାନରେ ଅଛନ୍ତି। ଅଂଶୁମାନ ଭଟ୍ଟ ୨.୫ ପଏଣ୍ଟ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ଅଛନ୍ତି ଏବଂ ସାନ୍‌ଭି ମିଶ୍ର, ଜାନ୍‌ଭି ମିଶ୍ର, ସାନ ସାତ୍‌ଭିକ୍ ବେହେରା, ଆକାଶ କୁମାର ବେହେରା, ଆରୟନ୍ ରାଉତ, ଶୁଭଶ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ, ସିପୁନ୍ ପ୍ରଧାନ, ଦୁଃଖିଆ ମୁର୍ମୁ, ସୂଜୟଦିତ୍ୟ ସାହୁ, ଈଶାନ୍ ଆରୟନ୍ ଦାସ, ରେୟାଂଶ ସାମଲ, ନମନ ସୋଗାନି, ରୋମାନ କୁମାର ସାହୁ, ରେୟାଂଶ ମହାନ୍ତି, ଆୟୁଷ କୁମାର ବେହେରା, ଆର୍ଯ୍ୟମାନ ସାହୁ ଏବଂ ତାନ୍‌ଭି ମିଶ୍ର ୨ ପଏଣ୍ଟ ସହ ମିଳିତ ଭାବେ ତୃତୀୟ ସ୍ଥାନରେ ଅଛନ୍ତି। ଆସନ୍ତା କାଲି ଅବଶିଷ୍ଟ ୪ ରାଉଣ୍ଡ ଖେଳ ଅନୁଷ୍ଠିତ ହେବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସଂପାଦକ ଇଂ ଦେବବ୍ରତ ଭଟ୍ଟ ସୂଚନା ପ୍ରଦାନ କରିଛନ୍ତି। ଉକ୍ତ ପ୍ରତିଯୋଗିତାକୁ ଚିଫ୍ ଆର୍ବିଟର ଭାବେ ଆନ୍ତର୍ଜାତିକ ଆର୍ବିଟର ତାପସ କୁମାର ମହାନ୍ତି ଏବଂ ଅବିନାଶ ଆଚାର୍ଯ୍ୟ ପରିଚାଳନା କରୁଛନ୍ତି।




## ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରରେ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ

ଢେଙ୍କାନାଳ,୧୯।୫(ସମିସ): ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ସଂଗ୍ରହାଳୟଗୁଡ଼ିକ ଏକ ବିଭକ୍ତ ବିଶ୍ୱକୁ ଏକତ୍ର କରନ୍ତି' ବିଷୟବସ୍ତୁ ଆଧାରିତ ବିଭିନ୍ନ ଶିକ୍ଷା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଦୁର୍ଲଭ ସଂଗ୍ରହର ପ୍ରଦର୍ଶନୀ, 'ବିଶ୍ୱର ପ୍ରସିଦ୍ଧ ସଂଗ୍ରହାଳୟ' ଉପରେ କୁଇଜ୍ ପ୍ରତିଯୋଗିତା, ଅନ୍ଧବିଶ୍ୱାସ ବିରୋଧୀ ବିଶେଷ ବିଜ୍ଞାନ ପ୍ରଦର୍ଶନ, 'ମେକ୍ ଆଣ୍ଡ ଟେକ୍ ସାଇନ୍ସ କିଟ୍' କାର୍ଯ୍ୟଶାଳା, ଭ୍ରମଣଶୀଳ ବିଜ୍ଞାନ ପ୍ରଦର୍ଶନୀ ବସ୍ ପ୍ରଦର୍ଶନୀ ଏବଂ ଆକାଶ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜ୍ଞାନ ପ୍ରେମୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ସାଧାରଣ ଦର୍ଶକମାନଙ୍କର ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ଅବସରରେ ଜିଲ୍ଲା ବିଜ୍ଞାନ ଅଧିକାରୀ ଏମ୍ଏମ୍ ରାଉତ ମତ ପ୍ରକାଶ କରିଥିଲେଯେ "ସଂଗ୍ରହାଳୟଗୁଡ଼ିକ ସମାଜକୁ ଏକତ୍ର କରିବା ସହ ଜ୍ଞାନ, ଐତିହ୍ୟ ଓ ସଂସ୍କୃତିର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ ଏବଂ ଆଜି ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ୨୦୨୬ ଅବସରରେ, ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଜି ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ ଓ କପିଳାସ ବିଜ୍ଞାନ ଉଦ୍ୟାନ, କପିଳାସରେ ନିଶୁଳ୍କ ପ୍ରବେଶ ବ୍ୟବସ୍ଥା କରାଯାଇଛି।



## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ତରଫରୁ କୃଷକ ପ୍ରଶିକ୍ଷଣ ଶିବିର

ଢେଙ୍କାନାଳ,୧୯।୫ (ସମିସ) : ଓଡାପଡା ବ୍ଲକ୍ ଅନ୍ତର୍ଗତ ଗଦାଶିଳା ଗ୍ରାମ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଏକ କୃଷକ ପ୍ରଶିକ୍ଷଣ ଶିବିର କଟକ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ତରଫରୁ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଓଡ଼ାପଡ଼ା ବ୍ଲକ୍‌ର ପ୍ରାୟ ୭୨ଜଣ ଚାଷି ଭାଇଭଉଣୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ଥିଲା କିପରି କମ୍ ପରିମାଣରେ ରାସାୟନିକ ସାର ବ୍ୟବହାର କରି ଏବଂ ଅଧିକ ପରିମାଣରେ ଖତ, ଜିଆ, କମ୍ପୋଷ୍ଟ ତଥା ଜୀବାଣୁ ସାର ସହାୟତାରେ ଚାଷିଭାଇମାନେ ଅଧିକ ସଶ୍ୟ ଉତ୍ପାଦନ କରିପାରିବେ ଏବଂ ନିରୋଗ ଓ ସୁସ୍ଥ ରହିପାରିବେ। ଏହି ପ୍ରଶିକ୍ଷଣ ଶିବିରରେ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ପ୍ରଧାନ ବୈଜ୍ଞାନିକ ଡଃ ସୁଶାନ୍ତ କୁମାର ଦାଶ ସଭାପତିତ୍ୱ କରିଥିଲେ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧ କରିପାରୁଥିବା ନୂତନ କିସମ ଗୁଡିକ ବିଷୟରେ ଆଲୋଚନ କରିଥିଲେ। ଏତଦ୍‌ବ୍ୟତୀତ ଡଃ ସୁଶାନ୍ତ କୁମାର ନାୟକ, ପ୍ରଧାନ ବୈଜ୍ଞାନିକ କମ୍ ରାସାୟନିକ ସାର ବ୍ୟବହାର ଏବଂ ଅନ୍ୟାନ୍ୟ ଜ୍ଞାନକୌଶଳର ଉପଯୋଗ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏଥିରେ ସେ ଏନଆରଆରଆଇ ଏଣ୍ଡେ ଏନଏବଂ ଏଣ୍ଡୋ ଏନ୍‌ପିକେ ଜୀବାଣୁ ସାରର ବ୍ୟବହାର ଉପଯୋଗୀ କୌଶଳ ବିଷୟରେ ଶିକ୍ଷା ପ୍ରଦାନ କଲେ। ଏହାର ବ୍ୟବହାର ସମାନ ପରିମାଣ କିମ୍ବା ଅଧିକା ପରିମାଣର ଧାନ ଅମଳ ହୋଇପାରିବ ବୋଲି ମତ ଦେଇଥିଲେ। ସେହିଭଳି ଅନ୍ୟାନ୍ୟ ଜ୍ଞାନକୌଶଳ ଯଥା ଧଣିଚା ଏବଂ ଜିଆଖତ କିପରି ଭାବରେ ରାସାୟନିକ ସାରର ବ୍ୟବହାର କମ୍ କରିପାରିବ ତାକୁ ବୁଝାଇ କହିଲେ। ଏହା ସହିତ ଡଃ ସୁଧାମୟ ମଣ୍ଡଳ, ପ୍ରଧାନ ବୈଜ୍ଞାନିକ ରୋଗ ପୋକ ନିୟନ୍ତ୍ରଣ ସହିତ ଟ୍ରାଇକୋଡରମା ଏବଂ ଅନ୍ୟାନ୍ୟ ପୋଷକ ତତ୍ୱ ଯଥା ଆଜୋଲା ତଥା ନୀଳ ହରିତ ଶୈବାଳ ବିଷୟରେ ଆଲୋଚନା କଲେ ଯେଉଁଥିରେ ରାସାୟନିକ ସାର କମ୍ ବ୍ୟବହାର କରି ସମାନ ଅମଳ ହୋଇପାରିବ। ଏହି ଶିବିରରେ ଗଦାଶିଳା ପଞ୍ଚାୟତର ସରପଞ୍ଚ ପ୍ରତାପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଚାଷୀମାନଙ୍କର ସମସ୍ୟାର ସମାଧାନ ବିଷୟରେ ଆଲୋଚନା କଲେ। ଏଥି ସହିତ ଓଡାପଡା ବ୍ଲକ୍‌ର ବ୍ଲକ୍ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ମହାରଣା, ସରକାରୀ ଯୋଜନା ଗୁଡିକ ବିଷୟରେ ଆଲୋଚନା କରିଥିଲେ। ଏହି ଅଞ୍ଚଳର ଅଗ୍ରଣୀ ଚାଷୀ ପ୍ରହଲ୍ଲାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ଟିକିନା ସାହୁ ମଞ୍ଚ ପରିଚାଳନା କରିଥିଲେ।




## ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ



ଢେଙ୍କାନାଳ,୧୯।୫ (ସମିସ) : ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ସଦର ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରି ମୋର ସ୍ପଷ୍ଟ ଲକ୍ଷ୍ୟ ହେଉଛି ମୋ ନିର୍ବାଚନୀ ମଣ୍ଡଳୀର ସାମଗ୍ରିକ ବିକାଶ ଓ ଏଥିପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ଗୁଡିକର ସମୀକ୍ଷା କରାଯାଇଥିଲା।ଖରାଦିନେ ଯେପରି ଅଘୋଷିତ ବିଦ୍ୟୁତ କାଟ ହେବ ନାହିଁ ଓ କମ ଭୋଲ୍‌ଟେଜ ଅସୁବିଧା ନହେବ ସେ ଦିଗରେ ଯତ୍ନବାନ ହେବ ପାଇଁ ସେ ବିଦ୍ୟୁତ ବିଭାଗର ଅଧିକାରୀଙ୍କୁ କହିଥିଲେ। ସେହିଭଳି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ପଞ୍ଚାୟତିରାଜ ବିଭାଗ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି ଓ କୃଷକ କଲ୍ୟାଣ ବିଭାଗ, ଯୋଗାଣ ବିଭାଗ ଆଦିର ସମୀକ୍ଷା କରିଥିଲେ। ବୈଠକରେ ଗନ୍ଦିଆ ବ୍ଲକ ଅଧ୍ୟକ୍ଷା ରୀନା ରାଣୀ ଖଟୁଆ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ମଧୁସୂଦନ ବେହେରା, ସଦର ଉପଜିଲ୍ଲାପାଳ ପଦ୍ମ ଚରଣ ସାହୁ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ସମ୍ପୃକ୍ତ ବିଭାଗୀୟ କର୍ମଚାରୀଗଣ ଉପସ୍ଥିତ ଥିଲେ।

# ୭୭ ମେଧାବୀ, ୨୧ କ୍ରୀଡ଼ାବିତ ସମ୍ବର୍ଦ୍ଧିତ

ଢେଙ୍କାନାଳ,୧୯।୫(ସମିସ)



ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗ ଦେଇ ପରିଶ୍ରମର ଫଳ ନିଶ୍ଚିତ ମିଳିଥାଏ। ଏଣୁ ପିଲାମାନେ ଅଧିକ ପରିଶ୍ରମ କରିବା ସହିତ ଭଲ ମଣିଷ ହେବା ସମାଜର ସେବା କରିବା ସମସ୍ତଙ୍କର ପ୍ରଥମ ଲକ୍ଷ୍ୟ ହେବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଆକାଂକ୍ଷା ଶିକ୍ଷାଦାନ କାର୍ଯ୍ୟକ୍ରମ ଯୋଗୁଁ ଏ୧ ମେଧାବୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରାୟ ଦ୍ୱିଗୁଣିତ ହୋଇପାରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯାଇ ଆଗାମୀ ବର୍ଷରେ ଅଧିକରୁ ଅଧିକ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରାଯିବ ବୋଲି ସେ କହିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ଦେଇ ଚଳିତ ବର୍ଷ ଆକାଂକ୍ଷା କାର୍ଯ୍ୟକ୍ରମରେ ୧୯ଟି କେନ୍ଦ୍ର ମାଧ୍ୟମରେ ବିଶେଷ ଶିକ୍ଷାଦାନ ଯୋଗୁଁ ୨୦୨୫ ମସିହାରେ ୩୯ ଜଣ ଏ୧ ଗ୍ରେଡ୍ ପାଇଥିବା ବେଳେ ୨୦୨୬ ରେ ୭୭ ଜଣ ଏ୧ ଗ୍ରେଡ ପାଇଛନ୍ତି ବୋଲି ସୂଚନା ଦେଇଛନ୍ତି। ଏହି ସମାରୋହରେ, ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲାର ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ୭୭ ଜଣ ମେଧାବୀ ଛାତ୍ରଛାତ୍ରୀ ଓ ଜାତୀୟ ସ୍ତରରେ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୨୧ ଜଣ କ୍ରୀଡ଼ାବିତଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଉତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ମନୋରଞ୍ଜନ ଦଳେଇ, ବ୍ରହ୍ମୋତ୍ରୀ ବିଶ୍ୱାଳ, ସୌମ୍ୟାଶ୍ରୀ ପଣ୍ଡା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ସରାଙ୍ଗର ଅଧ୍ୟକ୍ଷା ଡକ୍ଟର ପ୍ରତିମା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ବିଜ୍ଞାନ ସୁପରଭାଇଜ ଲକ୍ଷ୍ମୀଧର ମହନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ପ୍ରଥମ ପ୍ରସ୍ତୁତି ବୈଠକ



ଢେଙ୍କାନାଳ,୧୯।୫ (ସମିସ) : ସ୍ଥାନୀୟ ବାଜିରୌକସ୍ଥିତ ସୀତାରାମ ମଠ ପ୍ରାଙ୍ଗଣରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟିର ଭଜନ ସମାରୋହ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ କମିଟିର ବରିଷ୍ଠ ଉପଦେଷ୍ଟା ସଂଗ୍ରାମ କେଶରୀ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହର ପ୍ରତିଷ୍ଠାତା ତଥା ବିଶିଷ୍ଟ ବଂଶୀବାଦକ ସ୍ୱର୍ଗତ ଗଗନ ବିହାରୀ ନନ୍ଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦଣ୍ଡାୟମାନ ହୋଇ ୨ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। କମିଟିର ସଭାପତି ରୁଦ୍ରାନ୍ତ କୁମାର ଦଳେଇ ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ କରିବା ସହିତ ୧୯୯୯ ମସିହା ଠାରୁ ଆରମ୍ଭ ହୋଇଥିବା ଏହି ଭଜନ ସମାରୋହ ଚଳିତ ବର୍ଷ ୨୮ ବର୍ଷରେ ପଦାର୍ପଣ କରିଛି। ଜୁନ ୧୬ ତାରିଖ ଠାରୁ ଶ୍ରୀଗୁଣ୍ଡିଚା ଯାତ୍ରା ଠାରୁ ୨୪ତାରିଖ ପର୍ଯ୍ୟନ୍ତ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ କିପରି ମହାଆଡ଼ମ୍ବରପୂର୍ଣ୍ଣ ଓ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବା ସେ ବିଷୟରେ ସଭାପତି ଆଲୋକପାତ କରିଥିଲେ ଏବଂ ଓଡିଶାର ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ନୂତନ ଭଜନ କଳାକାରଙ୍କୁ ଏହି ମଂଚରେ ସୁଯୋଗ ଦେବା ପାଇଁ ସମସ୍ତ ସଦସ୍ୟମାନେ ମତପୋଷଣ ରଖିଥିଲେ। ଏଥିରେ ଓଡିଶାର ବିଶିଷ୍ଟ ଭଜନ କଳାକାରଙ୍କ ସହିତ ସ୍ଥାନୀୟ କଳାକରଙ୍କୁ ନେଇ ଭବ୍ୟ କାର୍ଯ୍ୟକ୍ରମ ହେବ। ଶେଷରେ ବରିଷ୍ଠ ସଭ୍ୟ ଶିଶିର କୁମାର ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

ସକାଳ THE SAKALA



## ରତ୍ନ ଅଳଙ୍କାର ଗଣତି ବେଳେ ଅଭାବନୀୟ ଘଟଣା

# ରତ୍ନଭଣ୍ଡାର ଭିତରେ ହାତାହାତି

ପୁରୀ,୧୯।୫(ସମିସ): ଚାଲିଛି ଭିତର ରତ୍ନଭଣ୍ଡାର ଗଣତି। କିଛି ଦିନର ବିରତି ପରେ ମଙ୍ଗଳବାର ପୁନଶ୍ଚ ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତି ଆରମ୍ଭ ହୋଇଛି। ତେବେ ଗଣତି ବେଳେ ରତ୍ନଭଣ୍ଡାର ଭିତରେ ଅଭାବନୀୟ ଘଟଣା ଘଟିଛି। ଦୁଇଜଣ ମେକାପ ସେବାୟତଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ଓ ପରେ ହାତହାତି ହୋଇଥିବା ସୂଚନା ରହିଛି। ଉଭୟେ ସମ୍ପର୍କୀୟ। ସେମାନଙ୍କ ମଧ୍ୟରେ ପାଳିକୁ ନେଇ ଏଭଳି ଅପ୍ରୀତିକର ଘଟଣା ଘଟିଥିଲା। ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଉଭୟଙ୍କୁ ପ୍ରଶାସନ କାର୍ଯ୍ୟାଳୟକୁ ନେଇ ପଚରାଉଚରା କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ରତ୍ନଅଳଙ୍କାର ଗଣତି ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଭିତର ରତ୍ନଭଣ୍ଡାରର ମଙ୍ଗଳବାର ଥିଲା ସପ୍ତମ ଦିନର ଗଣତି। ପୂର୍ବ ନିର୍ଦ୍ଧାରିତ ଏସ୍‌ଓପି ଅନୁଯାୟୀ ଅପରାହ୍ଣ ୩ଟା ୩୦ରେ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ବାହାରି ମନ୍ଦିରକୁ ପ୍ରବେଶ କରିଥିଲେ ଅଧିକୃତ ସଦସ୍ୟ। ଏସ୍‌ଓପି ଅନୁଯାୟୀ ଅପରାହ୍ଣ ୫ଟା ୧୫ରେ ଭଣ୍ଡାର ଘର ଖୋଲାଯାଇ ଭିତର ଭଣ୍ଡାରରେ ଗଣତି କାର୍ଯ୍ୟ ହୋଇଥିଲା। ୩ ଘଣ୍ଟା ୨୭ ମିନିଟ୍ କାଳ ଏହି ଗଣତି ହୋଇଥିଲା। ଅର୍ଥାତ୍ ରାତି ୮ଟା ୪୨ରେ ଶେଷ ହୋଇଥିଲା ଗଣତି କାର୍ଯ୍ୟ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ତେବେ ଭିତର ଭଣ୍ଡାରର ପ୍ରାୟ ୩୦ ପ୍ରତିଶତ ଅଳଙ୍କାର ଗଣତି ଶେଷ ହୋଇଥିବା ସୂଚନା ରହିଛି। ସମସ୍ତ ଅଳଙ୍କାର ଓ ଏଥିରେ ଖଚିତ ରତ୍ନଗୁଡ଼ିକୁ ଚିହ୍ନଟ ଓ ଗଣତି କରାଯାଉଛି। ରତ୍ନ ବିଶାରଦମାନେ ରତ୍ନ ଚିହ୍ନଟ କରିବା ସହ ସମସ୍ତ ଅଳଙ୍କାରର ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ଥ୍ରୀଡି ମ୍ୟାପିଂ କରାଯାଉଛି। ବୁଧବାର ବନକଲାଗି ନୀତି ଯୋଗୁଁ ଗଣତି କାର୍ଯ୍ୟ ସ୍ଥଗିତ ରହିବ। ପୁଣି ୨୧ ତାରିଖରେ ଗଣତି ହେବ। ଚଳିତ ମାସରେ ଆଉ ୬ ଦିନ ଅର୍ଥାତ୍ ୨୧, ୨୩, ୨୬, ୨୮, ୨୯, ୩୦ରେ ଗଣତି କାର୍ଯ୍ୟ ହେବ। ଏହି ଦିନଗୁଡ଼ିକରେ ବନ୍ଦ ରହିବ ଭିତରକାଠ ଦର୍ଶନ। ଅନ୍ୟପକ୍ଷରେ ଭଣ୍ଡାର ଭିତରେ ଦୁଇ ସେବାୟତ ହାତହାତି ହେବା ପ୍ରଶ୍ନରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ସେମାନଙ୍କ ଭିତରେ ବ୍ୟକ୍ତିଗତ ଆକ୍ରୋଶ ଯୋଗୁଁ କିଛି ହୋଇଥିଲେ ବି ଗଣତି କାର୍ଯ୍ୟ ଯେଭଳି ଚାଲିବା କଥା ସେଭଳି ହୋଇଛି। ଯଦି ସେମାନଙ୍କ ଭିତରେ କିଛି ବି ଅସୁବିଧା ରହିଛି ନିଜ ଭିତରେ ସମାଧାନ କରିବେ। ଶ୍ରୀମନ୍ଦିର ଭିତରେ ବିଶୃଙ୍ଖଳା ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

### ରଥଖଳାରୁ...

## ଚକ ନିର୍ମାଣ ଶେଷ; ଗରଗରା ଚଉପଟ ଆରମ୍ଭ



ପୁରୀ, ୧୯।୫ (ସମିସ): ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିଥାଏ। ତେଣୁ ଏହାକୁ ନଜରରେ ରଖି ରଥ ନିର୍ମାଣକାରୀ କାମକୁ ଗତିଶୀଳ କରିଛନ୍ତି। ବାକି ଥିବା ପ୍ରତି ରଥର ଗୋଟିଏ ଲେଖାଏଁ ଚକ ନିର୍ମାଣ ସହ ମଙ୍ଗଳବାର ତିନିରଥର ସମସ୍ତ ୪୨ଟି ଚକ (ତାଳଧ୍ୱଜ ୧୪, ଦେବଦଳନ ୧୨ ଓ ନନ୍ଦିଘୋଷ ୧୬) ସମ୍ପୂର୍ଣ୍ଣ ହୋଇଛି। ଅନ୍ୟାନ୍ୟ କାମ ମଧ୍ୟରେ ମଙ୍ଗଳବାର ତିନି ରଥର 'ଗରଗରା' ଚଉପଟ ଆରମ୍ଭ ହୋଇଛି। ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ରଥ ଅମିନ ଭୋଇ ସେବକଙ୍କ ଦ୍ୱାରା ଯୋଗାଇଦେବା ପରେ ମହାରଣା ସେବକମାନେ ଏହାର ଚଉପଟ ଆରମ୍ଭ କରିଛନ୍ତି। ବୁଧବାର ତିନି ରଥର ବାକି ଅଖଗୁଡ଼ିକର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ଆବଶ୍ୟକ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଛି। ଏଥିସହ ଚଉପଟ ହୋଇ ରହିଥିବା ପ୍ରତ୍ୟେକ ରଥର ୧୨ଟି ଲେଖାଏଁ ଭୂଇଁ ଚଉତାରେ ଶେଷ ହୋଇଛି ବିନ୍ଧ ମାପ ଚିହ୍ନ। ବୁଧବାର ମହାରଣାମାନେ ଭୂଇଁ ଚଉତାରେ ପାଖୁଡ଼ା ବିନ୍ଧ ସହ ଖମ୍ବା ବିନ୍ଧ ଆରମ୍ଭ କରିବେ। ରୂପକାର ସେବକମାନେ ସାଲ ଗୁଜରେ ରୂପ ଖୋଦେଇ ସହ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଏବଂ ରୂପରେ ଅଳଙ୍କାର ପକା କାମ ଜାରି ରଖିଛନ୍ତି। କରତି ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ଚିତା କାର୍ଯ୍ୟ (ଉଭୟ ପଟକୁ ବାରିସୀରେ ହାଣି ସମତଳ) ସମ୍ପନ୍ନ କରିଛନ୍ତି। ବୁଧବାର ଏହାର ଚିରଟ ଆରମ୍ଭ କରିବେ। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଅଖଦଣ୍ଡା ବିଡ଼ିଆ ଏବଂ ଅଗ ପାତେଲୀ କଣ୍ଟା ନିର୍ମାଣ କରୁଛନ୍ତି।

## କାନ୍ଥ ଭୁଶୁଡ଼ି ୧୭ ଶ୍ରମିକ ଆହତ

ରାୟଗଡ/କଲ୍ୟାଣସିଂହପୁର,୧୯।୫(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଅଞ୍ଚଳରେ ଘର ନିର୍ମାଣ କାମ ସମୟରେ ଅଘଟଣ ଘଟିଛି।



କାନ୍ଥ ଭୁଶୁଡ଼ି ପଡ଼ିବାରୁ ୧୭ଜଣ ଶ୍ରମିକ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରେ ୧୫ ଜଣ ମହିଳା ଓ ୨ ଜଣ ପୁରୁଷ ଅଛନ୍ତି। ସୂଚନା ଅନୁଯାୟୀ, କଲ୍ୟାଣସିଂହପୁରରେ ଏକ ଦୋକାନ ଘର ନିର୍ମାଣ କାମ ଚାଲିଥିବା ବେଳେ ଶ୍ରମିକମାନେ ମାଟି ବୋହୁଥିଲେ। ଏହି ସମୟରେ ହଠାତ୍ ଇଟାକାନ୍ଥଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ି ଶ୍ରମିକମାନଙ୍କ ଉପରେ ପଡ଼ିଥିଲା। ଫଳରେ ସମସ୍ତ ଶ୍ରମିକ ଆହତ ହୋଇଥିଲେ। ଆହତମାନଙ୍କ ମଧ୍ୟରେ ଯମୁନା କଳାକା(୧୬) ଓ କୁମାରୀ କଂଜାକା(୧୫) ନାବାଳିକା ଥିବା ଜଣାପଡ଼ିଛି। ସମସ୍ତଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଲକ୍ଷ୍ମୀ ପିଡିଶିକା (୪୫) ଓ ଦାଇମା ହୁଇକା(୫୫)ଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ବୋଲି ଡାକ୍ତର ପ୍ରମୋଦ କୁମାର ମିଶ୍ର ସୂଚନା ଦେଇଛନ୍ତି। ମାଣିକ କଂଜାକା, ଲକ୍ଷ୍ମୀ କୁଲେସିକା, ଜାଗା ହିକକାଙ୍କ ସହ ଅନ୍ୟ ଆହତମାନେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି।

### ବଢୁଛି ଭିଡ଼ ହିଂସା, ବର୍ଷିଲା କଂଗ୍ରେସ

## 'ଅପରାଧୀ ଦମନରେ ସରକାରଙ୍କ ଆନ୍ତରିକତା ନାହିଁ'

ଭୁବନେଶ୍ୱର,୧୯।୫(ସମିସ): ରାଜ୍ୟରେ ବିଜେପିର ମାତ୍ର ୨ ବର୍ଷର ଶାସନରେ ଅରାଜକତା ସବୁ ସୀମା ଟପି ଯାଇଛି। ଏବେ ରାଜ୍ୟର ଶାସନ ତାଲିବାନୀ-ଶାସନରେ ପରିଣତ ହୋଇଛି। ପୂର୍ବରୁ କୌଣସି ଶାସନରେ ବି ପୁଲିସକୁ ଶାସକ ଦଳର ନେତା ଓ କର୍ମୀ ଏପରି ଖୁଲମଖୁଲା

- ପୂର୍ବରୁ ପୁଲିସକୁ କୌଣସି ଦଳ ଏପରି ବ୍ୟବହାର କରି ନ ଥିଲେ
- ଶାସକ ଦଳର ଛତ୍ରଛାୟାରେ ଅପରାଧୀମାନେ ଭିଡ଼ହିଂସାରେ ଲିପ୍ତ ହେଉଛନ୍ତି

ବ୍ୟବହାର କରିନଥିଲେ। ଏବେ ଶାସକ ଦଳର ଛତ୍ରଛାୟାରେ ରହି ଅପରାଧୀମାନେ ଖୁଲମଖୁଲା ହିଂସାକାଣ୍ଡ ଭିଆଉଛନ୍ତି ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି।

ମଙ୍ଗଳବାର ଏକ ପ୍ରେସ୍ ବିବୃତ୍ତିରେ ସେ କହିଛନ୍ତି, ରାଜ୍ୟରେ ଆଇନର ଶାସନ ବୋଲି ଆଉ କିଛି ନାହିଁ। ବର୍ବର ଭିଡ଼ ହିଂସା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି। ସ୍ପଷ୍ଟ ଦିବାଲୋକରେ ବହୁତ ଲୋକ ମିଶି ଜଣେ ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ କରିବା ଧାରା ପୂର୍ବରୁ ବିଜେପି ଉତ୍ତରପ୍ରଦେଶ, ରାଜସ୍ଥାନ, ହରିଆନା ଭଳି ରାଜ୍ୟଗୁଡ଼ିକରେ କରୁଥିଲା। ତା'ର ପ୍ରଭାବ ଏବେ ଓଡ଼ିଶାରେ ପଡ଼ିଛି। ନିକଟ ଅତୀତରେ ଓଡ଼ିଶାରେ ସଂଘଟିତ ଏପରି ହିଂସାକାଣ୍ଡରେ ଶାସକ ଦଳର ନେତାମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପୃକ୍ତି ରହୁଥିବାରୁ ସେଥିରେ କେହି ହାତ ମାରିବାକୁ ସାହସ କରୁନାହାନ୍ତି। ଆଇନ ତା' ବାଟରେ ଯାଉନାହିଁ। ଫଳରେ ବିଜେପି ନେତା ଓ କର୍ମୀମାନେ ପୁଲିସ ଅସହାୟତାର ସୁଯୋଗ ନେଇ ରକ୍ତମୁଖା ହୋଇଉଠିଛନ୍ତି।

କଣାସ ଭିଡ଼ ହିଂସା ହତ୍ୟାରେ ବିଧାୟକଙ୍କ ଲୋକମାନେ ସଂପୃକ୍ତ ଥିବାରୁ ଆଇନ ତା' ବାଟରେ ଯିବା ଏକରକମ ଅସମ୍ଭବ ବୋଲି ସମସ୍ତେ ଜାଣନ୍ତି। ସେହିପରି, ବାଲିଅନ୍ତାରେ ସୌମ୍ୟରଂଜନଙ୍କୁ ପୁଲିସ ସହାୟତାରେ ପିଟିପିଟି ମାରିଦେବାର ଆସ୍ପର୍ଦ୍ଧା ପଛରେ ଜଣେ ଏଡିଜି ପାହ୍ୟାର ପୁଲିସ ଅଧିକାରୀଙ୍କ ପ୍ରଚ୍ଛନ୍ନ ସଂପୃକ୍ତି ଉକ୍ତ ଅଭାବନୀୟ ଘଟଣାକୁ ଆହୁରି ରହସ୍ୟାବୃତ୍ତ କରି ପକାଇଛି। ବ୍ରହ୍ମପୁର ଗିରିରୋଡ୍ ଆକ୍ରମଣ ମୁଖ୍ୟ ଅଭିଯୁକ୍ତ ସନ୍ଦୀପ ସାହୁ ଓରଫ୍ ମୋଗ୍ଲୀ ସତ୍ତାଧାରୀ ବିଜେପି ବିଧାୟକ କେ. ଅନିଲ କୁମାରଙ୍କ ପାଖ ଲୋକ ବୋଲି ସମସ୍ତେ ଜାଣନ୍ତି। ସେମାନଙ୍କର ଘନିଷ୍ଠତାର ଏକାଧିକ ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ତେଣୁ, ପୁଲିସ ଏହି ଘଟଣାରେ ନିରପେକ୍ଷ ଭାବେ ତଦନ୍ତ କରିବା ନେଇ ସନ୍ଦେହ ଉପୁଜିଛି। ନେଡ଼ିଗୁଡ଼ କହୁଣୀକୁ ବହିଯିବା ପରେ ମୁଖ୍ୟମନ୍ତ୍ରୀ ଦୁଇଦୁଇ ଥର ସମୀକ୍ଷା ବୈଠକ କଲେ; ଅଥଚ ଫଳଘର ଶୂନ। ଏପରିକି, ବାଉଳାଚାଉଳା ହୋଇ କିଛି ସ୍ଥାନରେ ପୁରୁଣା ଦାଗୀଙ୍କୁ ଏନ୍‌କାଉଣ୍ଟର କରିବା କୌଶଳ ମଧ୍ୟ ଆଉ କାମ ଦେଉନାହିଁ। ଅପରାଧୀ ଦମନରେ ସରକାରଙ୍କ ଆନ୍ତରିକତା ନଥିବା ସ୍ପଷ୍ଟ ହୋଇଥିବାରୁ କେହି ଆଉ ପୁଲିସକୁ ଡରୁନାହାନ୍ତି ବୋଲି ସେ କହିଛନ୍ତି।

### ■ ପୁତୁରା ବୋହୂକୁ ହତ୍ୟାର ୨୪ଘଣ୍ଟା ନ ପୂରୁଣୁ...

## ହତ୍ୟାକାରୀର ପତ୍ନୀଙ୍କ ଆତ୍ମହତ୍ୟା

କଟକ, ୧୯।୫ (ସମିସ): ମାହାଙ୍ଗା ଥାନା ପଣସପୁର ପଞ୍ଚାୟତ ଅକରପଡ଼ା ଗ୍ରାମରେ ଏକ ଅତ୍ୟନ୍ତ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ପୁତୁରା ବୋହୂକୁ ଗହୀର ବିଲରେ ବୀଭତ୍ସ ଭାବେ ହତ୍ୟା କରିବାର ୨୪ ଘଣ୍ଟା ପୂରିନଥିବା ବେଳେ ହତ୍ୟାକାରୀର ପତ୍ନୀ ମାନସିକ ସ୍ତରରେ ଗଭୀର ଆଘାତ ପାଇ ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ମାତ୍ର ଦୁଇ ଦିନ ମଧ୍ୟରେ ଗୋଟିଏ ଗ୍ରାମରୁ ଖୁଡ଼ୀ ଶାଶୂ ଓ ପୁତୁରା ବୋହୂଙ୍କ ଜୁଇ ଜଳିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

- ଜମିବାଡ଼ି ବିବାଦରୁ ପୁତୁରା ବୋହୂକୁ ହାଣିଥିଲା ଦାଦାଶଶୁର
- ସ୍ୱାମୀର ଅମାନୁଷିକ କାର୍ଯ୍ୟ ସହି ନ ପାରି ଫ୍ୟାନରେ ଝୁଲିପଡ଼ିଲେ ପତ୍ନୀ
- ଗାଁ ମଶାଣିରେ ୨ ଦିନରେ ଜଳିଲା ୨ ଜୁଇ

ସୂଚନାନୁଯାୟୀ, ଅକରପଡ଼ା ଗ୍ରାମର ଇନ୍ଦ୍ରମଣି ସାହୁ ଓ ତାଙ୍କ ଭାଇ ରଞ୍ଜନ କୁମାର ସାହୁଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନ ହେଲା ଜମିବାଡ଼ି ବିବାଦକୁ ନେଇ ଶତ୍ରୁତା ଲାଗି ରହିଥିଲା। ରଞ୍ଜନଙ୍କ ପରିବାରକୁ ଉଚିତ ଶିକ୍ଷା ଦେବା ପାଇଁ ଇନ୍ଦ୍ରମଣିଙ୍କ ପରିବାର ସୁଯୋଗ ଉଣ୍ଡୁଥିଲେ। ଗତକାଲି ସକାଳେ ରଞ୍ଜନ ସାହୁଙ୍କ ପତ୍ନୀ ସ୍ୱର୍ଣ୍ଣଲତା ସାହୁ (୪୦) ଘାସ ଆଣିବା ପାଇଁ ଗହୀର ବିଲକୁ ଏକୁଟିଆ ଯାଇଥିଲେ। ସେଠାରେ ସ୍ୱର୍ଣ୍ଣଲତାଙ୍କୁ ଏକୁଟିଆ ଦେଖି ତାଙ୍କ ଦାଦା ଶଶୁର ଇନ୍ଦ୍ରମଣି ସାହୁ ଯୋଜନାବଦ୍ଧ ଭାବେ ଧାରୁଆ ଅସ୍ତ୍ରରେ ତାଙ୍କୁ ବିଲରେ ଗୋଡ଼ାଇ ଗୋଡ଼ାଇ ନିର୍ମମ ଭାବେ ହାଣି ପକାଇଥିଲେ। ସ୍ୱର୍ଣ୍ଣଲତାଙ୍କ ଚିତ୍କାର ଶୁଣି ପରିବାର ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବର ପାଇ ମାହାଙ୍ଗା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ୱର୍ଣ୍ଣଲତାଙ୍କୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ଗ୍ରାମରେ ଶୋକାକୁଳ ପରିବେଶରେ ସ୍ୱର୍ଣ୍ଣଲତାଙ୍କ ଶବଦାହ ସମ୍ପନ୍ନ ହୋଇଥିଲା।

ଏହି ଘଟଣାରେ ମୃତ ସ୍ୱର୍ଣ୍ଣଲତାଙ୍କ କନ୍ୟା ଲକ୍ଷ୍ମୀପ୍ରିୟା ସାହୁ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ ଇନ୍ଦ୍ରମଣି, ତାଙ୍କ ପୁଅ କାଳନ୍ଦୀ ଓ ଝିଅ ଡଲି ମିଳିତ ଭାବେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ କେସ୍ ନମ୍ବର ୧୦/୨୦୨୬ରେ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଇନ୍ଦ୍ରମଣିକୁ ଗିରଫ କରି କୋର୍ଟଚାଲାଣ କରିଛି।

ଅନ୍ୟପକ୍ଷରେ, ନିଜ ସ୍ୱାମୀର ଏଭଳି ପୈଶାଚିକ ଓ ଅମାନୁଷିକ କାର୍ଯ୍ୟକୁ ସହଜରେ ଗ୍ରହଣ କରିପାରି ନ ଥିଲେ ଇନ୍ଦ୍ରମଣିଙ୍କ ପତ୍ନୀ ସରସ୍ୱତୀ ସାହୁ। ସ୍ୱାମୀ ଜଣେ ହତ୍ୟାକାରୀ ସାଜିବା ଏବଂ ପରିବାର କୋର୍ଟ କଚେରୀ ମାମଲାରେ ଫସିଯିବା କାରଣରୁ ସେ ଗଭୀର ମାନସିକସ୍ତରରେ ଆଘାତ ପାଇଥିଲେ। ଆଜି ସେ ଘର ଭିତରେ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ପକ୍ଷରୁ ଏନେଇ ସୂଚନା ଦିଆଯିବା ପରେ ମାହାଙ୍ଗା ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ସରସ୍ୱତୀଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଗୋଟିଏ ଜମି ବିବାଦ କେମିତି ହସୁଥିବା ଦୁଇଟି ପରିବାରକୁ ଛାରଖାର କରିଦେଲା, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜାରି ରହିଛି। ପୁଲିସ ଉଭୟ ଘଟଣାର ଅଧିକ ତଦନ୍ତ କରୁଛି।

## ଭିଜିଲାନ୍ସ ଜାଲରେ କୋଟିପତି ନିର୍ବାହୀ ଯନ୍ତ୍ରୀ



**୫ କୋଠା, ୬୫ ଏକର ଜମି ଓ ୨ଟି ଫାର୍ମହାଉସ୍ ସମେତ ବିପୁଳ ସମ୍ପତ୍ତି ଠାବ**

ଧର୍ମଗଡ଼, ୧୯।୫ (ସମିସ): ଭିଜିଲାନ୍ସ ଜାଲରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ରାସ୍ତା ଓ ଗୃହ ନିର୍ମାଣ ଡିଭିଜନ୍‌ର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଆଜି ତାଙ୍କ ବାସଭବନ ସମେତ ୬ଟି ସ୍ଥାନରେ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଛି। ଠାବ ସଂପତ୍ତି ମଧ୍ୟରେ ୫ଟି କୋଠା, ୬୫ ଏକର ଜମି, ୨ଟି ଫାର୍ମହାଉସ୍, ଏକ ମାର୍କେଟ୍ କମ୍ପ୍ଲେକ୍ସ ସହ ବ୍ୟାଙ୍କରେ ୧୦.୭୨ଲକ୍ଷ ଟଙ୍କାର ଜମା ଓ ପ୍ରାୟ ୧୯ ଲକ୍ଷ ଟଙ୍କାର ନଗଦ ରାଶି ଏବଂ ଗୃହୋପକରଣ ସାମଗ୍ରୀ ସାଙ୍ଗକୁ ଏକ ହ୍ୟୁଣ୍ଡାଇ କ୍ରେଟା କାର୍ ରହିଛି। ମାତ୍ର ୬ହଜାର ଟଙ୍କା ପ୍ରାରମ୍ଭିକ ଦରମାରୁ ଚାକିରି ଆରମ୍ଭ କରିଥିବା ଏହି ସରକାରୀ ବାବୁଙ୍କ କୋଟି କୋଟି ଟଙ୍କାର ସଂପତ୍ତି ଦେଖି ଭିଜିଲାନ୍ସ ଅଧିକାରୀମାନେ ତାଜୁବ୍ ହୋଇଯାଇଛନ୍ତି।

ଠାବ ସମସ୍ତ ସ୍ଥାବର ସମ୍ପତ୍ତି, କୋଠା ଏବଂ ମାର୍କେଟ କମ୍ପ୍ଲେକ୍ସର ପ୍ରକୃତ ସରକାରୀ ମୂଲ୍ୟାଙ୍କନ ଭିଜିଲାନ୍ସର ବୈଷୟିକ ଦଳ ଦ୍ୱାରା କରାଯାଉଛି। ସମ୍ପତ୍ତିର ଉତ୍ସ ସମ୍ପର୍କରେ ଶ୍ରୀ ଶବରଙ୍କୁ ପଚରାଉଚରା କରାଯାଉଥିବା ବେଳେ ଆଗକୁ ସମ୍ପତ୍ତିର ପରିମାଣ ଏବଂ ଆକଳନ ମୂଲ୍ୟ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଶ୍ରୀ ଶବର ୧୯୯୯ ମସିହାରେ ମାତ୍ର ୬ହଜାର ଟଙ୍କା ପ୍ରାରମ୍ଭିକ ଦରମାରେ କୋରାପୁଟ ରାସ୍ତା ଓ ଗୃହ ଡିଭିଜନ ଅଧୀନ ସୁନାବେଡ଼ା ସେକ୍ସନରେ ଜଣେ ଜୁନିୟର ଇଞ୍ଜିନିୟର ଭାବେ ଚାକିରି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ନବରଙ୍ଗପୁର ଏବଂ ଭବାନୀପାଟଣାରେ କାର୍ଯ୍ୟ କରିଥିଲେ। ୨୦୧୩ରେ ଆସିଷ୍ଟାଣ୍ଟ ଇଞ୍ଜିନିୟର୍, ୨୦୧୬ରେ ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଭାବେ ପଦୋନ୍ନତି ପାଇ ଧର୍ମଗଡ଼ରେ କାର୍ଯ୍ୟ କରିଥିଲେ। ୨୦୨୪ ମାର୍ଚ୍ଚରେ ସେ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇବା ସହ ଜାନୁଆରୀ ୨୦୨୫ରୁ ଭବାନୀପାଟଣା ରାସ୍ତା ଓ ଗୃହ ଡିଭିଜନ୍‌ର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି।

## ଋଣ ଶୁଝିବା ପାଇଁ ୪ମାସ ମହଲତ ପ୍ରଦାନ କଲେ ହାଇକୋର୍ଟ

କଟକ,୧୯।୫(ସମିସ): "ଆମ ଦେଶରେ ପ୍ରକୃତି ଏବଂ ସମ୍ବିଧାନର ଧାରା ୧୨ ଅଧୀନରେ ଆସୁଥିବା ସରକାରୀ ସଂସ୍ଥା ଗୁଡ଼ିକ କୃଷକମାନଙ୍କ ସହ 'ପଶା ଖେଳ' ଖେଳିଥାନ୍ତି। ଅନେକ ସମୟରେ ଏମାନଙ୍କର ଦୁଃଖକଷ୍ଟ କାହାରି ନଜରକୁ ଆସେ ନାହିଁ, କିନ୍ତୁ ଅଦାଲତ ପ୍ରତି ଆଖି ବୁଜି ଦେଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଗଞ୍ଜାମ ଜିଲ୍ଲାର ଜଣେ ଚାଷୀଙ୍କ ଋଣ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି କହିବା ସହ ଆବେଦନକାରୀଙ୍କୁ ବ୍ୟାଙ୍କର କଠୋର ଆଦାୟ ପ୍ରକ୍ରିୟାରୁ ସାମୟିକ ଆଶ୍ୱସ୍ତି ଦେଇଛନ୍ତି। ଚାଷୀଙ୍କ ପ୍ରାର୍ଥନାକୁ ଗ୍ରହଣ କରି ହାଇକୋର୍ଟ ମାମଲାର ଅନ୍ତ ଘଟାଇଛନ୍ତି।

'ଜାତୀୟ କୃଷକ କମିଶନ'ର ରିପୋର୍ଟକୁ ଉଲ୍ଲେଖ କରି ଅଦାଲତ କହିଛନ୍ତି ଯେ ଚାଷୀମାନେ ସବୁବେଳେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବକୃତ ସମସ୍ୟାର ଶିକାର ହୋଇଥାନ୍ତି। ତେଣୁ ସେମାନଙ୍କୁ ଆଇନର କଠୋର ଜାଲରେ ଛନ୍ଦିବା ଅନୁଚିତ। ଏଣୁ ଆବେଦନକାରୀ ଚାଷୀଙ୍କୁ ସମ୍ପୂର୍ଣ୍ଣ ଋଣ ରାଶି ଶୁଝିବା ପାଇଁ ୪ମାସର ସମୟ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେ ଏହି ଟଙ୍କାକୁ ୪ଟି ସମାନ କିସ୍ତିରେ ପରିଶୋଧ କରିବେ। ତାଙ୍କୁ ପ୍ରଥମ କିସ୍ତି ୧୦ ଜୁନ୍ ସୁଦ୍ଧା କିମ୍ବା ତା' ପୂର୍ବରୁ ଦେବାକୁ ହେବ। ବାକି ସମସ୍ତ କିସ୍ତି ମଧ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଦେବାକୁ ପଡ଼ିବ। ଯଦି ଚାଷୀଜଣକ କିସ୍ତି ଦେବାରେ ବିଫଳ ହୁଅନ୍ତି, ତେବେ ବ୍ୟାଙ୍କ ସ୍ଥାନୀୟ ପୁଲିସ ସହାୟତାରେ ତାଙ୍କ ସମ୍ପତ୍ତିକୁ ନିଜ ଅକ୍ତିଆରକୁ ନେଇପାରିବ ଏବଂ ଏଥିରେ କୌଣସି ବାଧା ସୃଷ୍ଟି କରାଯିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

**ଚାଷୀଙ୍କୁ ଆଇନର କଠୋର ଜାଲରେ ଛନ୍ଦିବା ଅନୁଚିତ**

ପ୍ରକାଶ ଥାଉକି ଗଞ୍ଜାମ ଜିଲ୍ଲାର ଆବେଦନକାରୀ ଚାଷୀ କୃଷି କାର୍ଯ୍ୟ ପାଇଁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବ୍ରହ୍ମପୁର ଶାଖାରୁ ଋଣ ନେଇଥିଲେ। ସୁଧ-ମୂଳ ମିଶାଇ ବର୍ତ୍ତମାନ ତାଙ୍କର ମୋଟ ୧୪ଲକ୍ଷ ୭୦ହଜାର ଟଙ୍କା ବାକି ରହିଛି। ଆର୍ଥିକ ଅନାଟନ ଯୋଗୁଁ ସେ ସମୟ ଅନୁସାରେ କିସ୍ତି ଶୁଝିପାରିନଥିଲେ। ଫଳରେ ବ୍ୟାଙ୍କ୍ ତାଙ୍କ ସମ୍ପତ୍ତି ଜବତ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହାକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଟଙ୍କା ଯୋଗାଡ଼ କରି ଶୁଝିବା ପାଇଁ କିଛି ସମୟ ମାଗିଥିଲେ। ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି।

### ରବି ଧାନ ସଂଗ୍ରହ

## ସମ୍ବଲପୁର ଓ ବରଗଡ଼ ଜିଲ୍ଲା ବିଧାୟକମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର,୧୯।୫(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ବିଧାୟକମାନଙ୍କ ସହିତ ରବିଧାନ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ମଣ୍ଡି ଭିତ୍ତିଭୂମି, ଟୋକନ ପ୍ରଦାନ, ମିଲର୍‌ମାନଙ୍କ ଧାନ ଉଠାଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସମସ୍ତ ଅଞ୍ଚଳର ଚାଷୀମାନଙ୍କ ଠାରୁ ଧାନ କିଣିବା ପାଇଁ ସରକାରଙ୍କ ପ୍ରକ୍ରିୟା ଜାରି ରହିଛି। ଚାଷୀମାନଙ୍କ ଯେପରି କୌଣସି ଅସୁବିଧା ହେବ ନାହିଁ ଏବଂ ମିଲର୍‌ମାନେ ଠିକ୍ ସମୟରେ ଧାନ ଉଠେଇବେ, ତା'ଉପରେ ସ୍ୱତନ୍ତ୍ର ଫୋକସ ରଖା ଯାଇଛି। ଚାଷୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଚାଷୀମାନଙ୍କର ଯାହାକିଛି ସମସ୍ୟା ରହିଛି, ତାହା ନିଶ୍ଚିତ ଦୂର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ସଚିବ ସଞ୍ଜୟ ସିଂହ ବୈଠକରେ ଉପସ୍ଥିତ ଥିଲେ।

### ଅରିନ୍ଦମ ଓ ଅଭୟଙ୍କ ଅଡୁଆ ବଢ଼ିଲା

## ଗିରଫ ଦାବିରେ ଜିଲ୍ଲାପାଳ, ଡିଆଇଜି ଓ ଏସପିଙ୍କୁ ଭେଟିଲା ବିଜେଡି

ଟାଙ୍ଗୀ, ୧୯।୫(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ପରିସରରେ ପଶି ସରକାରୀ କର୍ମଚାରୀଙ୍କୁ ନାଲି ଆଖି ଦେଖାଇବା ଏବଂ ଦୁର୍ବ୍ୟବହାର କରିବା ଘଟଣାରେ ବିଜେପି ନେତା ଅରିନ୍ଦମ ରାୟ ଓ ଅଭୟ ବାରିକଙ୍କ

- ବ୍ଲକ ଅଧିକାରୀଙ୍କୁ ଦୁର୍ବ୍ୟବହାର ଘଟଣା ଜୋର ଧରିଲା
- ଗଣମାଧ୍ୟମକୁ 'ଚାରେଣା-ଆଠଣା' କହି କଟାକ୍ଷ କଲେ ଅରିନ୍ଦମ
- ସାମ୍ବାଦିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ, ଆଜି ଥାନାରେ ହେବ ଏତଲା

ଅଡୁଆ ବଢ଼ିବାରେ ଲାଗିଛି। ଉଭୟ ବିଜେପି ନେତାଙ୍କୁ ଗିରଫ କରିବା ଦାବି ଏବେ ଜୋର୍ ଧରିଛି। ଏହି କ୍ରମରେ ଆଜି ଟାଙ୍ଗୀ ବିଜେଡି ପକ୍ଷରୁ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ କଟକ ଜିଲ୍ଲାପାଳ, ଡିଆଇଜି ଏବଂ ଗ୍ରାମାଞ୍ଚଳ ଏସପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧିଦଳରେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀଙ୍କ ସମେତ ବିଜେଡିର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଆଗଧାଡ଼ିର ନେତା ସାମିଲ ଥିଲେ।

ଗତ ବୁଧବାର ପଞ୍ଚାୟତ ସମିତି



ବୈଠକକୁ ଆମ୍ଭ ଅଧ୍ୟକ୍ଷଙ୍କୁ ନିମନ୍ତ୍ରଣ କରାଯାଇନଥିବା ଅଭିଯୋଗ ନେଇ ଆଠଗଡ଼ର ବିଜେପି ନେତା ଅଭୟ ବାରିକ ଓ ଟାଙ୍ଗୀ-ସାଲେପୁର ନେତା ଅରିନ୍ଦମ ରାୟ ବିଡିଓଙ୍କୁ ଦେଖା କରିବାକୁ ଯାଇଥିଲେ। ମାତ୍ର ବିଡିଓଙ୍କ ଅନୁପସ୍ଥିତିରେ ଉଭୟ ନେତା ସେଠାରେ ଉପସ୍ଥିତ ଥିବା ଏବିଡିଓ ଏବଂ ଅନ୍ୟ ଜଣେ ମହିଳା ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ବ୍ଲକ ପ୍ରଶାସନ ଏବଂ ଟାଙ୍ଗୀ-ଆଠଗଡ଼ ବିଜେଡି ପକ୍ଷରୁ ଟାଙ୍ଗୀ ଥାନାରେ ଏତଲା ଦିଆଯିବା ପରେ ପୁଲିସ ମାମଲା ରୁଜୁ କରିଛି। ଏହାଛଡ଼ା ବ୍ଲକ ମିଶନ ଶକ୍ତି ମହାସଂଘର ସଭାପତି ଅନୁରାଧା ନାୟକଙ୍କ ସମେତ ମହାସଂଘର ସମସ୍ତ ସଦସ୍ୟା ମଧ୍ୟ ଏହି ଦୁଇ ବିଜେପି ନେତାଙ୍କ ବିରୋଧରେ ଥାନାରେ ସ୍ୱତନ୍ତ୍ର ଏତଲା ଦେଇଛନ୍ତି। ମାମଲା ଏତିକିରେ ଶାନ୍ତ ପଡ଼ି ନ ଥିବା ବେଳେ ବିଜେପି ନେତା ଅରିନ୍ଦମ ରାୟ ନିଜ ଫେସବୁକ୍ ପେଜ୍‌ରେ ଲାଇଭ୍ ଆସି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କଟାକ୍ଷ କରିଛନ୍ତି। ସାମ୍ବାଦିକମାନେ 'ଚାରେଣା-ଆଠଣା' ରୋଜଗାର ପାଇଁ ଆସି ଚାଉଳ ନେଇ ପରିବାର ଚଳାଉଛନ୍ତି ବୋଲି ସେ ବିଦ୍ରୂପ କରି କହିଛନ୍ତି। ଅରିନ୍ଦମଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧି ତୀବ୍ର ନିନ୍ଦା କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ବୁଧବାର ସ୍ଥାନୀୟ ସମସ୍ତ ସାମ୍ବାଦିକ ଏକାଠି ହୋଇ ଟାଙ୍ଗୀ ଥାନାରେ ଅରିନ୍ଦମଙ୍କ ବିରୋଧରେ ଏତଲା ଦେବା ସହ ସ୍ୱର ଉତ୍ତୋଳନ କରିବେ ବୋଲି ଜଣାପଡ଼ିଛି। ଅନ୍ୟପଟେ ଅରିନ୍ଦମ ଆସନ୍ତା ବୁଧବାର ପୁଣିଥରେ ବ୍ଲକ କାର୍ଯ୍ୟାଳୟକୁ ଆସି ବ୍ଲକ ପ୍ରଶାସନ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି। ସରକାରୀ କାର୍ଯ୍ୟାଳୟରେ ଜବରଦସ୍ତ ପଶି ସରକାରୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ଏବଂ ସରକାରୀ କାର୍ଯ୍ୟରେ ବାଧା ଉପୁଜାଇବା ଭଳି ସଙ୍ଗୀନ ଦଫା ଲାଗିଥିବା ବେଳେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କି ପଦକ୍ଷେପ ନେଉଛି, ତାହା ଉପରେ ଆସନ୍ତାକାଲି ସମସ୍ତଙ୍କ ନଜର ରହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ■ ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡ ବୈଠକ

## ପ୍ରତି ୧୦୦ କିମିରେ ଚାଳକଙ୍କ ପାଇଁ ବିଶ୍ରାମ ସୁବିଧା

ଭୁବନେଶ୍ୱର,୧୯।୫(ସମିସ): ପ୍ରତି ୧୦୦ କିଲୋମିଟର ବ୍ୟବଧାନରେ ଗାଡ଼ି ଚାଳକଙ୍କ ପାଇଁ ବିଶ୍ରାମ ସୁବିଧା ଯୋଗାଇଦେବା ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ଗୁରୁତ୍ୱ ଦେଇଛି। ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡର ପଞ୍ଚମ ବୈଠକରେ ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅଧ୍ୟକ୍ଷତା କରି ଏ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଡ୍ରାଇଭରମାନଙ୍କ ବିଶ୍ରାମ ପାଇଁ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା "ଟ୍ରକ୍ ଟର୍ମିନାଲ୍' ଏବଂ ଏଥିରେ ଉପଲବ୍ଧ ଥିବା ସୁରକ୍ଷିତ ପାର୍କିଂ, ବିଶ୍ରାମ ଗୃହ ଓ ଅନ୍ୟାନ୍ୟ ଆବଶ୍ୟକୀୟ ମୌଳିକ ସୁବିଧା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏଥି ସହିତ, ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ଡ୍ରାଇଭର ଆସୋସିଏସନଗୁଡ଼ିକୁ ସାମିଲ କରି ସଡ଼କ ସୁରକ୍ଷା ଅଭିଯାନକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବାକୁ ଆସିଥିବା ପ୍ରସ୍ତାବକୁ ମଧ୍ୟ ମାନ୍ୟବର ମନ୍ତ୍ରୀ ଗ୍ରହଣ କରି ଏହା ଏକ ସ୍ୱାଗତଯୋଗ୍ୟ ପ୍ରସ୍ତାବ ବୋଲି କହିଥିଲେ। ସେହିପରି ଗାଡ଼ି ଚାଳକ ଓ କର୍ମଚାରୀଙ୍କ ସ୍ୱାର୍ଥ ସମ୍ବଳିତ ଆଲୋଚନା ପାଇଁ ନିୟମିତ ବ୍ୟବଧାନରେ ବୋର୍ଡର ବୈଠକ କରାଯିବାକୁ ସ୍ଥିର ହୋଇଛି।

ଅନ୍ୟପକ୍ଷରେ, ବୈଠକରେ ଉପସ୍ଥିତ ଡ୍ରାଇଭର ମହାସଂଘର ପ୍ରତିନିଧିମାନେ ଅଟୋ ଚାଳକମାନଙ୍କୁ ଏହି କଲ୍ୟାଣ ବୋର୍ଡରେ ସାମିଲ କରିବା, ପଞ୍ଜିକରଣ ଫି' ଛାଡ଼ କରିବା ଏବଂ ୬୦ ବର୍ଷ ବୟସ ପରେ ଭତ୍ତା ପ୍ରଦାନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହା ସହିତ ଡ୍ରାଇଭିଂ ଲାଇସେନ୍ସ ନବୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା, ଓଡ଼ିଶାର ସମସ୍ତ ଖଣି ଓ କାରଖାନାରେ ୭୦ଧ ସ୍ଥାନୀୟ ଡ୍ରାଇଭରଙ୍କୁ ନିଯୁକ୍ତି ଦେବା ଏବଂ ସେପ୍ଟେମ୍ବର ୧ ତାରିଖକୁ 'ରାଜ୍ୟ ଡ୍ରାଇଭର ଦିବସ' ରୂପେ ଘୋଷଣା କରିବାକୁ ସେମାନେ ଦାବି କରିଥିଲେ। ମହାସଂଘର ଏହି ସମସ୍ତ ଦାବିକୁ ସହାନୁଭୂତିର ସହ ବିଚାର କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ବୋର୍ଡ ସଦସ୍ୟ ବିଧାୟକ ଟଙ୍କଧର ତ୍ରିପାଠୀ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସମେତ ବୋର୍ଡର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୭- ସାଉଦି ଆରବ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୩୨- ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଦେହାନ୍ତ।
- ୧୯୯୦- ହବଲ୍ ଟେଲିସ୍କୋପ୍ ମହାକାଶରୁ ପ୍ରଥମ ଫଟୋ ପଠାଇଲା।
- ୧୯୯୫- ରୁଷ୍‌ରେ ମାନବ ରହିତ ମହାକାଶ ଯାନର ସଫଳ ପ୍ରକ୍ଷେପଣ କରାଗଲା।
- ୨୦୦୩- ପାକିସ୍ତାନ ଆତଙ୍କବାଦୀ ସଂଗଠନ ହିଜବୁଲ୍ ମୁଜାହିଦ୍ଦିନ୍ ଉପରେ ପ୍ରତିବନ୍ଧକ ଲଗାଗଲା।

# 'ୱେଲକମ୍ ଟୁ ଦ ଜଙ୍ଗଲ'ରୁ ଆସିଲା ଅକ୍ଷୟଙ୍କ ଲୁକ୍



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ପୁଣି ଥରେ ମଜାଳିଆ ଅନ୍ଦାଜରେ ପରଦାକୁ ଫେରୁଛନ୍ତି। ଅକ୍ଷୟ 'ୱେଲକମ୍' ସିରିଜ୍‌ର ତୃତୀୟ ଫିଲ୍ମ 'ୱେଲକମ୍ ଟୁ ଦ ଜଙ୍ଗଲ'ରେ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ ଏହି ଫିଲ୍ମରୁ ଅକ୍ଷୟଙ୍କ ଫାଷ୍ଟ ଲୁକ୍ ଆସିବା ପରେ ସାମାଜିକ ଗଣମାଧ୍ୟମରେ ଏହା ବେଶ୍ ଭାଇରାଲ ହୋଇଛି। ନିଜେ ଅକ୍ଷୟ ମଧ୍ୟ ଇନ୍‌ଷ୍ଟାଗ୍ରାମ୍‌ରେ ଏହି ପୋଷ୍ଟର୍‌କୁ ସେୟାର୍ କରିଛନ୍ତି। ଏଥିରେ ସେ ବେଶ୍ ଷ୍ଟାଇଲିସ୍ ଅନ୍ଦାଜରେ ଦେଖାଯାଇଛନ୍ତି। ସେ ଜଙ୍ଗଲରେ ବିଛାଯାଇଥିବା ରେଡ୍ କାର୍ପେଟ୍ ଉପରେ ପୋଜ୍ ଦେଉଥିବାର ନଜର ଆସିଛନ୍ତି। ଏହି ପୋଷ୍ଟର୍‌ର କ୍ୟାପସନ୍‌ରେ ଅକ୍ଷୟ ଲେଖିଛନ୍ତି- 'ଆଗାମୀ ଫିଲ୍ମ ୱେଲକମ୍ ଟୁ ଦ ଜଙ୍ଗଲ'। ଏଥିରେ ବଲିଉଡ୍‌ର ୩୦ରୁ ଅଧିକ କଳାକାର କାମ କରୁଛନ୍ତି। ଏହା ଆସନ୍ତା ଜୁନ୍ ୨୬ରେ ପରଦାକୁ ଆସିବ। ଅହମ୍ମଦ ଖାନ୍ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏଥିରେ ଅକ୍ଷୟଙ୍କ ସହ ପରେଶ ରାୱଲ୍, ସୁନୀଲ ସେଟ୍ଟୀ, ଜ୍ୟାକି ସ୍ରଫ୍, ଅରଶଦ ୱାର୍ସି, ଲାରା ଦତ୍ତା, ଦିଶା ପଟାନି, ଜ୍ୟାକଲିନ୍ ଫର୍ଣ୍ଣାଡିଜ୍, ରାଜପାଲ ଯାଦବ ପ୍ରମୁଖ ନଜର ଆସିବେ।

# ନଦୀ ପାଣିରେ ଜଳେ ଦୀପ



ମଧ୍ୟପ୍ରଦେଶ ମାଲୱାସ୍ଥିତ ଗଡ଼ିୟାଘାଟ ମାତା ମନ୍ଦିର ତା'ର ନିଆରା ମାନ୍ୟତା ଓ ରହସ୍ୟମୟୀ ଘଟଣା ଲାଗି ପ୍ରସିଦ୍ଧ। ମନ୍ଦିରଟି କାଳୀସିନ୍ଧ ନଦୀକୂଳରେ ଅବସ୍ଥିତ। ଏହି ମନ୍ଦିର ସମ୍ପର୍କରେ ସବୁଠାରୁ ଖାସ୍ କଥା ହେଉଛି, ଏଠାରେ ଜଳୁଥିବା ଅଖଣ୍ଡ ଦୀପ ପାଇଁ କୌଣସି ଘିଅ କିମ୍ବା ତେଲର ଆବଶ୍ୟକତା ପଡ଼େନାହିଁ। ଏଠାରେ କାଳୀସିନ୍ଧ ନଦୀର ପାଣିକୁ ଦୀପରେ ଢାଳିବା ମାତ୍ରେ ତାହା ଏକ ଚିକ୍କଣ ତରଳ ପଦାର୍ଥରେ ପରିଣତ ହୋଇଯାଏ ଏବଂ ଦୀପଟି ସାଧାରଣ ତେଲ ଦୀପ ଭଳି ଜଳିବାକୁ ଲାଗେ। ଏହି ଚମତ୍କାରିତାକୁ ଦେଖିବା ଲାଗି ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି ସ୍ଥାନକୁ ଆସନ୍ତି। ମନ୍ଦିରର ପୂଜାରୀଙ୍କ କହିବା ଅନୁଯାୟୀ, କିଛି ବର୍ଷ ପୂର୍ବେ ମାଆ ଭବାନୀ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ପାଣିରେ ଦୀପ ଜଳାଇବାକୁ କହିଥିଲେ। ପରଦିନ ସେ ନଦୀର ପାଣି ଆଣି ଚେଷ୍ଟା କରିବା ପରେ ଏହି ଚମତ୍କାର ଆରମ୍ଭ ହୋଇଥିଲା। ଏହି ଘଟଣା ପରେ ପୂଜାରି କିଛି ସମୟ ଲାଗି ଭୟଭୀତ ହୋଇ ଯାଇଥିଲେ। ଫଳରେ ପାଖାପାଖି ଦୁଇ ମାସ ପର୍ଯ୍ୟନ୍ତ ସେ ଏହି କଥାକୁ କାହା ପାଖରେ କହିଲେ ନାହିଁ। ପରେ ଗାଁ ଲୋକଙ୍କୁ ଏ ବିଷୟରେ କହିଲେ। ପ୍ରଥମେ ପ୍ରଥମେ ଏହି କଥାକୁ ଲୋକେ ମଧ୍ୟ ବିଶ୍ୱାସ କଲେ ନାହିଁ। ତେବେ ଲୋକେ ନିଜେ ଯେତେବେଳେ ପାଣିରେ ଦୀପ ଜଳାଇଲେ, ତାହାକୁ ବିଶ୍ୱାସ କଲେ। ଏହା ପରେ ଏହି ଘଟଣା ପୂରା ଅଞ୍ଚଳରେ ବ୍ୟାପି ଗଲା। ସେବେଠୁ ଏହି ମନ୍ଦିରର ଦୀପ କାଳୀସିନ୍ଧ ପାଣିରେ ଜଳୁଛି। ଦୀପରେ ପାଣି ରଖିବା ଦ୍ୱାରା ତାହା ତେଲିଆ ପଦାର୍ଥରେ ପରିଣତ ହୋଇଯାଏ ଏବଂ ଦୀପ ଜଳି ଉଠେ। ଅନେକ ଶ୍ରଦ୍ଧାଳୁ ଏହାକୁ ମାତାଙ୍କ ଚମତ୍କାର ବୋଲି ମାନନ୍ତି। ତେବେ ବର୍ଷା ଦିନରେ ଏହି ଦୀପ ଜଳେ ନାହିଁ। କାରଣ ସେତେବେଳେ ଏହି ନଦୀର ଜଳସ୍ତର ବଢ଼ିଯାଏ ଏବଂ ମନ୍ଦିର ପାଣିରେ ବୁଡ଼ିଯାଏ। ଏଭଳି ସ୍ଥିତିରେ ପୂଜାପାଠ ବନ୍ଦ ହୋଇଥାଏ। ପରେ ଶାରଦୀୟ ନବରାତ୍ରୀରେ ଘଟ ସ୍ଥାପନା ଦିନ ପୁଣି ଥରେ ଦୀପ ଜଳାଯାଏ।

# ବାହାଘରରେ ଅଜବ ବ୍ୟବସ୍ଥା

ସାମାଜିକ ଗଣମାଧ୍ୟମରେ ବର୍ତ୍ତମାନ ବାହାଘରକୁ ନେଇ ଏକ ମଜାଦାର ଭିଡିଓ ଭାଇରାଲ ହୋଇଛି। ବିହାରର ଏହି ବାହାଘରରେ ଯେଉଁ ସବୁ ବ୍ୟବସ୍ଥା କରାଯାଇଛି, ସେସବୁ କରିବା କଥା ହୁଏତ କେହି କେବେ ଭାବି ନ ଥିବେ। କଥାରେ ଅଛି 'ଅତିଥି ଦେବୋ ଭବଃ।' ଏହି କଥାକୁ ଆଧାର କରି ଉକ୍ତ ବାହାଘରରେ ଅତିଥି ସେବାକୁ ପ୍ରାଧାନ୍ୟ ଦିଆଯାଇଛି। ସେଥିପାଇଁ ଏହି ବାହାଘରରେ ନାପିତଙ୍କଠାରୁ ଆରମ୍ଭ କରି ଧୋବାଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ସେହିପରି ବାହାଘରରେ ଯୋଗ ଦେଇଥିବା ଅତିଥିଙ୍କୁ କେବଳ ଖାଦ୍ୟ ନୁହେଁ, ଚୁଟିକଟା, ଲୁଗାସଫାଠାରୁ ଆରମ୍ଭ କରି ଡାକ୍ତରଙ୍କ ପାଖରେ ରୋଗ ଦେଖାଇବା ସୁବିଧା ପ୍ରଦାନ କରାଯାଇଛି। ବିବାହ ସ୍ଥାନରେ ଅଲଗା ଅଲଗା ଜୋନ୍ କରାଯାଇଛି। ସାଧାରଣତଃ ବାହାଘରରେ ଖାଦ୍ୟ, ପାନୀୟ, ପାନ ଆଦିର ଷ୍ଟଲ୍ ରହିଥାଏ। ହେଲେ ଉକ୍ତ ବାହାଘରରେ ଖାଦ୍ୟ ପାନୀୟ ବ୍ୟତୀତ ସେଲୁନ ଷ୍ଟଲ୍ ଅଛି। ଯେଉଁଠାରେ ଅତିଥି କେଶ ତଥା ଦାଢ଼ି ଆରାମରେ କାଟିବାର ସୁବିଧା ଅଛି। ଏହାସହିତ ବାହାଘରକୁ ଆସିଥିବା ଅତିଥି ନିଜ ପୁରୁଣା ତଥା ଇସ୍ତ୍ରୀ ହୋଇ ନ ଥିବା ପୋଷାକକୁ ଧୋବାଙ୍କ ଦ୍ୱାରା ସଫା ବା ଇସ୍ତ୍ରୀ କରିପାରିବେ। କେବଳ ସେତିକି ନୁହେଁ, ବାହାଘରରେ ମେଡିକାଲ ଷ୍ଟଲ୍‌ର ବି ବନ୍ଦୋବସ୍ତ କରାଯାଇଛି। ଯଦି କାହାର ପେଟ ଅଚାନକ ଖରାପ ହୋଇଯାଏ କିମ୍ବା ଝାଡ଼ା, ବାନ୍ତି ଭଳି ସମସ୍ୟା





ଦେଖାଦିଏ, ଡାକ୍ତର ଓଆର୍‌ଏସ୍ ଏବଂ ଅନ୍ୟାନ୍ୟ ଜରୁରି ଔଷଧ ସହିତ ପ୍ରସ୍ତୁତ ରହିଥିବା ଦେଖାଯାଇଥିଲା। ତେବେ ବିହାରରେ ବିବାହ ବଡ଼ ସ୍ତରରେ ଆୟୋଜନ କରାଯାଏ। ଦୂର ଦୂରାନ୍ତରୁ ଅତିଥି ଆସନ୍ତି ଏବଂ ଅନେକ ସମୟରେ ଖାଦ୍ୟ ପାନୀୟ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ତେଣୁ ଆୟୋଜକ ଏହି ସମସ୍ୟା ଉପରେ ପୂରା ଦୃଷ୍ଟି ଦେଇଛନ୍ତି। ଅନ୍ୟପଟେ କିଛି ଲୋକ ଏହି ବ୍ୟବସ୍ଥାକୁ ଦେଖି ଖୁବ୍ ହସିଛନ୍ତି ଓ ମଜା ବି ନେଇଛନ୍ତି। ଏପରିକି ବିଭିନ୍ନ ପ୍ରକାର ଖାଦ୍ୟ ପାନୀୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧାର ଲୋକେ ଆନନ୍ଦ ଉଠାଇଛନ୍ତି। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ବାହାଘରକୁ ଉପଭୋଗ କରିଛନ୍ତି। ଅନ୍ୟପଟେ ବିହାରରେ ଅତିଥି ଭୋକିଲା ତଥା ସମସ୍ୟାରେ ନ ରହିବାର ପରମ୍ପରା ବହୁ ପୁରୁଣା। ତେଣୁ ଏହି ବାହାଘର ଏଭଳି ପରମ୍ପରାକୁ ଆଧୁନିକ ଓ ସୃଜନଶୀଳତାର ସହିତ ପରିଚିତ କରାଇଛି। ତେଣୁ ଆୟୋଜକ ପେସାଦାର ଲୋକଙ୍କୁ ଡାକି ଅତିଥିମାନଙ୍କୁ ଦିନଟିଏ ରାଜକୀୟ ଅନୁଭୂତି ଦେବାକୁ ଚେଷ୍ଟା କରିଥିଲେ।

## ସମ୍ଭାବନା




# ଯୁକ୍ତ ଦୁଇ ପରେ ଡିଜିଟାଲ କୌଶଳ ଶିକ୍ଷା

**ଏକ ରିପୋର୍ଟ ଅନୁସାରେ, ଯୁକ୍ତ ଦୁଇ ପାସ୍ କରିବା ପରେ ଯଦି ପିଲାମାନେ ଠିକ୍ କୌଶଳ ଶିଖିବେ, ତେବେ ଭଲ କ୍ୟାରିୟର ଆରମ୍ଭ କରିପାରିବେ। ଏବେ କେବଳ ଡିଗ୍ରୀ ନୁହେଁ, ବରଂ କୌଶଳ ବି ସଫଳତାର ମାନଦଣ୍ଡ ହୋଇଛି। ତେଣୁ ଛାତ୍ରଛାତ୍ରୀ ଏବେ ଏମିତି କୋର୍ସ ଓ ଟ୍ରେନିଂ ଦିଗକୁ ଅଗ୍ରସର ହେଉଛନ୍ତି, ଯାହାକି ସେମାନଙ୍କୁ ସୁନ୍ଦର କ୍ୟାରିୟର ଓ ଭଲ ପାରିଶ୍ରମିକ ପ୍ରଦାନ କରିବ।**

ଏକ ରିପୋର୍ଟ ଅନୁସାରେ, ଏବେ କେବଳ ଡିଗ୍ରୀ ଯଥେଷ୍ଟ ନୁହେଁ। ଚାକିରି ଓ ଭଲ ଆୟ ପାଇଁ ସ୍କିଲ ବି ଜରୁରି। ତେଣୁ ଛାତ୍ରଛାତ୍ରୀ ଠିକ୍ ସମୟରେ ଜରୁରି ସ୍କିଲ୍ ଶିଖିଲେ, ଆଗକୁ ସେମାନଙ୍କୁ ଭଲ ଚାକିରି ଓ ଦରମା ମିଳିପାରିବ। ଏହି କାରଣ ଯୋଗୁଁ ଏବେ ସ୍କିଲ ବେସଡ୍ କୋର୍ସ ପ୍ରତି ବେଶି ଦୃଷ୍ଟି ଦିଆଯାଉଛି। ଡିଜିଟାଲ ମାର୍କେଟିଂ, ସୋସିଆଲ ମିଡିଆ, କମ୍ପ୍ୟୁଟର ସହ ଜଡ଼ିତ କୌଶଳର ଚାହିଦା ବଢ଼ୁଛି। ଯୁକ୍ତ ଦୁଇ ପରେ ଛାତ୍ରଛାତ୍ରୀ କମ୍ପ୍ୟୁଟର, ଅନଲାଇନ କାମ ଏବଂ ଡିଜିଟାଲ ସ୍କିଲ୍ ଶିଖିଲେ ନିଯୁକ୍ତିର ଭଲ ଅବସର ମିଳିବ। ଡିଜିଟାଲ କୌଶଳ ଶିଖିବାର ବଡ଼ ଲାଭ ହେଉଛି ଜଣେ ଘରେ ବସି ବି କାମ କରିପାରିବେ। ପଢ଼ା ସହିତ ଅନଲାଇନ୍ ପ୍ରୋଜେକ୍ଟ, ଫ୍ରିଲାନ୍ସିଂ ଏବଂ ଛୋଟ ମୋଟ କାମ କରି ଅଭିଜ୍ଞତା ହାସଲ କରି ହେବ। ଏହା ଦ୍ୱାରା ଚାକିରି ମିଳିବା ସହଜ ହୁଏ ଏବଂ ଆତ୍ମନିର୍ଭର ହେବାର ସୁଯୋଗ ମିଳେ।

ସେହିପରି ସ୍କିଲ ଶିଖୁଥିବା ଯୁବପିଢ଼ିଙ୍କୁ କମ୍ପାନି ବେଶି ପସନ୍ଦ କରେ। ତା'ସହ ଯେଉଁମାନଙ୍କ ପାଖରେ ପ୍ରାକ୍ଟିକାଲ ଜ୍ଞାନକୌଶଳ, କମ୍ୟୁନିକେସନ ସ୍କିଲ ଏବଂ କାମ କରିବା କ୍ଷମତା ଥାଏ, କମ୍ପାନିରେ ଗୁରୁତ୍ୱ ସେମାନଙ୍କର ଅଧିକ ବେଢ଼। ତେଣୁ ଠିକ୍ ଜ୍ଞାନକୌଶଳ ଓ ପରିଶ୍ରମ ଦ୍ୱାରା ବିଦ୍ୟାର୍ଥୀ ନିଜ ଭବିଷ୍ୟତକୁ ସୁଦୃଢ଼ କରିପାରିବେ।

# ୱାର୍କ ଫ୍ରମ୍ ହୋମ୍ ଚାକିରିରୁ ବଢ଼ୁଛି ନୂଆ ଅବସର



**ବର୍ତ୍ତମାନ ଅନଲାଇନ୍ ରୋଜଗାର ଅବସର ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ତେଣୁ ଏମିତି ସବୁ ପ୍ଲାଟଫର୍ମ ତିଆରି ଉପରେ ଏବେ ଦୃଷ୍ଟି ଦିଆଯାଉଛି, ଯେଉଁଥିରେ ଘରେ ବସି ରୋଜଗାର କରି ହେବ। ଏ ଦୃଷ୍ଟିରୁ ଆଗାମୀ ଦିନରେ ୱାର୍କ ଫ୍ରମ୍ ହୋମ ଚାକିରିର ଚାହିଦା ବୃଦ୍ଧି ପାଇବା ଆଶା କରାଯାଉଛି।**

**କ୍ରିଏଟିଭ୍ ରାଇଟିଂ:** ଲେଖାଲେଖି ପସନ୍ଦ ଥିଲେ କ୍ରିଏଟିଭ୍ ରାଇଟିଂ କ୍ଷେତ୍ରକୁ ବାଛିପାରିବେ। କଣ୍ଟେଣ୍ଟ ରାଇଟିଂ ପାଇଁ ଅନେକ କମ୍ପାନି ଅଛି। ଯାହାକି ଘରୁ କାମ କରିବାର ସୁଯୋଗ ଦିଏ। ଏ କ୍ଷେତ୍ରରେ ଗୋଟିଏ ଆର୍ଟିକଲ ପାଇଁ ଭଲ ପାରିଶ୍ରମିକ ମିଳିଥାଏ।

**ସୋସିଆଲ ମିଡିଆ ମ୍ୟାନେଜମେଣ୍ଟ:** ସୋସିଆଲ ମିଡିଆ ସମ୍ଭାଳି ପାରୁଥିଲେ ଏହାକୁ ମ୍ୟାନେଜ କରିକି ଭଲ ଆୟ କରିବା ସହଜ। ଅନେକ କମ୍ପାନି ଅଛି, ଯାହାକି ଇନଷ୍ଟାଗ୍ରାମ ତଥା ଫେସବୁକ ଭଳି ପ୍ଲାଟଫର୍ମକୁ ସମ୍ଭାଳିବା ପାଇଁ ରିମୋଟ୍ ଚାକିରି ପ୍ରଦାନ କରନ୍ତି। ଏ କ୍ଷେତ୍ରରେ ଏକ୍ସପର୍ଟ ଥିଲେ କିମ୍ବା କ୍ରିଏଟିଭ୍ ଷ୍ଟ୍ରାଟେଜି ତିଆରି କରିପାରୁଥିଲେ, ଘରେ ବସି ଚାକିରି କରିପାରିବେ।

**ଗ୍ରାଫିକ୍ ଡିଜାଇନିଂ:** ଗ୍ରାଫିକ୍ ମାମଲାରେ ଭଲ ଅଭିଜ୍ଞତା ଥିଲେ ଏହି ଚାକିରି କରିପାରିବେ। କିଛି କମ୍ପାନି ୱାର୍କ ଫ୍ରମ ହୋମ୍ କରାଉଛନ୍ତି। ଏହିପ୍ରକାରେ ଭିଡିଓ ଏଡିଟିଂର ଚାକିରି ଘରେ ବସି କରିବା ସମ୍ଭବ। ସେହିପରି ଭିଡିଓ ଏଡିଟରଙ୍କ ଚାହିଦା ଏବେ ଖୁବ୍ ବେଶି। ସେମାନେ ଭଲ ପାରିଶ୍ରମିକ ସହିତ ୱାର୍କ ଫ୍ରମ୍ ହୋମ୍ ତଥା ଫ୍ରିଲାନ୍ସ କାମ ହାସିଲ କରିପାରିବେ।

# ଶ୍ରେଣୀରେ ପଛୁଆ ରହୁଥିଲେ


**ଅନେକ ପିଲା ଏମିତି ଅଛନ୍ତି, ମନଧ୍ୟାନ ଦେଇ ପାଠ ପଢ଼ିବା ପରେ ବି ଶ୍ରେଣୀରେ ଭଲ ପ୍ରଦର୍ଶନ କରି ନ ଥାନ୍ତି। ତେବେ ଶ୍ରେଣୀରେ ତଥା ଟ୍ୟୁସନ୍‌ରେ ଅନ୍ୟମନସ୍କ ରହୁଥିବା ଛାତ୍ରଛାତ୍ରୀ ହିଁ ପଢ଼ାରେ ପଛୁଆ ରହନ୍ତି। ଅବଶ୍ୟ ସେମାନଙ୍କ ବିଫଳତା ପଛରେ କିଛି ଅଭ୍ୟାସ ହିଁ ଦାୟୀ।**

- ଏଭଳି ବିଦ୍ୟାର୍ଥୀ ଶ୍ରେଣୀଗୃହରେ ପଢ଼ା ସମୟରେ ଶିକ୍ଷକଙ୍କ କଥାକୁ ଧ୍ୟାନରେ ଶୁଣି ନ ଥାନ୍ତି। ଏହାସହ ପାଠକୁ ମଧ୍ୟ ଭଲଭାବେ ବୁଝି ନ ଥାନ୍ତି। ସେଥିପାଇଁ ସେମାନେ ପଛୁଆ ରହନ୍ତି।
- ଦୁର୍ବଳ ଛାତ୍ରଛାତ୍ରୀ ଜାଣିପାରି ନ ଥାନ୍ତି କ'ଣ ପଢ଼ିବେ ଓ କେଉଁ ବିଷୟ ପଢ଼ିବେ।
- ପାଠ ବୁଝିପାରୁ ନ ଥିବାରୁ ପଢ଼ା ପ୍ରତି ଆଗ୍ରହ ଆସି ନ ଥାଏ। ଯଦ୍ଦ୍ୱାରା ସେମାନେ ଅନ୍ୟମାନଙ୍କଠାରୁ ପଛରେ ରହନ୍ତି।
- ନିୟମିତ ପାଠ ନ ପଢ଼ିବା ଏବଂ ପରୀକ୍ଷାର କିଛିଦିନ ପୂର୍ବରୁ ପଢ଼ିବା ଦ୍ୱାରା ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରି ନ ଥାନ୍ତି।
- ସେହିପରି ଏକୁଟିଆ ପଢ଼ିବା ଏବଂ କାହାର ସାହାଯ୍ୟ ନ ନେବା ମଧ୍ୟ ବିଫଳତାର ଅନ୍ୟତମ କାରଣ।

# ଅଫିସ୍ କାମରେ ଏଆଇ ବ୍ୟବହାର

ବର୍ତ୍ତମାନ ପ୍ରତ୍ୟେକ କାମରେ ଏଆଇର ବ୍ୟବହାର କରାଯାଉଛି। ବିଭିନ୍ନ କମ୍ପାନି ବି ଏଆଇ ଟୁଲ୍‌କୁ ଆପଣାଉଛନ୍ତି। ଏ ଦୃଷ୍ଟିରୁ ସ୍ମାର୍ଟ କାମ ଲାଗି ଏଆଇ ବ୍ୟବହାର କରାଯାଇପାରିବ। ତେବେ ଏହାକୁ ଠିକ୍ ଉପାୟରେ ବ୍ୟବହାର କଲେ ଅଫିସ୍ କାମ ସହଜ ଏବଂ ଶୀଘ୍ର ଶେଷ ହୋଇପାରିବ।

- ଅନେକ ଏଆଇ ଟୁଲ୍ ଅଛି, ଯାହାକୁ ଉପଯୋଗ କରି ପ୍ରଫେସନାଲ ଇ-ମେଲ ତଥା ମେସେଜ ଲେଖିପାରିବେ। ଏ ଲାଗି ଏଆଇ ଟୁଲ୍‌କୁ ପ୍ରମ୍ପ୍ଟ ଦେବାକୁ ହୁଏ। ଚାଟ୍‌ଜିପିଟି, ଜେମିନି ଭଳି ଏଆଇ ଟୁଲ୍ ଦ୍ୱାରା ଇ-ମେଲ, କାମର ରିପୋର୍ଟ ଆଦି ପ୍ରସ୍ତୁତ କରିପାରିବେ।
- ଏଆଇ ଡାଟା ଆନାଲିସିସ୍ ବା ତଥ୍ୟ ବିଶ୍ଳେଷଣର କାମ କରିପାରିବ। ଏକ୍ସେଲ ତଥା ଗୁଗଲ ସିଟ୍‌ରେ ବି ଏଆଇ ଫିଚର୍‌ର ଉପଯୋଗ କରିପାରିବେ। ଏହାବାଦ୍ ଏଆଇ କୌଣସି ପ୍ରକାର ତଥ୍ୟକୁ ବିଶ୍ଳେଷଣ କରିବା କାମ କରେ।
- ମିଟିଂ ସମୟରେ ଏଆଇ ଟୁଲ୍ ମାଧ୍ୟମରେ ମିଟିଂକୁ ରେକର୍ଡ କରିକି ତାହାର ସମରି ସହଜରେ ପ୍ରସ୍ତୁତ କରିପାରିବେ।
- ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ବି ଏଆଇ ପ୍ରସ୍ତୁତ କରିପାରିବ। ଏଆଇ ଦ୍ୱାରା କାମର ଆଗାମୀ ଯୋଜନା ପ୍ରସ୍ତୁତ କରିବା ସମ୍ଭବ।
- ସେହିପରି ଏଆଇ ଆଧାରିତ ଆପ୍ ପ୍ରତିଦିନ କାମ ତାଲିକାକୁ ଆପେ ଆପେ ନିୟନ୍ତ୍ରଣ କରିଥାଏ ଏବଂ ରିମାଇଣ୍ଡର ପ୍ରଦାନ କରେ। ଏହା ଦ୍ୱାରା କାମକୁ ଠିକ୍ ସମୟରେ ପୂରା କରିବାରେ ସାହାଯ୍ୟ ମିଳେ।



# ହ୍ୱାଟ୍ସଆପ୍‌ର ନୂଆ ଫିଚର୍

**ଲୋକପ୍ରିୟ ମେସେଜିଂ ଆପ୍ ହ୍ୱାଟ୍ସଆପ୍ ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ଲାଗି ନୂଆ ପ୍ରାଇଭେସି ଫିଚର୍ ପରୀକ୍ଷା କରୁଛି। ଏହି ଫିଚର୍‌ର ବିଶେଷତ୍ୱ ହେଉଛି ମେସେଜ ପଢ଼ିବାର କିଛି ସମୟ ପରେ ଆପେ ଆପେ ଡିଲିଟ୍ ହୋଇଯିବ।**

ଏହି ନୂଆ ଫିଚର୍‌ର ନାଁ 'ଆଫ୍ଟର ରିଡିଂ।' ଯାହାକି ଡିଜାପିଅରିଂ ମେସେଜ ସେଟିଂରେ ମିଳିବ। ବ୍ୟବହାରକାରୀ ମେସେଜ ପଢ଼ିବା ପରେ ୫ ମିନିଟ୍, ଘଣ୍ଟାଏ, ୧୨ ଘଣ୍ଟାରୁ କୌଣସି ସମୟ ସୀମା ବାଛିପାରିବେ। ଯଦି ରିସିଭର ମେସେଜ ଖୋଲିବ ନାହିଁ, ତେବେ ଏହା ୨୪ ଘଣ୍ଟା ପରେ ଆପେ ଆପେ ଡିଲିଟ୍ ହୋଇଯିବ।

ହ୍ୱାଟ୍ସଆପ୍‌ରେ ଏବେ ଥିବା ଡିଜାପିଅରିଂ ମେସେଜ ସିଷ୍ଟମରେ ୨୪ ଘଣ୍ଟା, ୭ ଦିନ, ୯୦ ଦିନର ସମୟସୀମା ମିଳିଥାଏ। ରିପୋର୍ଟରେ କୁହାଯାଇଛି, ନୂଆ ଆଫ୍ଟର ରିଡିଂ ଫିଚର ଏହା ସହିତ କାମ କରିବ। ବ୍ୟବହାରକାରୀ ଏହି ସିଷ୍ଟମକୁ କୌଣସି ଗୋଟିଏ ଚାଟ୍ ଏବଂ ସମସ୍ତ ନୂଆ ଚାଟ୍ ପାଇଁ ସକ୍ରିୟ କରିପାରିବେ। ସେହିପରି ରିପୋର୍ଟରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଏହି ଫିଚର ଆପେ ଆପେ କାମ କରିବ ନାହିଁ, ବରଂ ବ୍ୟବହାରକାରୀଙ୍କୁ ଆପେ ଆପେ ସେଟ୍ କରିବାକୁ ପଡ଼ିବ। ତେବେ ଚାଟ୍ ଉପରେ ଏହା କୌଣସି ପ୍ରଭାବ ପକାଇବ ନାହିଁ। ଅନ୍ୟପଟେ ଏହି ଫିଚର୍ ସମସ୍ତ ବ୍ୟବହାରକାରୀଙ୍କ ପାଇଁ କେବେ ଲାଗୁ ହେବ, ସେ କଥା କୁହାଯାଇ ନାହିଁ।

### ଆଫଗାନିସ୍ତାନ ବିପକ୍ଷ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ଟେଷ୍ଟ ଦଳରେ ହର୍ଷ, ଗୁରନୁର୍ ଓ ସୁତାର ସାମିଲ


ହର୍ଷ ଦୁବେ


ଗୁରନୁର ବ୍ରାର୍

- ଶୁବମନ ଗିଲ୍‌ଙ୍କୁ ଉଭୟ ଦଳର ନେତୃତ୍ୱ
- ଟେଷ୍ଟରେ ରାହୁଲ, ଦିନିକିଆରେ ଶ୍ରେୟସ ଡେପୁଟି
- ଯଶପ୍ରୀତ୍ ବୁମ୍‌ରା, ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ
- ଟେଷ୍ଟ ଜୁନ୍ ୬ରୁ, ଦିନିକିଆ ସିରିଜ୍ ୧୪ରୁ ଆରମ୍ଭ

ଗୁଆହାଟୀ,୧୯।୫(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ଓ ଦିନିକିଆ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ଶୁଭମନ ଗିଲ୍‌ଙ୍କୁ ଉଭୟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ପଞ୍ଜାବର ମୁଲାନପୁରରେ ଜୁନ୍ ୬ରୁ ଆରମ୍ଭ ହେବାକୁ ଯାଉଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ଲାଗି ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ସ୍ପିନ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ ଦିଆଯାଇଛି। ସେହିପରି ୱିକେଟରକ୍ଷକ ରଷଭ ପନ୍ତଙ୍କୁ ଉପଅଧିନାୟକ ପଦରୁ ଅବ୍ୟାହତି ଦିଆଯାଇ ଲୋକେଶ ରାହୁଲଙ୍କୁ ଦିଆଯାଇଛି। ଦଳରେ ୩ଜଣ ନୂଆମୁହଁଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ ରାଜସ୍ଥାନର ସ୍ପିନ୍ ବୋଲିଂ ଅଲରାଉଣ୍ଡର ମାନବ ସୂତାର, ବିଦର୍ଭ ସୀମିତ ଓଭର ସିରିଜ୍ ଅଧିନାୟକ ହର୍ଷ ଦୁବେ ଓ ପଞ୍ଜାବ ଫାଷ୍ଟ ବୋଲର ଗୁରନୁର ବ୍ରାରଙ୍କୁ ଦଳରେ ସ୍ଥାନ ଦିଆଯାଇଛି। ରଣଜୀ ଚାମ୍ପିଅନ ଜମ୍ମୁ-କଶ୍ମୀରର ଆକ୍ୱିବ ଦରଙ୍କୁ ସ୍ଥାନ ମିଳିବ ବୋଲି ଆଶା କରାଯାଉଥିଲେ ମଧ୍ୟ ଚୟନକର୍ତ୍ତାଙ୍କ ପସନ୍ଦର ହୋଇନାହାନ୍ତି। ଏହି ୩ଜଣଙ୍କ ମଧ୍ୟରୁ ସୂତାର ଓ ବ୍ରାର ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟାନ୍ସ ଦଳରେ ଗିଲ୍‌ଙ୍କ ସହଯୋଗୀ ରହିଛନ୍ତି। ହର୍ଷ ହାଇଦରାବାଦ୍‌କୁ ପ୍ରତିନିଧିତ୍ୱ କରୁଛନ୍ତି। ଦକ୍ଷିଣ ଆଫ୍ରିକା ସହ ଭାରତ ଶେଷଥର ଟେଷ୍ଟ ମ୍ୟାଚ୍ ରଷଭ ପନ୍ତଙ୍କ ନେତୃତ୍ୱରେ ଖେଳିଥିଲା। ଆଫଗାନିସ୍ତାନ ବିପକ୍ଷରେ ଭାରତ ଦ୍ୱିତୀୟଥର ଏକ ଟେଷ୍ଟ ମ୍ୟାଚ୍ ଖେଳିବ।

**ସିରିଜ୍‌ର ଖେଳସୂଚୀ**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ଜୁନ୍ ୬ରୁ ୧୦ | ଏକମାତ୍ର ଟେଷ୍ଟ | ମୁଲାନପୁର |
| ଜୁନ୍ ୧୪ | ପ୍ରଥମ ଦିନିକିଆ | ଧର୍ମଶାଳା |
| ଜୁନ୍ ୧୭ | ଦ୍ୱିତୀୟ ଦିନିକିଆ | ଲକ୍ଷ୍ନୌ |
| ଜୁନ୍ ୨୦ | ତୃତୀୟ ଦିନିକିଆ | ଚେନ୍ନଇ |

**ଭାରତୀୟ ଟେଷ୍ଟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ (ଉପଅଧିନାୟକ), ବି ସାଇ ସୁଦର୍ଶନ, ରଷଭ ପନ୍ତ୍ ଓ ଧ୍ରୁପ ଜୁରେଲ (ଉଭୟ ୱିକେଟରକ୍ଷକ), ଦେବଦତ୍ତ ପାଡିକଲ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମାନବ ସୂତାର, ହର୍ଷ ଦୁବେ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଗୁରନୁର ବ୍ରାର୍।

## ଦିନିକିଆ ଦଳରେ ବିରାଟ, ରୋହିତ ଓ ପାଣ୍ଡ୍ୟା ସାମିଲ


ମାନବ ସୂତାର- ଟେଷ୍ଟ


ପ୍ରିନ୍ସ ଯାଦବ (ଦିନିକିଆ)

ଏକମାତ୍ର ଟେଷ୍ଟ ମ୍ୟାଚ୍ ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଧର୍ମଶାଳାରେ ଜୁନ୍ ୧୪, ଲକ୍ଷ୍ନୌରେ ଜୁନ୍ ୧୭ ଓ ଚେନ୍ନଇରେ ଜୁନ୍ ୨୦ରେ ଖେଳାଯିବ। ଦିନିକିଆ ମ୍ୟାଚ୍ ଗୁଡିକ ଦିବାରାତ୍ର ଏବଂ ଅପରାହ୍ଣ ୧ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ଶୁବମନଙ୍କ ନେତୃତ୍ୱରେ ୧୫ଜଣିଆ ଦଳ ଚୟନ କରାଯାଇଛି। ଏହି ଦଳରେ ଦୁଇ କିଂବଦନ୍ତୀ ଖେଳାଳି ବିରାଟ କୋହଲି, ରୋହିତ ଶର୍ମାଙ୍କୁ ସାମିଲ କରାଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ ସ୍ଥାନ ଦିଆଯାଇଛି। କିନ୍ତୁ ରୋହିତ ଓ ହାର୍ଦ୍ଦିକ ଫିଟ୍ ରହିଲେ ସିରିଜ୍‌ରେ ଖେଳିପାରିବେ। ଲୋକେଶ ରାହୁଲ ଦଳକୁ ଫେରିଥିଲାବେଳେ ଶ୍ରେୟସ ଆୟରଙ୍କୁ ଦଳରେ ସାମିଲ କରାଯାଇଛି। ଟେଷ୍ଟ ଦଳରେ ସ୍ଥାନ ପାଇଥିବା ଗୁରନୁର ବ୍ରାର୍, ହର୍ଷ ଦୁବେ ଓ ପ୍ରିନ୍ସ ଯାଦବଙ୍କ ପରି ନୂଆ ଖେଳାଳିମାନେ ସାମିଲ ହୋଇଛନ୍ତି। ପ୍ରିନ୍ସ ଯାଦବ ଚଳିତ ଆଇପିଏଲ୍‌ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି।

**ଘୋଷିତ ଦିନିକିଆ ଦଳ:** ଶୁବମନ ଗିଲ (ଅଧିନାୟକ), ବିରାଟ କୋହଲି, ରୋହିତ ଶର୍ମା, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷ ଦୁବେ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର ଓ ପ୍ରିନ୍ସ ଯାଦବ।

# ଷଷ୍ଠଥର ଲାଗି ଫିଫା ବିଶ୍ୱକପ୍ ଖେଳିବେ ରୋନାଲ୍ଡୋ



ଲିସବନ, ୧୯।୫ (ଏଜେନ୍ସି): ଫୁଟ୍‌ବଲର ସର୍ବୋଚ୍ଚ ପ୍ରତିଯୋଗିତା ଫିଫା ବିଶ୍ୱକପର ୨୩ତମ ସଂସ୍କରଣ ଜୁନ ୧୧ରୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଆମେରିକା, କାନାଡା ଓ ମେକ୍ସିକୋରେ ମିଳିତ ଭାବେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟ ଲାଗି ମଙ୍ଗଳବାର କୋଚ୍ ରବର୍ଟ ମାର୍ଟିନେଜ ୨୬ ଜଣିଆ ପର୍ତ୍ତୁଗାଲ ଦଳ ଘୋଷଣା କରିଛନ୍ତି। ଭେଟେରାନ ଷ୍ଟ୍ରାଇକର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ଘୋଷିତ ଦଳର ନେତୃତ୍ୱ ଭାର ଦିଆଯାଇଛି। ୪୧ ବର୍ଷୀୟ ଏହି କିମ୍ବଦନ୍ତୀ ଖେଳାଳି ରେକର୍ଡ ଷଷ୍ଠଥର ଲାଗି ବିଶ୍ୱକପ୍ ଖେଳିବେ। ଅନ୍ତର୍ଜାତୀୟ ପୁରୁଷ ଫୁଟ୍‌ବଲ ଇତିହାସରେ ରୋନାଲ୍ଡୋ ସର୍ବକାଳୀନ ସର୍ବାଧିକ ୧୪୩ଟି ଗୋଲ୍ ଦେଇଛନ୍ତି। କିନ୍ତୁ ତାଙ୍କ ଦଳ ଆଜି ପର୍ଯ୍ୟନ୍ତ ବିଶ୍ୱକପ୍ ବିଜୟ ସ୍ୱାଦ ଚାଖିପାରିନାହିଁ। ରୋନାଲ୍ଡୋଙ୍କ ସମେତ ଆର୍ଜେଣ୍ଟିନା ତାରକା ଲିଓନେଲ ମେସି ମଧ୍ୟ ଶେଷ ଓ ରେକର୍ଡ ୬ଷ୍ଠଥର ଲାଗି ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଛନ୍ତି। ବିଶ୍ୱକପ୍‌ରେ କଙ୍ଗୋ, କଲମ୍ବିଆ ଓ ଉଜବେକିସ୍ତାନ ସହ ପର୍ତ୍ତୁଗାଲ୍ ଗ୍ରୁପ୍-କେ'ରେ ସ୍ଥାନ ପାଇଛି। ଜୁନ ୧୭ରେ କଙ୍ଗୋ ସହ ଖେଳି ପର୍ତ୍ତୁଗାଲ ଅଭିଯାନ ଆରମ୍ଭ କରିବ। ତେବେ ବିଶ୍ୱକପ୍ ପୂର୍ବରୁ ପର୍ତ୍ତୁଗାଲ ଚିଲି ଓ ନାଇଜେରିଆ ସହ ଅଭ୍ୟାସମୂଳକ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

# ଭାରତରେ ଖେଳାଯିବ ବିଗ୍ ବାସ୍ ଲିଗ୍

ଚେନ୍ନଇ, ୧୯।୫ (ଏଜେନ୍ସି): କ୍ରିକେଟ୍ ଅଷ୍ଟ୍ରେଲିଆ ଦ୍ୱାରା ଆୟୋଜିତ ହେଉଥିବା ବିଗ୍ ବାସ୍ ଲିଗ୍ (ବିବିଏଲ)ର ଆଗାମୀ ୧୬ତମ ସଂସ୍କରଣର କେତୋଟି ମ୍ୟାଚ୍ ଭାରତରେ ଆୟୋଜିତ ହେବ। ଯେଉଁଥିରେ ଡିସେମ୍ବରରେ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍ ଚେନ୍ନଇ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯିବା ପାଇଁ ସ୍ଥିର କରାଯାଇଛି। ଯଦି ବିବିଏଲ୍‌ର ପ୍ରଥମ ମ୍ୟାଚ୍ ଚେନ୍ନଇରେ ଅନୁଷ୍ଠିତ ହୁଏ, ତେବେ ଉଦଘାଟନୀ ସମାରୋହ ମଧ୍ୟ ସେଠାରେ ଅନୁଷ୍ଠିତ ହୋଇପାରେ। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ମଧ୍ୟ ଏହାକୁ ଅନୁମୋଦନ କରିଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଗତକାଲି ଚେନ୍ନଇରେ ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍ ସମୟରେ କ୍ରିକେଟ ଅଷ୍ଟ୍ରେଲିଆର ୫ ଜଣିଆ ଦଳ ଯାଞ୍ଚ ପାଇଁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ବିସିସିଆଇ ସଭାପତି ମିଥୁନ ମାନହାସ ମଧ୍ୟ ଉପସ୍ଥିତ ରହି ଅଷ୍ଟ୍ରେଲୀୟ ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ କ୍ରିକେଟ୍ ଅଷ୍ଟ୍ରେଲିଆ ଏହାର ଲିଗକୁ ବିଶ୍ୱବ୍ୟାପୀ ବିସ୍ତାର କରିବାକୁ ଚାହୁଁଛି। ଯଦି ଭାରତରେ ଏହା ଖେଳାଯିବ ତେବେ ପ୍ରଥମଥର ଅଷ୍ଟ୍ରେଲିଆ ବାହାରେ ଏକ ବିବିଏଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

# ଡି କକ୍, ବାୱା ବାଦ୍

ମୁମ୍ବଇ,୧୯।୫(ଏଜେନ୍ସି): ଆଘାତଜନିତ କାରଣରୁ କ୍ୱିଣ୍ଟନ ଡି କକ୍ ଓ ରାଜ ଅଙ୍ଗଦ ବାୱା ୨୦୨୬ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି। ଉଭୟ ଖେଳାଳି ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ଖେଳୁଥିଲେ। ଦଳ ଏବେ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିଲାବଳେ ସେମାନଙ୍କ ସ୍ଥାନରେ ବଦଳ ଖେଳାଳି ଘୋଷଣା କରାଯିବ। ଦଳର ଆଉ ଦୁଇଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ତାହା ମଧ୍ୟରୁ ମେ ୨୦ରେ କୋଲକାତା ନାଇଟ ରାଇଡର୍ସ ଓ ମେ ୨୪ରେ ରାଜସ୍ଥାନ ରୟାଲ୍ସର ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଉଭୟ ଖେଳାଳିଙ୍କୁ ସେମାନଙ୍କ ଘରକୁ ପଠାଇଦିଆଯାଇଛି। ଡି କକ୍ ୩ଟି ମ୍ୟାଚ୍ ଖେଳି ୧୩୨ ରନ୍ କରିଥିଲେ। ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ସେ ୧୧୨ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ।

# କମନୱେଲଥ ୟୁଥ୍ ଚେସ୍: ସାତ୍ତ୍ୱିକଙ୍କୁ କାଂସ୍ୟ

ଭୁବନେଶ୍ୱର, ୧୯।୫ (ସମିସ): ଶ୍ରୀଲଙ୍କାର ରାଜଧାନୀ କଲମ୍ବୋଠାରେ ଚାଲିଥିବା ଫିଡେ କମନୱେଲଥ୍ ୟୁଥ୍ ରାପିଡ୍ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୦ ବର୍ଷରୁ କମ୍ ବର୍ଗରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ କାଂସ୍ୟ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ



ଆଣିଛନ୍ତି। ଅନ୍ୟତମ ଭାରତୀୟ ପ୍ରତିଯୋଗୀ ତାମିଲନାଡୁର ତାମିଜ ଅମୁଧାନ ଓ କାଭିସ ପଲାନିଆପ୍ପାନ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ତାମିଜ ୭ ରାଉଣ୍ଡରୁ ୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନରେ ରହିଥିଲେ ମଧ୍ୟ ସେ ତାଙ୍କର ଏକମାତ୍ର ପରାଜୟ ସାତ୍ତ୍ୱିକଙ୍କଠାରୁ ବରଣ କରିଥିଲେ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ସୁନାମଧନ୍ୟ ଚେସ୍ ଖେଳାଳି ତଥା ପ୍ରଶିକ୍ଷକ ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରଜ୍ଞ ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ।

### ସୂର୍ଯ୍ୟବଂଶୀଙ୍କ ସାମ୍ନାରେ ମାର୍ଶ-ଇଂଲିଶ ଫେଲ୍

# ବିଜୟ ସହ ରାଜସ୍ଥାନର ଆଶା ଉଜ୍ଜୀବିତ



ଜୟପୁର,୧୯।୫(ଏଜେନ୍ସି): ଯୁବ ବିସ୍ଫୋରକ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ବିଧ୍ୱଂସୀ ପାଳି ବଳରେ ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଅନୁଷ୍ଠିତ ୬୪ତମ ଲିଗ୍ ମ୍ୟାଚରେ ରାଜସ୍ଥାନ ରୟାଲ୍ସର ୭ ୱିକେଟରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସକୁ ପରାସ୍ତ କରିଛି। ଫଳରେ ୧୩ତମ ମ୍ୟାଚରୁ ୭ମ ବିଜୟ ସହିତ ରାଜସ୍ଥାନ ୧୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନକୁ ଉଠିଛି। ଏଥିସହ ରାଜସ୍ଥାନର ପ୍ଲେ-ଅଫ୍ ଖେଳିବା ଆଶା ଆଉ ଗୋଟିଏ ପାଦ ବଢ଼ିଛି। ରାଜସ୍ଥାନ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ମେ ୨୪ରେ ମୁମ୍ବଇ ଇଣ୍ଡିଆନ୍ସକୁ ଭେଟିବ। ଏହି ମ୍ୟାଚର ଫଳାଫଳ ଉପରେ ହିଁ ଦଳର ଭାଗ୍ୟ ନିର୍ଦ୍ଧାରଣ ହେବ। ଅପରପକ୍ଷରେ ପୂର୍ବରୁ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିବା ସୁପର୍ ଜାଏଣ୍ଟ୍ସ ୧୩ତମ ମ୍ୟାଚରୁ ୯ମ ପରାଜୟବରଣ କରିଛି। ସ୍ଥାନୀୟ ସୱାଇ ମାନସିଂ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପକ୍ଷରୁ ୨୨୧ ରନର ବିଶାଳ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରିଥିବା ଘରୋଇ ରାଜସ୍ଥାନ ୫ଟି ବଲ୍ ବଳକା ଥାଇ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ସୂର୍ଯ୍ୟବଂଶୀ ୩୮ଟି ବଲ୍‌ରେ ୯୩ ରନର ବିଧ୍ୱଂସୀ ପାଳି ଖେଳି ସୁପର୍ ଜାଏଣ୍ଟ୍ସ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ଏହି ପାଳିରେ ୭ଟି ଚୌକା ଓ ୧୦ଟି ଛକା ମାରିଥିଲେ। ଏଥିସହ ଚଳିତ ଆଇପିଏଲ୍‌ରେ ତାଙ୍କ ଛକା ସଂଖ୍ୟା ୫୩ରେ ପହଞ୍ଚିଛି। ଆଇପିଏଲ୍‌ର ଗୋଟିଏ ସିଜନରେ ସର୍ବାଧିକ ଛକା ମାରିବାର ରେକର୍ଡ କ୍ରିସ ଗେଲ୍ (୫୯ଟି ଛକା, ୨୦୧୨ ସିଜନରେ)ଙ୍କ ନାମରେ ରହିଛି। ରାଜସ୍ଥାନ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ କାମଚଳା ଅଧିନାୟକ ଯଶସ୍ୱୀ ଜୟସ୍ୱାଲ ୪୩, ଲୁଆନ-ଡି ପ୍ରିଟୋରିୟସ ୭ ରନରେ ଆଉଟ୍ ହୋଇଥିଲେ। ଧ୍ରୁବ ଜୁରେଲ ୫୩ ଓ ଡୋନୋଭାନ ଫେରେରା ୧୬ ରନ କରି ଅପରାଜିତ ରହିଥିଲେ। ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସୁପର ଜାଏଣ୍ଟ୍ସ ଓପନର୍ ମିଚେଲ ମାର୍ଶ (୫୭ଟି ବଲରେ ୯୭ ରନ) ଓ ଜୋଶ୍ ଇଂଲିଶ (୨୯ ବଲରେ ୬୦)ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୫ ୱିକେଟରେ ୨୨୦ ରନର ସମ୍ମାନଜନକ ସ୍କୋର କରିଥିଲା। ଅଧିନାୟକ ରଷଭ ପନ୍ତ ୨୩ ବଲରେ ୩୫ ରନ କରିଥିଲେ।

**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୦ | ୧୮ | +୧.୦୬୫ |
| ଗୁଜରାଟ | ୧୩ | ୮ | ୫ | ୦ | ୧୬ | +୦.୪୦୦ |
| ହାଇଦରାବାଦ | ୧୩ | ୮ | ୫ | ୦ | ୧୬ | +୦.୩୫୦ |
| ରାଜସ୍ଥାନ | ୧୩ | ୭ | ୬ | ୦ | ୧୪ | +୦.୦୮୩ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| ଚେନ୍ନଇ | ୧୩ | ୬ | ୭ | ୦ | ୧୨ | -୦.୦୧୬ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| କୋଲକାତା | ୧୨ | ୫ | ୬ | ୧ | ୧୧ | -୦.୦୩୮ |
| ମୁମ୍ବଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ) | ୧୩ | ୪ | ୯ | ୦ | ୮ | -୦.୭୦୨ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

**ଆଜିର ଆଇପିଏଲ୍ ମ୍ୟାଚ୍**
କୋଲକାତା ବନାମ ମୁମ୍ବଇ
ଭେନ୍ୟୁ -କୋଲକାତା
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ୨୫-୦ ଗୋଲ୍‌ରେ ଜିତିଲା ଏସଆର୍‌ଏମ୍ ସ୍ପୋର୍ଟ୍ସ କ୍ଲବ୍

ଭୁବନେଶ୍ୱର, ୧୯।୫ (ସମିସ): ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲୁଏଫ୍) ଫୁଟ୍‌ବଲ ପ୍ରତିଯୋଗିତାର ୨୦୨୬ ସଂସ୍କରଣ



**ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଘାଟିତ**

ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ କଟକ ଓ ଭୁବନେଶ୍ୱରରେ ଦୁଇଟି ଜୋନରେ ଖେଳାଯାଉଛି। ପ୍ରଥମ ଦିବସରେ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଉମରକୋଟର ଏସଆରଏମ ସ୍ପୋର୍ଟିଂ କ୍ଲବ ୨୫-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ଗଞ୍ଜାମ ଏକାଦଶକୁ ପରାସ୍ତ କରିଛି। ସେହିଭଳି ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଓଡ଼ିଶା ପୁଲିସ ୨-୦ ଗୋଲ୍‌ରେ କିଟ୍-କିସ୍ ଦଳକୁ ହରାଇଦେଇଛି। କଟକ ଜୋନରେ ପୁଲିସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୭-୧ ଗୋଲ୍‌ରେ ଏକପାଖିଆ ଭାବେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଯୋଡ଼ା)କୁ ହରାଇ ଅଭିଯାନ ଆରମ୍ଭ କରିଛି।

ଭୁବନେଶ୍ୱର ଜୋନରେ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ, ଅଶୋକ ପଣ୍ଡା, ଓଏଫଏସ୍ ଗୀତା ଦାସ, ଅମିତ କୁମାର ନାୟକ, ସୋନାଲି ଶୁଭଦର୍ଶିନୀ, ଶୁଭେନ୍ଦୁ ପଣ୍ଡା, ବିବିଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ସୁନିଲ ମିତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ସେହିଭଳି କଟକ ଜୋନରେ ଓଡ଼ିଶା ପୁଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ, ଫାଓର ଉପସଭାପତି ବିଜୟ ଦାସ, କୋଷାଧ୍ୟକ୍ଷ ଭକ୍ତବତ୍ସଳ ଦାସ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଲିଗ୍‌ରେ ୧୨ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି।

# ରୋମାଞ୍ଚକ ସ୍ଥିତିରେ ଦ୍ୱିତୀୟ ଟେଷ୍ଟ

ସିଲହଟ୍, ୧୯।୫ (ଏଜେନ୍ସି): ଘରୋଇ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ୪୩୭ ରନର କଷ୍ଟସାଧ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ପାକିସ୍ତାନ ମଙ୍ଗଳବାର ୪ର୍ଥ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୭ ୱିକେଟ୍ ହରାଇ ୩୧୬ ରନ ସଂଗ୍ରହ କରିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସ। ବଳକା ୩ ୱିକେଟ୍‌ରେ ପାକିସ୍ତାନକୁ ବିଜୟ ଲାଗି ଆଉ ୧୨୧ ରନ ଆବଶ୍ୟକ ପଡୁଛି। ଷ୍ଟମ୍ପ୍ସବେଳକୁ ଅଭିଜ୍ଞ ବ୍ୟାଟର୍ ମହମ୍ମଦ ରିଜୱାନ ୭୫ ଓ ସାଜିଦ ଖାନ ୮ ରନ କରି ଖେଳୁଛନ୍ତି। ତେଣୁ ରିଜୱାନଙ୍କ ଉପରେ ସିରିଜର ଫଳାଫଳ ଏବେ ନିର୍ଦ୍ଧାରଣ କରିବ। ଆଉଟ୍ ହୋଇଥିବା ବ୍ୟାଟରଙ୍କ ମଧ୍ୟରେ ବାବର ଆଜମ ୪୭, ସଲମାନ ଆଘା ୭୧, ଅବଦୁଲ ଫଜର ଓ ସାଉଦ ସକିଲ ୬ ରନ ଲେଖାଏ କରିଛନ୍ତି। ବୋଲିଂରେ ବାଂଲାଦେଶ ପାଇଁ ବାମହାତୀ ସ୍ପିନର ତାଇଜୁଲ ଇସଲାମ ସର୍ବାଧିକ ୪ଟି ୱିକେଟ ନେଇଛନ୍ତି। ଅନ୍ତିମ ଦିବସର ପ୍ରଥମ ସେସନରେ ବଳକା ୩ଟି ୱିକେଟ୍ ନେଇ ବାଂଲାଦେଶ ଐତିହାସିକ ସିରିଜ ବିଜୟ ଲକ୍ଷ୍ୟରେ ରହିଛି। ପୂର୍ବରୁ ଢାକାରେ ଅନୁଷ୍ଠିତ ସିରିଜର ପ୍ରଥମ ମ୍ୟାଚକୁ ୧୦୪ ରନରେ ଜିତି ବାଂଲାଦେଶ ୧-୦ରେ ଅଗ୍ରଣୀ ରହିଛି।



**ବାଂଲାଦେଶକୁ ୩ ୱିକେଟ; ପାକିସ୍ତାନକୁ ଦରକାର ୧୨୧ ରନ**

# ତମାଣ୍ଡୋରେ ହେବ ଟେନିସ ପ୍ରିମିୟର ଲିଗ୍ କ୍ରିକେଟ

ଭୁବନେଶ୍ୱର,୧୯।୫(ସମିସ): ରାଜ୍ୟରେ ଏକ ସମ୍ଭ୍ରାନ୍ତ ଓ ଅନ୍ୟତମ ଶ୍ରେଷ୍ଠ ଡ୍ୟୁଜ୍‌ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ 'ତମାଣ୍ଡୋ କପ୍' ଆୟୋଜନ କରୁଥିବା ତମାଣ୍ଡୋ କ୍ରିକେଟ କ୍ଲବ୍ ପକ୍ଷରୁ ପ୍ରଥମଥର ଏକ ଟେନିସ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ମେ ୨୨ ତାରିଖରୁ ଏହା ଆରମ୍ଭ ହୋଇ ୩୧ତାରିଖରେ ଶେଷ ହେବ ବୋଲି କ୍ଲବ୍‌ର ସମ୍ପାଦକ ଅମୂଲ୍ୟକୁମାର ଜେନା ଜଣାଇଛନ୍ତି। ଆଇପିଏଲ୍ ଢ଼ାଞ୍ଚାରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ ରବିନ ଲିଗ୍ ପର୍ଯ୍ୟାୟ ଶେଷହେବା ପରେ ମେ ୨୭ରେ ପ୍ରଥମ କ୍ୱାଲିଫାୟର, ୨୮ ରେ ଏଲିମିନେଟର ଓ ୨୯ରେ ଦ୍ୱିତୀୟ କ୍ୱାଲିଫାୟର ମୁକାବିଲା ହେବ। ମେ ୩୧ରେ ଗ୍ରାଣ୍ଡ ଫାଇନାଲ ଖେଳାଯିବ। ଅଂଶଗ୍ରହଣ କରୁଥିବା ଦଳଗୁଡିକ ହେଲେ ତମାଣ୍ଡୋ ଟାଇଟାନ୍ସ, ବାବା ଶମ୍ଭୁ, ବାଲୁଙ୍କେଶ୍ୱର ୱାରିୟର୍ସ, ମା ନାରାୟଣୀ ୱାରିୟର୍ସ ଓ କେସିସି ଏଗଟଆଲାଇଭ୍ କ୍ରିକେଟ ଟିମ୍।

# କଳିଙ୍ଗରେ ପାରା ସନ୍ତରଣ ଚୟନ ପ୍ରକ୍ରିୟା

ଭୁବନେଶ୍ୱର, ୧୯।୫ (ସମିସ): ରାଜ୍ୟ କନିଷ୍ଠ ଓ ଉପ-କନିଷ୍ଠ ପାରା ସନ୍ତରଣ ଚୟନ ପ୍ରକ୍ରିୟା ଗୁରୁବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ସହଯୋଗରେ ଏହି ଚୟନ ପ୍ରକ୍ରିୟା ଆୟୋଜିତ ହେବ। ଏହି ଚୟନ ଶିବିରରେ ଜୁନିଅର ଓ ସବ୍-ଜୁନିଅର ବାଳକ ଓ ବାଳିକା ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ସହିତ ଜାତୀୟସ୍ତରରେ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପାରା ସନ୍ତରଣକାରୀଙ୍କୁ ଆଗାମୀ ଜାତୀୟ ଚାମ୍ପିଅନସିପ୍ ଲାଗି ଚୟନ କରାଯିବ। ଜାତୀୟ ଜୁନିଅର ଓ ସବ୍-ଜୁନିଅର ପାରା ସନ୍ତରଣ ଚାମ୍ପିଅନସିପ୍ ବେଙ୍ଗାଲୁରୁରେ ଜୁନ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଜାତୀୟ କନିଷ୍ଠ ବାସ୍କେଟବଲ୍: ଓଡ଼ିଶା ଦଳର ପୁଡୁଚେରୀ ଗସ୍ତ



ଭୁବନେଶ୍ୱର, ୧୯।୫ (ସମିସ): ଜାତୀୟ କନିଷ୍ଠ ବାସ୍କେଟବଲ୍ ଚାମ୍ପିଅନସିପ୍‌ର ୭୬ତମ ସଂସ୍କରଣ ମେ ୨୨ ତାରିଖରୁ ପୁଡୁଚେରୀର ରାଜୀବ ଗାନ୍ଧୀ ଇନଡୋର ଷ୍ଟାଡିୟମରେ ଆରମ୍ଭ ହେବ। ଏଥିଲାଗି ୨୪ ଜଣିଆ ଓଡ଼ିଶା ବାଳକ ଓ ବାଳିକା ଦଳ ମଙ୍ଗଳବାର ଭୁବନେଶ୍ୱର ରେଳ ଷ୍ଟେସନରୁ ପୁଡୁଚେରୀ ଅଭିମୁଖେ ଯାତ୍ରା କରିଛି। ପ୍ରଶାନ୍ତ କୁମାର ନାୟକ ବାଳକ ଦଳର ମୁଖ୍ୟ ପ୍ରଶିକ୍ଷକ ଓ ସୌରଭ ସାହୁ ସହକାରୀ ରହିଛନ୍ତି। ସେହିଭଳି ପ୍ରଶାନ୍ତ କୁମାର ତରାଇ ଓ ସ୍ୱର୍ଣ୍ଣପ୍ରଭା ବେହେରା ଯଥାକ୍ରମେ ବାଳିକା ଦଳର ମୁଖ୍ୟ କୋଚ୍ ଓ ସହକାରୀ କୋଚ୍ ଭାବେ ଦଳ ସହ ଯାତ୍ରା କରିଛନ୍ତି। ଜ୍ଞାନେନ୍ଦୁ ସାମନ୍ତ ଓ ପ୍ରଶାନ୍ତ ନାୟକ ମ୍ୟାନେଜର ରହିଛନ୍ତି। ଏହି ଅବସରରେ ଓଡ଼ିଶା ବାସ୍କେଟବଲ୍ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଓ ସଭାପତି ଜ୍ଞାନରଞ୍ଜନ ପରିଡ଼ା ଉଭୟ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

**ଓଡ଼ିଶା ବାଳିକା ଦଳ:** ନାବ୍ୟା ସାଇଶ୍ରୀ ଛୁଆଳସିଂ, କାଜଲ ବାରିକ, ଅନୁଷ୍କା ପରିଡ଼ା, ଇଷା ପାଢ଼ୀ, ସୁନୀତା ଭୋଇ, ବିଦ୍ୟା ଭାସୁମତି, ପାତ୍ର, ଅନ୍ୱେଷା ଏକା, ରାଜଶ୍ରୀ ମହାପାତ୍ର, ପ୍ରିୟା ପାତ୍ର, ସାଇ ଶୁଭଶ୍ରୀ ସାହୁ, ଶ୍ରୀୟା ମହାପାତ୍ର ଓ ଯମୁନା ହାଁସଦା। **ଓଡ଼ିଶା ବାଳକ ଦଳ:** ଅଭିଷେକ ବାରିକ, ଆଲୋକ ରଞ୍ଜନ ଲାକ୍ରା, କୁନାଲ ସ, ଆଶୁତୋଷ ପଣ୍ଡା, ବିଷ୍ଣୁ ବେହେରା, ସୁନିଲ ଘଡ଼େଇ, ଓମ୍ ବାଦାତ, ଏସ ଅନୁଭବ ରାଓ, ହର୍ଷିତ ମହାପାତ୍ର, ଔସିମ ଖାନ, ବାସୁଦେବ ଦାସ ଓ ସଂଗ୍ରାମ ବାରିକ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS